CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

● Vol.- 45, No. 331 Bhubaneswar, Tuesday, 03 March 2026 ● R.N.I. Regd. No. 34063/81 ● Postal Regd. No. BN/79/18-20, ● ୪୫ ବର୍ଷ, ସଂଖ୍ୟା-୩୩୧ ଭୁବନେଶ୍ୱର, ମଙ୍ଗଳବାର ୦୩ ମାର୍ଚ୍ଚ ୨୦୨୬ ● ମୂଲ୍ୟ: ୨.୦୦ ● ପୃଷ୍ଠା-୮

## ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଆକାଶରୁ ଖସୁଛି ନିଆଁ

* ଇରାନ ସମେତ ୧୨ ଦେଶକୁ ବ୍ୟାପିଲା ଯୁଦ୍ଧ
* ତେହେରାନ ଆମେରିକା ସହିତ 'ଆଲୋଚନା କରିବ ନାହିଁ'
* ଇରାନରେ ୫୫୫ ଜଣଙ୍କ ମୃତ୍ୟୁ
* ମଧ୍ୟପ୍ରାଚ୍ୟର ପରିସ୍ଥିତି 'ଅତ୍ୟନ୍ତ ଚିନ୍ତାଜନକ': ଗ୍ରୋସି
* ଏଫ-୧୫ ଲଢୁଆ ବିମାନ ଖସାଇ ଦେଇଥିବା ଇରାନର ଦାବି
* 'ଇରାନର କୌଣସି ପରମାଣୁ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇନାହିଁ'
* ଆକ୍ରମଣର ଲକ୍ଷ୍ୟ ଶାସନ ପରିବର୍ତ୍ତନ ନୁହେଁ : ଆମେରିକା ପ୍ରତିରକ୍ଷା ସଚିବ
* ଯୁଦ୍ଧ ଚାରି ସପ୍ତାହର ହୋଇପାରେ: ଟ୍ରମ୍ପ
* ଉପସାଗରୀୟ ସହରଗୁଡ଼ିକ ବିସ୍ଫୋରଣ ଧ୍ୱନିରେ ଥରୁଛି



ନୂଆଦିଲ୍ଲୀ, ୨ ।୩: ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବରେ ଇରାନ ଉପରେ ଆକ୍ରମଣ କରିବା ପରେ, ତେହେରାନ ଆମେରିକୀୟ ସାମରିକ ଘାଟି ଏବଂ ସମ୍ପତ୍ତି ଉପରେ ପ୍ରତିଶୋଧମୂଳକ ଆକ୍ରମଣ ଆରମ୍ଭ କରିଛି । ଯୁଦ୍ଧ ସୋମବାର ତୃତୀୟ ଦିନରେ ପହଞ୍ଚିଛି । ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଏକ ବ୍ୟାପକ ସଂଘର୍ଷର ଆଶଙ୍କା ସୃଷ୍ଟି କରିଛି । ଯୁଦ୍ଧର ପରିଣାମରେ ଆକାଶରୁ ଅଗ୍ନିବର୍ଷା ହେଉଛି । ଏବେ ୧୨ ଟି ଦେଶରେ ଯୁଦ୍ଧ ଚାଲିଛି । ତାହା ମଧ୍ୟରେ ରହିଛି ଦୁବାଇ, ଆବୁଧାବି, ସାଉଦି ଆରବ,ରିୟାଦ, କାତାର, ମାନାମା (ବାହାରିନ), କୁଏତ,ଜୋର୍ଡାନ, ଏରବିଲ ଓ ବାଗଦାଦ, ଓମାନର ଦକମ ପୋର୍ଟ, ଲୋବାନନର ବିରୁଟ୍ ଓ ତେହେରାନ । ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ କହିଛନ୍ତି ଯେ ଇରାନ ଉପରେ ଆକ୍ରମଣର ଲକ୍ଷ୍ୟ ଶାସନ ପରିବର୍ତ୍ତନ ନୁହେଁ । କିନ୍ତୁ ଶାସନ ନିଶ୍ଚିତ ଭାବରେ ପରିବର୍ତ୍ତିତ ହୋଇଛି ଏବଂ ଏହା ବିଶ୍ୱ ପାଇଁ ଭଲ । ଇରାନର ଜଣେ ସର୍ବୋଚ୍ଚ ଅଧିକାରୀ କହିଛନ୍ତି ଯେ ତେହେରାନ ଆମେରିକା ସହିତ 'ଆଲୋଚନା କରିବ ନାହିଁ' । ଇସ୍ରାଏଲ ଏବଂ ହିଜବୋଲା ସଂଘର୍ଷ ବୃଦ୍ଧି ପାଇବା ସହିତ ପରସ୍ପରକୁ ଆଘାତ କରୁଛନ୍ତି । ଦୁବାଇ, ଆବୁଧାବି ଏବଂ ଦୋହା ସମେତ ଉପସାଗରୀୟ ସହରଗୁଡ଼ିକ ବିସ୍ଫୋରଣର ଧ୍ୱନିରେ ଥରୁଛି । ଆମେରିକୀୟ ସେନା ପକ୍ଷରୁ କୁହାଯାଇଛି, କୁଏତ ବାୟୁ ପ୍ରତିରକ୍ଷା ଦ୍ୱାରା ତିନୋଟି ଆମେରିକୀୟ ଯୁଦ୍ଧ ବିମାନକୁ ଭୁଲବଶତଃ ଗୁଳି କରି ଖସାଇ ଦିଆଯାଇଛି । ସମସ୍ତ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି ଏବଂ ସେମାନେ ସ୍ଥିର ଅବସ୍ଥାରେ ଅଛନ୍ତି । ଇତିମଧ୍ୟରେ ରେଡ କ୍ରିସେଣ୍ଟ ସୋସାଇଟି ଅନୁଯାୟୀ, ଆମେରିକା-ଇସ୍ରାଏଲ ଆକ୍ରମଣ ଆରମ୍ଭ ହେବା ପରଠାରୁ ଇରାନରେ ଅତି କମ୍‌ରେ ୫୫୫ ଜଣଙ୍କର ମୃତ୍ୟୁ ହୋଇଛି । କୁଏତରେ ଚାରି ଜଣ ଆମେରିକୀୟ ସୈନିକଙ୍କ ମୃତ୍ୟୁ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱୀକାର କରିଛନ୍ତି ଯେ ଆହୁରି ଅଧିକ ଆମେରିକୀୟ ମୃତାହତ ହୋଇପାରନ୍ତି । ସୋମବାର ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)ର ନିର୍ଦ୍ଦେଶକ ଜେନେରାଲ ରାଫେଲ ମାରିଆନୋ ଗ୍ରୋସି ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ସୁରକ୍ଷା ପରିସ୍ଥିତି ଉପରେ ଗଭୀର ଚିନ୍ତା ପ୍ରକଟ କରି ଚେତାବନୀ ଦେଇଛନ୍ତି ଯେ ଗମ୍ଭୀର ପରିଣାମ ସହିତ ପାରମାଣବିକ ପ୍ରଭାବରୁ ମୁକ୍ତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ । ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ମୁଖ୍ୟ ରାଫେଲ ଗ୍ରୋସି କହିଛନ୍ତି ଯେ ଏପର୍ଯ୍ୟନ୍ତ ଏଜେନ୍ସି ପାଖରେ 'କୌଣସି ସୂଚନା ନାହିଁ' ଯେ ଇରାନରେ କୌଣସି ପରମାଣୁ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ କିମ୍ବା ଆଘାତ ପାଇଛି । ଇରାନର ଆଇଆରଜିସି ଦାବି କରିଛି ଯେ ଏହାର ସଦ୍ୟତମ କ୍ଷେପଣାସ୍ତ୍ର ଆକ୍ରମଣ ଏକ 'ଆଶ୍ଚର୍ଯ୍ୟଜନକ' ଆକ୍ରମଣରେ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଏବଂ ଇସ୍ରାଏଲୀ ବାୟୁସେନା କମାଣ୍ଡରଙ୍କ ସ୍ଥାନକୁ ଟାର୍ଗେଟ କରିଥିଲା ।ଇରାନ ଟାଇମ୍ସ ଅନୁଯାୟୀ, ଆକ୍ରମଣ ପରେ ନେତାନ୍ୟାହୁଙ୍କ ଭାଗ୍ୟ 'ଅସ୍ପଷ୍ଟ' ବୋଲି ଆଇଆରଜିସି ଦାବି କରିଛି । ସୋମବାର ଇରାନ ଦାବି କରିଛି ଯେ ସେ ଏକ ଏଫ-୧୫ ଲଢୁଆ ବିମାନକୁ ଖସାଇ ଦେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ଚାରି ସପ୍ତାହର ହୋଇପାରେ ବୋଲି କହିଛନ୍ତି । ଏକ ବ୍ରିଟିଶ ଖବରକାଗଜ ଟ୍ରମ୍ପଙ୍କୁ ଉକ୍ତିକୁ ଉଦ୍ଧୃତ କରି ଏପରି କହିଛି ।



### ଅଭିନନ୍ଦନ

ପବିତ୍ର ଦୋଳ ପର୍ବ ଏବଂ ହୋଲି ଉପଲକ୍ଷେ 'ଦିନଲିପି' ପରିବାର ପକ୍ଷରୁ ଶୁଭେଚ୍ଛା ।

- ସମ୍ପାଦକ

### ଛୁଟି ଘୋଷଣା

ପବିତ୍ର ଦୋଳ, ହୋଲି ଉପଲକ୍ଷେ 'ଦିନଲିପି' କାର୍ଯ୍ୟାଳୟ ଓ ପ୍ରେସ୍ ମାର୍ଚ୍ଚ ୩ ଏବଂ ୪ ତାରିଖ ବନ୍ଦ ରହିବ । 'ଦିନଲିପି'ର ପରବର୍ତ୍ତୀ ସଂସ୍କରଣ ୫ ତାରିଖ ସନ୍ଧ୍ୟାରେ ପ୍ରକାଶ ପାଇବ ।

- ପରିଚାଳକ

## ମାଟ୍ରିକ ସରିଲା: ଫଳାଫଳ ମେ ଦ୍ୱିତୀୟ ସପ୍ତାହରେ

କଟକ, ୨ ।୩(ନି ପ୍ର): ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଶେଷ ହୋଇଛି । ଶେଷ ଦିନରେ ଗଣିତ ପାଇଁ ପରୀକ୍ଷା ହୋଇଛି, ଏବଂ ଉତ୍ତର ଦେବା ଲାଗି ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍‌ର ସମୟ ମିଳିଛି । ପରୀକ୍ଷା ଶେଷ ହେବାର ଘଣ୍ଟି ବାଜିବା ପରେ, କେନ୍ଦ୍ରରୁ ବାହାରି ଥିବା ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ମୁହଁରୁ ଆଜି ଯେମିତି ଖୁସି ବାରି ହୋଇ ପଡୁଥିଲା । ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାର ବୋଝ ମୁଣ୍ଡରୁ ଓହ୍ଲାଇ ଯାଇଛି । ତେଣୁ ପରୀକ୍ଷା କେନ୍ଦ୍ର ବାହାରେ ଆଜି ପିଲାମାନେ ହୋଲି ଉତ୍ସବ ପାଳନ କରିଛନ୍ତି । ଯେହେତୁ ପରୀକ୍ଷା ଭଲ ହୋଇଛି, ତେଣୁ ଅନେକେ ଖୁସି ଥିଲେ । ଆଉ କିଛି ପରୀକ୍ଷାର୍ଥୀ, ପରୀକ୍ଷା ଚାପରୁ ମୁକ୍ତ ହୋଇଥିବା କାରଣରୁ ଖୁସି ପ୍ରକଟ କରିଛନ୍ତି । ସେହି ମାତ୍ରାରେ ଅଭିଭାବକମାନେ ବି ଅନେକାଂଶରେ ଆଶ୍ୱସ୍ତି ଅନୁଭବ କରିଛନ୍ତି । କାରଣ ସେମାନଙ୍କ ପିଲାମାନେ ପରୀକ୍ଷାରେ ଭଲ କରିଛନ୍ତି । ଏଥର ମାଟ୍ରିକ୍ ପରୀକ୍ଷା ପାଇଁ ୫ ଲକ୍ଷ ୪୬ ହଜାର ୫ ଶହ ୮୨ ଜଣ ଛାତ୍ରଛାତ୍ରୀ ଫର୍ମ ଫିଲଅପ କରିଥିଲେ । ୩ ହଜାର ୮୨ ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା । ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିଲା । ୧୯ ତାରିଖରୁ ସବଜେକ୍ଟିଭ ପେପର ଗୁଡିକର ମୂଲ୍ୟାୟନ ଆରମ୍ଭ ହୋଇଯିବ । ଖାତା ଦେଖା ପାଇଁ ୫୨ଟି ମୂଲ୍ୟାୟନ କେନ୍ଦ୍ରର ବ୍ୟବସ୍ଥା ହୋଇଛି । ମେ' ମାସ ୨ୟ ସପ୍ତାହ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ କରିବାକୁ ସବୁ ପ୍ରକାରର ଚେଷ୍ଟା କରାଯାଉଛି ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ।

## ସୁନା, ରୁପା ଦରରେ ଯୁଦ୍ଧ ପ୍ରଭାବ

ଭୁବନେଶ୍ୱର, ୨ ।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ବଢ଼ିଛି ସୁନା ଓ ରୁପା ଦର । ୩ ପ୍ରତିଶତ ଲେଖାଏଁ ସୁନା ଓ ରୁପା ଦର ତେଜିଛି । ୨୪ କ୍ୟାରେଟ୍ ସୁନା ଦର ୫ ହଜାର ଟଙ୍କା ବଢିଛି । ୧୦ ଗ୍ରାମ୍ ସୁନା ଦର ୧ ଲକ୍ଷ ୭୦ ହଜାର ୩୦୯ ଟଙ୍କାରେ ପହଞ୍ଚିଛି । ସେହିପରି ରୁପା ଦର ୯ହଜାର ଟଙ୍କା ବୃଦ୍ଧି ପାଇଛି । ରୁପା ଦର ବୃଦ୍ଧିପାଇ କେଜି ୩ ଲକ୍ଷ ୨୫ ହଜାର ୧୦୦ ଟଙ୍କାରେ ପହଞ୍ଚିଛି ।

## ୫ରେ ଅମିତ୍ ଶାହଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨ ।୩: କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମାର୍ଚ୍ଚ ୫ ତାରିଖ ସଂଧ୍ୟାରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀରୁ ଆସି ଓଡିଶାରେ ପହଞ୍ଚିବେ । ୬ ତାରିଖ ସକାଳେ କଟକ ମୁଣ୍ଡଳୀସ୍ଥିତ ସିଆଇଏସଏଫର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ ।

## ଶତ୍ରୁତା ଶୀଘ୍ର ବନ୍ଦ ହେଉ: ମୋଦି

### ପଶ୍ଚିମ ଏସିଆ ପରିସ୍ଥିତି ନେଇ ଉଦ୍‌ବେଗ ପ୍ରକଟ



ନୂଆଦିଲ୍ଲୀ, ୨ ।୩: ଇରାନରେ ଚାଲିଥିବା ସଂକଟ ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗରେ ତାଙ୍କର ପ୍ରଥମ ବିବୃତି ଦେଇଛନ୍ତି । ସେ ସମ୍ପୃକ୍ତ ପକ୍ଷମାନଙ୍କୁ ଶାନ୍ତି ପାଇଁ ନିବେଦନ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ସେ ଆଲୋଚନା ଏବଂ କୂଟନୀତି ସପକ୍ଷରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ବିଶ୍ୱରେ ଚାଲିଥିବା ଅନେକ ଉତ୍ତେଜନା ଉପରେ ଭାରତର ସ୍ଥିତି ସ୍ପଷ୍ଟ । ଆମେ ସର୍ବଦା ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ଆହ୍ୱାନ କରିଛୁ ଏବଂ ଯେତେବେଳେ ଦୁଇଟି ଗଣତାନ୍ତ୍ରିକ ଦେଶ ଏକାଠି ଛିଡ଼ା ହୁଅନ୍ତି, ଶାନ୍ତି ପାଇଁ ସ୍ୱର ଆହୁରି ଦୃଢ଼ ହୁଏ । ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ଆମ ପାଇଁ ଗଭୀର ଚିନ୍ତାର ବିଷୟ । ଭାରତ ସମସ୍ତ ବିବାଦର ସମାଧାନ ପାଇଁ ଆଲୋଚନା ଏବଂ କୂଟନୀତିକୁ ସମର୍ଥନ କରେ । ଏହି କ୍ଷେତ୍ରରେ ସମସ୍ତ ଭାରତୀୟ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ସମସ୍ତ ଦେଶ ସହିତ ଘନିଷ୍ଠ ଭାବରେ କାମ କରିବୁ ।' ସୋମବାର କାନାଡା ପ୍ରଧାନମନ୍ତ୍ରୀଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ସେ ଏହି ବିବୃତି ଦେଇଛନ୍ତି । ଏହା ପୂର୍ବରୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ମଧ୍ୟ ଫୋନ୍‌ରେ କଥା ହୋଇଥିଲେ । ସେମାନେ ପଶ୍ଚିମ ଏସିଆର ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ ଏବଂ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଭାରତର ଚିନ୍ତାକୁ ଜଣାଇଥିଲେ । କଥାବାର୍ତ୍ତା ସମୟରେ, ପ୍ରଧାନମନ୍ତ୍ରୀ ନାଗରିକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏକ୍ସ-ରେ ଏକ ପୋଷ୍ଟରେ, ମୋଦି କହିଛନ୍ତି, 'ମୁଁ ବର୍ତ୍ତମାନର ଆଞ୍ଚଳିକ ପରିସ୍ଥିତି ବିଷୟରେ ଆଲୋଚନା କରିବା ପାଇଁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଫୋନ୍‌ରେ କଥା ହୋଇଥିଲି । ମୁଁ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଭାରତର ଚିନ୍ତା ପ୍ରକାଶ କରିଥିଲି ଏବଂ ନାଗରିକଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲି । ଭାରତ ଶତ୍ରୁତା ଶୀଘ୍ର ବନ୍ଦ କରିବାର ଆବଶ୍ୟକତାକୁ ଦୋହରାଉଛି ।'



ପବିତ୍ର ହୋଲି ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/25-26/0005

15001/5/2526



ହୋଲି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରଙ୍ଗ ଓ ଆନନ୍ଦର ଉତ୍ସବ ହୋଲି ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ଏବଂ ଭାଇଚାରା ଓ ସାମାଜିକ ସଦ୍‌ଭାବକୁ ଆହୁରି ସୁଦୃଢ଼ କରୁ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

CMYK

# -ଚନ୍ଦ୍ରଗ୍ରହଣ-

**ମାର୍ଚ୍ଚ ୦୩ ତାରିଖ ଫାଲଗୁନ ପୂର୍ଣ୍ଣିମା ମଙ୍ଗଳବାର ଓଡ଼ିଶା ସମେତ ଭାରତରେ ଦୃଶ୍ୟ ଚନ୍ଦ୍ରଗ୍ରହଣ ପାଳନୀୟ..**

ପାକତ୍ୟାଗ:- ୦୩.୦୩.୨୦୨୬
ଦେବନୀତି ନିଷେଧ:- ସକାଳ ଘ: ୦୬:୨୦ ଠାରୁ ସଂଧ୍ୟା ଘ: ୦୬:୪୭ ପର୍ଯ୍ୟନ୍ତ
ଗ୍ରହଣ ସ୍ପର୍ଶ- ଦିବା ଘ: ୦୩:୨୦
ଗ୍ରହଣ ମଧ୍ୟ- ସଂଧ୍ୟା ଘ: ୦୫:୦୪
ଗ୍ରହଣ ଦୃଶ୍ୟ- ସଂଧ୍ୟା ଘ: ୦୫:୫୦
ଗ୍ରହଣ ମୋକ୍ଷ- ସଂଧ୍ୟା ଘ: ୦୬:୪୭
ପାକନୀତି ଓ ଦେବନୀତି- ଘ: ୦୬:୫୦ (ସଂଧ୍ୟା) ଗତେ



## ଗ୍ରହଣବେଳେ କ'ଣ କରିବେ ?

- ଠାକୁରଙ୍କ ନାମ ଜପ ଓ ଧ୍ୟାନ କରିବେ
- ବସ୍ତ୍ର ଓ ଅର୍ଥଦାନ ଦେଇପାରିବେ
- ଗ୍ରହଣ ସର୍ବମୋକ୍ଷ ପରେ ସ୍ନାନ କରିବେ







# ହୋଲି ପବିତ୍ର ପରମ୍ପରା

ହୋଲି ହିନ୍ଦୁମାନଙ୍କର ଏକ ପବିତ୍ର ପ୍ରାଚୀନ ପରମ୍ପରା, ଭାରତର ଅନେକ ରାଜ୍ୟରେ ଏହା ଏକ ଛୁଟିଦିନ ଏବଂ ଅନ୍ୟ ଦେଶରେ ଆଞ୍ଚଳିକ ଛୁଟିଦିନ ପାଳନ କରାଯାଏ। ଏହା ଏକ ସାଂସ୍କୃତିକ ଉତ୍ସବ ଯାହା ହିନ୍ଦୁ ଏବଂ ଅଣହିନ୍ଦୁମାନଙ୍କୁ ପରସ୍ପର ଉପରେ ରଙ୍ଗୀନ ପାଣି ଏବଂ ପାଉଡର ଫିଙ୍ଗି ଅନ୍ୟ ଲୋକଙ୍କ ସହିତ ମଜା କରିବା ଏବଂ ଖେଳିବାର ସୁଯୋଗ ଦିଏ। ଏହା ଭାରତୀୟ ଉପମହାଦେଶରେ ମଧ୍ୟ ବ୍ୟାପକ ଭାବରେ ପାଳନ କରାଯାଏ। ହୋଲି ଶୀତକାଳର ଶେଷରେ, ହିନ୍ଦୁ ଚନ୍ଦ୍ର-ସୌର କ୍ୟାଲେଣ୍ଡର ମାସର ଶେଷ ପୂର୍ଣ୍ଣିମା ଦିନ ପାଳନ କରାଯାଏ, ଯାହା ବସନ୍ତକୁ ଚିହ୍ନିତ କରେ, ଯାହା ଚନ୍ଦ୍ରଚକ୍ର ସହିତ ତାରିଖ ପରିବର୍ତ୍ତନ କରିଥାଏ। ଏହି ତାରିଖ ସାଧାରଣତଃ ମାର୍ଚ୍ଚ ମାସରେ ପଡ଼ିଥାଏ, କିନ୍ତୁ କେତେକ ସମୟରେ ଗ୍ରେଗୋରୀୟ କ୍ୟାଲେଣ୍ଡରର ଫେବୃଆରୀ ଶେଷ ଭାଗରେ ପଡ଼ିଥାଏ। ଏହି ପର୍ବର ଅନେକ ଉଦ୍ଦେଶ୍ୟ ଅଛି; ସବୁଠାରୁ ପ୍ରମୁଖ କଥା ହେଉଛି, ଏହା ବସନ୍ତର ଆରମ୍ଭକୁ ପାଳନ କରେ। ୧୭ଶ ଶତାବ୍ଦୀର ସାହିତ୍ୟରେ, ଏହାକୁ ଏକ ପର୍ବ ଭାବରେ ଚିହ୍ନଟ କରାଯାଇଥିଲା ଯାହା କୃଷି ପାଳନ କରେ, ଭଲ ବସନ୍ତ ଫସଲ ଏବଂ ଉର୍ବର ଭୂମିକୁ ସ୍ମରଣ କରେ। ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ ଏହା ବସନ୍ତର ପ୍ରଚୁର ରଙ୍ଗ ଉପଭୋଗ କରିବା ଏବଂ ଶୀତକୁ ବିଦାୟ ଦେବାର ସମୟ। ଅନେକ ହିନ୍ଦୁଙ୍କ ପାଇଁ, ହୋଲି ଉତ୍ସବ ଭାଙ୍ଗିଯାଇଥିବା ସମ୍ପର୍କକୁ ପୁନଃସ୍ଥାପନ ଏବଂ ନବୀକରଣ କରିବା, ଦ୍ୱନ୍ଦ୍ୱ ସମାପ୍ତ କରିବା ଏବଂ ଅତୀତର ସଂଗୃହିତ ଭାବପ୍ରବଣ ଅଶୁଦ୍ଧତାରୁ ନିଜକୁ ମୁକ୍ତ କରିବାର ଏକ ଅବସର।

ଚନ୍ଦ୍ରଗ୍ରହଣ ପାଇଁ ମଙ୍ଗଳା ମନ୍ଦିରରେ

## ସ୍ୱତନ୍ତ୍ର ନୀତିକାନ୍ତି



ଚଳିତ ମାସ ୩ ତାରିଖ ମଙ୍ଗଳବାର ଦୋଳ ପୂର୍ଣ୍ଣିମା ତିଥିରେ ଓଡିଶାରେ ପୂର୍ଣ୍ଣ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ଲାଗୁଛି, ଯାହାକୁ ନେଇ ମନ୍ଦିର ସେବକ ସମିତି,ପୂଜା ପଣ୍ଡା, ପାଳିଆ ସେବକ, ପୁରୋଧା, ଉପଦେଷ୍ଟା ମଣ୍ଡଳୀ, ପଞ୍ଜିକାରଙ୍କ ନିଷ୍ପତ୍ତିକୁ ଆଧାର କରି କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦ୍ରଗ୍ରହଣ ସମେତ ମା ମଙ୍ଗଳାଙ୍କ ସ୍ୱତନ୍ତ୍ର ନୀତିକାନ୍ତି ନିର୍ଘଣ୍ଟ କରାଯାଇଛି। ନିୟମ ମୁତାବକ ସୋମବାର ମଧ୍ୟ ରାତ୍ର ୧୨ ଘଟିକା ୫ ମିନିଟ ସମୟ ରେ ଦ୍ୱାର ଫିଟା ଯାଇ ମଙ୍ଗଳ ଆରତି ହେବ, ମା ଙ୍କର ସ୍ନାନ ମାର୍ଜନା ପରେ ରାତ୍ର ୧ଘଟିକା ୫ ମିନିଟ ରେ ବେଶ କରାଯାଇ ରାତ୍ର ୧ ଘଟିକା ୧୦ ମିନିଟ ରୁ ୩୫ ମିନିଟ ପର୍ଯ୍ୟନ୍ତ ସୂର୍ଯ୍ୟପୂଜା ହେବ, ରାତ୍ର ୧ ଘଟିକା ୪୦ ମିନିଟ ରୁ ୨ ଘଟିକା ୧୦ ମିନିଟ ଭିତରେ ବଲ୍ଲଭ ପୂଜା ଓ ୨ ଘଟିକା ୧୫ ମିନିଟ ରୁ ସକାଳ ଧୂପ ଲାଗି ହୋଇ ସାହାଣ ମେଲା କରାଯିବ, ମଙ୍ଗଳବାର ସନ୍ଧ୍ୟା ୬ ଘଟିକା ୪୭ ମିନିଟ ୧୮ ସେକେଣ୍ଡ ପରେ ଗ୍ରହଣ ସର୍ବମୋକ୍ଷ ହେବାପରେ ମା ଙ୍କର ମହାସ୍ନାନ ହେବ। ଗ୍ରହଣ ସମୟରେ ସାହାଣ ମେଲା ହେବା ପରେ ପ୍ରତ୍ୟେକ ଭକ୍ତ ଗର୍ଭଗୃହକୁ ନ ଯାଇ ମା ଙ୍କୁ ମୁଖଶାଳାରୁ ଦର୍ଶନ କରିବେ। ଭୋଗ, ଧୂପ ଦୀପ ନୈବେଦ୍ୟ ଏହି ସମୟ ରେ ବନ୍ଦ ରହିବ। ଏହି ନୀତିକାନ୍ତି ସମ୍ପନ୍ନ ହେବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଦାସ ସୂଚନା ପ୍ରଦାନ କରିଛନ୍ତି ।

*ରିପୋର୍ଟ: ତୁଷାର ଦୀକ୍ଷିତ୍*

# ହୋଲି





**ଏହି ଦିନ ରାଧାକୃଷ୍ଣଙ୍କ ବିଗ୍ରହକୁ ଅବିର ଦ୍ୱାରା ସଜା ଯାଏ ଏବଂ ପୂଜାର୍ଚ୍ଚନା କରାଯାଏ। ଦୋଳ ପୂର୍ଣ୍ଣିମାର ପର ଦିନ ଆମେ ହୋଲି ଖେଳି ଥାଉ। ଦୋଳ ପୂର୍ଣ୍ଣିମା ରାତିରେ ଅନେକ ସ୍ଥାନରେ ହୋଲି ଦହନ କରାଯାଏ। ହୋଲିକା ରାକ୍ଷସୀର ଦହନକୁ ମନେ ପକାଇ ହୋଲି ଦହନ କରାଯାଏ। ମଣିଷ ଭିତରେ ଥିବା ରାକ୍ଷସ ପ୍ରବୃତ୍ତିକୁ ହୋଲି ଦହନ ସହିତ ସତେ ଯେମିତି ଦହନ କରାଯାଇଥାଏ !**

ପର୍ବପର୍ବାଣି ଆମ ଜୀବନରେ ଆନନ୍ଦ ଭରି ଦେଇଥାନ୍ତି । ଭାରତରେ ବାର ମାସରେ ତେର ପର୍ବ ପାଳନ କରା ଯାଇଥାଏ ।ଋତୁଚକ୍ରର ପରିବର୍ତ୍ତନକୁ ନେଇ ଆମେ ଅଲଗା ଅଲଗା ପର୍ବ ପାଳନ କରିଥାଉ। ପ୍ରତ୍ୟେକ ପର୍ବର କିଛି ନା କିଛି ମହତ୍ତ୍ୱ ରହିଛି। ରଙ୍ଗର ପର୍ବ ହୋଲି ଫାଲଗୁନ ମାସର ଶେଷ ଓ ଚୈତ୍ର ମାସର ଆରମ୍ଭରେ ପାଳନ କରା ଯାଇଥାଏ ।ଏହି ସମୟରେ ବସନ୍ତଋତୁର ଆରମ୍ଭ ହୋଇଥାଏ। ଫାଲଗୁନ ପୂର୍ଣ୍ଣିମା କୁ ଆମେ ଦୋଳ ପୂର୍ଣ୍ଣିମା କହୁ। ଏହି ଦିନ ରାଧାକୃଷ୍ଣଙ୍କ ବିଗ୍ରହ କୁ ଅବିର ଦ୍ୱାରା ସଜାଯାଏ ଏବଂ ପୂଜା ଅର୍ଚ୍ଚନାକରାଯାଏ। ଦୋଳ ପୂର୍ଣ୍ଣିମାର ପର ଦିନ ଆମେ ହୋଲି ଖେଳି ଥାଉ। ଦୋଳ ପୂର୍ଣ୍ଣିମା ରାତିରେ ଅନେକ ସ୍ଥାନରେ ହୋଲି ଦହନ କରାଯାଏ ।ହୋଲିକା ରାକ୍ଷସୀର ଦହନକୁ ମନେ ପକାଇ ହୋଲି ଦହନ କରାଯାଏ। ମଣିଷ ଭିତରେ ଥିବା ରାକ୍ଷସ ପ୍ରବୃତ୍ତିକୁ ହୋଲି ଦହନ ସହିତ ସତେ ଯେମିତି ଦହନ କରାଯାଇଥାଏ। ହୋଲି ହେଲା ଅସତ୍ୟ ଉପରେ ସତ୍ୟର ବିଜୟ ଓ ରାକ୍ଷସ ପ୍ରବୃତ୍ତି ଉପରେ ଦେବତ୍ୱର ବିଜୟର ପର୍ବ। ହୋଲିକା ରାକ୍ଷସୀ ହିରଣ୍ୟକଶ୍ୟପର ଭଉଣୀ ଥିଲା। ହୋଲିକା ରାକ୍ଷସ ପ୍ରବୃତ୍ତିକୁ ପ୍ରତିନିଧିତ୍ୱ କରେ ପ୍ରହଲ୍ଲାଦ ଦେବତ୍ୱର ପ୍ରତିନିଧିତ୍ୱ କରନ୍ତି । ହୋଲିରେ ଆମେ ବସନ୍ତର ଆଗମନକୁ ରଙ୍ଗ ସହିତ ସ୍ୱାଗତ କରିଥାଉ ।ଏହା ବନ୍ଧୁ ମିଳନର ପର୍ବ। ହାତରେ ଅବିର ଧରି ଓ ରଙ୍ଗର ପିଚକାରୀ ଧରି ଆମେ ବନ୍ଧୁ ଓ ଆତ୍ମୀୟଙ୍କୁ ସ୍ୱାଗତ କରିଥାଉ । ହୋଲି ଆମ ସାହିତ୍ୟ, ସଙ୍ଗୀତ ଓ ନୃତ୍ୟ ଉପରେ ବେଶ ପ୍ରଭାବ ପକାଇଛି। ହୋଲି ହେଲା ରଙ୍ଗର ପର୍ବ ଏବଂ ଭାଇଚାରାର ପର୍ବ। ହୋଲି ଦିନ ବିଭିନ୍ନ ରାଜନୈତିକ ଦଳ ଏବଂ ଭାରତର ସାଧାରଣ ଜନତା। ମହାସମାରୋହରେ ରଙ୍ଗର ପର୍ବ ହୋଲି ପାଳନ କରନ୍ତି। ଭାରତରେ ବିଭିନ୍ନ ସ୍ଥାନ ବହୁ ପ୍ରକାର ହୋଲି ଖେଳା ଯାଏ । ବୃନ୍ଦାବନରେ ଫୁଲାନବାଲି ହୋଲି ଖେଳା ଯାଏ , ଫାଲଗୁନ ଏକାଦଶୀ ଦିନ ବାଙ୍କବିହାରୀ ମନ୍ଦିରରେ ଏହି ହୋଲି ଖେଳା ଯାଇଥାଏ । ଅନେକ ଜାଗାରେ ଲାଠମାର ହୋଲି ଦେଖିବାକୁ ମିଳିଥାଏ । ଲାଠ୍‌ମାର ହୋଲି ଲାଠିଦ୍ୱାରା ଖେଳା ଯାଏ ।



ଏହା ମୁଖ୍ୟତଃ ବରସାନା ଓ ନନ୍ଦଗାଁରେ ଖେଳା ଯାଏ। ଲାଠମାର ହୋଲିରେ ମହିଳାମାନେ ଲାଠି ଧରି ପୁରୁଷମାନଙ୍କୁ ଆକ୍ରମଣ କରିଥାନ୍ତି ଏବଂ ପୁରୁଷମାନେ ନିଜ କୁ ମାଡରୁ ବଞ୍ଚାଇଥାନ୍ତି ।ଏହା ବେଶ୍ ରୋମାଞ୍ଚକର ଖେଳ ହୋଇଥାଏ। ଏହି ଦୁଇଟି ଗାଁ ରାଧା ଓ କୃଷ୍ଣଙ୍କ ଗାଁ ଭାବେ ପ୍ରସିଦ୍ଧ ତେଣୁ ଏଠାର ହୋଲି ସବୁଠାରୁ ନିଆରା। ନନ୍ଦଗାଁର ପୁରୁଷମାନେ ଏବଂ ବରସାନାର ମହିଳାମାନେ ଏହି ପର୍ବରେ ଭାଗ ନେଇଥାନ୍ତି । ନନ୍ଦଗାଁର ପୁରୁଷ ମାନଙ୍କୁ ବରସାନାର ମହିଳାଙ୍କର ମାଡରୁ ନିଜ କୁ ରକ୍ଷା କରି ବରସାନାର ମହିଳାମାନଙ୍କୁ ରଙ୍ଗ ଲଗେଇବାକୁ ପଡିଥାଏ । ହୋଲିରେ ଥଣ୍ଡା ପାନୀୟ ଜଳ, ସର୍ବତ ଲୋକେ ପିଇଥାନ୍ତି କିନ୍ତୁ ବେଳେ ବେଳେ ଭାଙ୍ଗ ପିଇ ଲୋକେ ଉନ୍ମତ୍ତ ହୋଇଯାଇଥାନ୍ତି।



ହୋଲି ଦିନ ଅନେକ ସ୍ଥାନରେ ଦୁର୍ଘଟଣା ଘଟିଥାଏ, ଦୁର୍ଘଟଣାରୁ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଜିଲ୍ଲା ପୁଲିସ ତରଫରୁ ଅନେକ କଟକଣା କରାଯାଇଥାଏ ଓ ବହୁ ପଦକ୍ଷେପ ନିଆଯାଇଥାଏ । ଦକ୍ଷିଣ ଭାରତରେ ହୋଲି ପର୍ବ ଦେଖିବାକୁ ମିଳେନାହି। ହୋଲି ମୁଖ୍ୟତଃ ଉତ୍ତର ଭାରତ , ପୂର୍ବ ଭାରତ ଓ ପଶ୍ଚିମ ଭାରତର ପର୍ବ । ହୋଲି କୁ ବିଭିନ୍ନ ସଂପ୍ରଦାୟର ଲୋକେ ପାଳନ କରି ଥାନ୍ତି ।ମୁଖ୍ୟତଃ ହିନ୍ଦୁ ,ଶିଖ ,ବୁଦ୍ଧ ଓ ଜୈନ ଧର୍ମର ଲୋକ ମାନେ ପାଳନ କରିଥାନ୍ତି । ହୋଲିର ଶୁଭ ଅଭିନନ୍ଦନ ସାଧାରଣ ଜନତାଙ୍କୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ଦିଆଯାଇଥାଏ । କେମିକାଲ ରଙ୍ଗ, ହୋଲିର ଆନନ୍ଦକୁ ଫିକା କରିଦିଏ । ତେଣୁ ସବୁବେଳେ କେମିକାଲ ରଙ୍ଗ ଠାରୁ ଦୂରେଇ ରହିବାପାଇଁ ସଚେତନ କରାଯାଇଥାଏ ।

# ଭୀମ ରୂପେ ଶ୍ରୀଲୋକନାଥ



ଶ୍ରୀଜଗନ୍ନାଥ ମନ୍ଦିରର ପଶ୍ଚିମରେ ପ୍ରାୟ ୨ କିଲୋମିଟର ଦୂରରେ ଶ୍ରୀଲୋକନାଥ ମନ୍ଦିର ଅବସ୍ଥିତ। ଶ୍ରୀଲୋକନାଥ ପଞ୍ଚପାଣ୍ଡବଙ୍କ ମଧ୍ୟରେ ରାମ ରୂପରେ କଳ୍ପିତ। ମନ୍ଦିରଟି ପ୍ରାୟ ୧୦ ଏକର ଜମି ପରିମିତ ସ୍ଥାନରେ ସୁଦୀର୍ଘ ପ୍ରାଚୀର ଦ୍ୱାରା ପରିବେଷ୍ଟିତ। ବେଢ଼ା ସମ୍ମୁଖରେ ପାର୍ବତୀ ସାଗର ନାମକ ଜଳାଶୟ ରହିଛି। ଏହି ଜଳାଶୟର ପଉନ ସହିତ ମନ୍ଦିରର ଲିଙ୍ଗ ବିଜେ କରିଥିବା ଜଳ ପଉନ ସମାନ ରୁହେ। କଥିତ ଅଛି ତ୍ରେତୟା ଯୁଗରେ ଜନପଦୀୟ ଲୋକେ ଦେଇଥିବା ଏକ ଲାଉକୁ ଶ୍ରୀରାମଚନ୍ଦ୍ର ଏଠାରେ ଶିବ ଲିଙ୍ଗ ରୂପେ ପୂଜା କରିଥିଲେ। ପରବର୍ତ୍ତୀ କାଳରେ ଏହା ଲାଉକେଶ୍ୱର ରୂପେ ପୂଜିତ ହେଲେ। ଲାଉକେଶ୍ୱର ହିଁ ଜନମାନସରେ ଲୋକମାନଙ୍କ ନାଥ ଅର୍ଥାତ୍ ଲୋକନାଥ ମହାଦେବ ଭାବେ ପରିଚିତ ହୋଇଆସିଛନ୍ତି।

ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ବର୍ଷତମାମ ଜଳମଗ୍ନ ହୋଇ ରହିଥାନ୍ତି। ଫାଲଗୁନ କୃଷ୍ଣ ଏକାଦଶୀ ପଙ୍କୋଦ୍ଧାର ପରେ ଦିବ୍ୟ ଲିଙ୍ଗଙ୍କ ଦର୍ଶନ ମିଳେ। ଏବେର ପରିଦୃଶ୍ୟମାନ ମନ୍ଦିର ଭୌମକର ବଂଶୀୟ ରାଜାମାନଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ବର୍ତ୍ତମାନ ମନ୍ଦିର ପରିଚାଳନା ଦାୟିତ୍ୱ ଟ୍ରଷ୍ଟବୋର୍ଡ଼ ଉପରେ ନ୍ୟସ୍ତ ରହିଛି। ଏଠାରେ ପଣ୍ଡା ଓ ମହାପାତ୍ରମାନେ ସେବକ ଭାବେ କାମ କରୁଛନ୍ତି। ପଣ୍ଡା ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବାଟ ଲୋକନାଥ ଏବଂ ମହାପାତ୍ରମାନେ ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବିମଳାଙ୍କ ସେବା କରିଥାନ୍ତି। ଏମାନଙ୍କ ବ୍ୟତୀତ ମାଳି ସେବକ ମଧ୍ୟ ରହିଛନ୍ତି। ଶ୍ରୀଲୋକନାଥଙ୍କ ଉପରେ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ସୁରକ୍ଷା ଦାୟିତ୍ୱ ରହିଛି। ଏଠାରେ ବଲ୍ଲଭ, ସକାଳଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟାଧୂପ, ବଡ଼ସିଂହାର ନୀତି ହୋଇଥାଏ। ବିଶେଷ ପର୍ବ ଭାବେ ଶମ୍ଭୁ ଏକାଦଶୀ ପାଳନ କରାଯାଏ। ସୋମବାର ଦିନ ଏକାଦଶୀ ପଡ଼ିଲେ ଶମ୍ଭୁ ଏକାଦଶୀ ହୁଏ। ଏହି ଦିନ ଶ୍ରୀମନ୍ଦିରରେ ସମନ୍ୱୟାତ୍ମକ ନୀତି ଅନୁଷ୍ଠିତ ହୁଏ। ଏହା କେବଳ ପୁରୀ ଜଗନ୍ନାଥ ଓ ଲୋକନାଥଙ୍କ ମଧ୍ୟରେ ସମାହିତ ହୁଏ। ଶିବ ଚତୁର୍ଦ୍ଦଶୀରେ ଲୋକନାଥ ମନ୍ଦିରରେ ସମନ୍ୱୟାତ୍ମକ ନୀତି ହୋଇଥାଏ।



ଏହା ହରିହର ପୂଜା ଭାବେ ବିଦିତ। ଶ୍ରୀଲୋକାନାଥ ମଧ୍ୟ ପଞ୍ଚପାଣ୍ଡବ ଭାବେ ଚନ୍ଦନଯାତ୍ରାରେ ସମ୍ମିଳିତ ହୁଅନ୍ତି। ବୈଶାଖ ଶେଷ ସୋମବାର ଏଠାରେ ସରନ୍ତି ସୋମବାର ମହୋତ୍ସବ ଅନୁଷ୍ଠିତ ହୁଏ। ଓଡ଼ିଶାର ଗ୍ରାମାଞ୍ଚଳରୁ ଶତାଧିକ ଭକ୍ତ ଏଠାରେ ପହଞ୍ଚି ନୂଆଧାନରେ ଚୁଡ଼ାଘଷା ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି। ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପୀଠରେ ପ୍ରସିଦ୍ଧ ଜାଗରମେଳା ଅନୁଷ୍ଠିତ ହୋଇଥାଏ। ଶ୍ରାବଣ ମାସର ପ୍ରତି ସୋମବାର ଭାରତର ବିଭିନ୍ନ ପ୍ରାନ୍ତରୁ ପବିତ୍ର ନଦୀଜଳ ଧରି ପାଦରେ ଚାଲି ଚାଲି କାଉଡିଆମାନେ ଜଳାଭିଷେକ ନିମନ୍ତେ ପୀଠରେ ପହଞ୍ଚିଥାନ୍ତି।

## ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ

ପିପିଲି,(ନିପ୍ର): ରବିବାର ସକାଳ ଘ୧୦:୩୦ମି



ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଙ୍ଗଳପୁର ଠାରେ ଜିଲ୍ଲାସ୍ତରୀୟଏଚ୍‌ପିଭି ଟିକାକରଣ ଶୁଭାରମ୍ଭ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା କରାଯାଇଛି। କାର୍ଯ୍ୟକ୍ରମରେ ଡାକ୍ତର ସମ୍ବିତ ପାତ୍ର ଲୋକସଭା ସଦସ୍ୟ ପୁରୀ, ଆଶ୍ରିତ ପଟ୍ଟନାୟକ ବିଧାୟକ ଡେଲାଙ୍ଗ ପିପିଲିଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

## ଶିଶୁ ବିଦ୍ୟା ମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ରମ୍ଭା,(ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରମ୍ଭାରେ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷୟିତ୍ରୀ ଅଞ୍ଜଳି କୁମାରୀ ବେହେରା ଓ କୁନ୍ତଳା ମିସ୍ତ୍ରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନାରୀମାନଙ୍କ ଭୂମିକା ସାମ୍ପ୍ରତିକ ପରିସ୍ଥିତିରେ ଉଲ୍ଲେଖ ଯୋଗ୍ୟ ବୋଲି ଅଭିହିତ କରିଥିଲେ। ଗୁରୁମା ବିଷ୍ଣୁପ୍ରିୟା ଆଚାର୍ଯ୍ୟ ସ୍ୱାଗତ ଭାଷଣ ପୂର୍ବକ ଭାଷା,ଭୁଷା, ଭଜନ, ଭବନ ଆଦି ବିଷୟରେ ଗୁରୁତ୍ୱାରୋପ ଦେଇଥିଲେ। ଗୁରୁମା ରୀନା ମାନସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା ସଂଗୀତା ପରିଡା କୃତଜ୍ଞତା ଜ୍ଞାପନ କରିଥିଲେ। ମା ମାନଙ୍କ ଦ୍ୱାରା ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ଗୁରୁମା ପାର୍ବତୀ ନାହାକ ସହଯୋଗ କରିଥିଲେ। ଅନୁଷ୍ଠାନର ଶିଶୁ ଭାଇ ଭଉଣୀମାନେ ଝାନ୍ସୀ ରାଣୀ, କିରଣ ବେଦି, ସରୋଜିନୀ ନାଇଡୁ ଆଦି ବେଶରେ ସଜ୍ଜିତ ହୋଇ ନାରୀ ଶକ୍ତି ର ପ୍ରମାଣ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଗୁରୁଜୀ, ଗୁରୁମା, ମଉସା, ମାଉସୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କୃଷ୍ଣପ୍ରସାଦରେ ଦୋଳଯାତ୍ରା ମହୋତ୍ସବ

କୃଷ୍ଣପ୍ରସାଦ,(ନି ପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ ଠାରେ ପାଞ୍ଚ ମୌଜା ପରିଚାଳନା କମିଟି ତରଫରୁ ଐତିହାସିକ ଦୋଳଯାତ୍ରା ମହୋତ୍ସବ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ପାରିକୁଦ ଗଡ଼ର ମୁଖ୍ୟ ପୀଠାଧିଶ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ଏବଂ ଶ୍ରୀ ଦଧିବାମନ ଦେବଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ସ୍ଥାନରୁ ୧୧ ଠାକୁର ସୁସଜ୍ଜିତ ବିମାନରେ ପାଟ ପଟୁଆରରେ ଆସି ଗଡ଼ ଚନ୍ଦନ ପଡ଼ିଆ ଠାରେ ଏକତ୍ରିତ ହୋଇଥିଲେ । ପ୍ରଥମେ ପାରିକୁଦ ରାଜା ସାହେବଙ୍କ ଦ୍ୱାରା ଦେବାର୍ଚ୍ଚନ କାର୍ଯ୍ୟ ସମାପନ ପରେ ରାଜାଙ୍କ ତରଫରୁ ଭୋଗ ଲାଗି ହୋଇଥିଲା । ୫ ମୌଜା ତରଫରୁ ହୋମ ଆଦି କାର୍ଯ୍ୟ ସମାପନ ପରେ ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆତସବାଜି, ସମରକଳା ପାଇକଆଖଡା ଆଦି ପଦର୍ଶନ ହୋଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ, କୁମାର ସିଂହ, ହରମୋହନ ମାନସିଂହ,ସୁବାସ ଚନ୍ଦ୍ର ସ୍ୱାଇଁ, ବିଜୟ ଚନ୍ଦ୍ର ଜେନା,ସୁବାସ ଚନ୍ଦ୍ର ସିଂହ ସାମନ୍ତ,ସାରଙ୍ଗ ଧର ବିଶ୍ୱାଳ,ପ୍ରମୋଦ କୁମାର ପରିଡ଼ା, ବିଭୂ ନାରାୟଣ ଜେନା,ଗାଜଲ ଦଣ୍ଡସେଣା, ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ କରିବାକୁ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଯୋଜନା ଓ ନିରୀକ୍ଷଣ ୟୁନିଟ୍ ପରିଚାଳନା କମିଟି ବୈଠକ

ନୟାଗଡ଼,(ନିପ୍ର): ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା କକ୍ଷରେ ତୃତୀୟ ତ୍ରୈମାସିକ ଜିଲ୍ଲାସ୍ତରୀୟ ଯୋଜନା ଓ ନିରୀକ୍ଷଣ ୟୁନିଟର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ମଧୁମିତା ରଥ ସଭାପତିତ୍ୱ କରିଥିଲା ବେଳେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୟାଗଡ଼ର ଅଧକ୍ଷ ବିଜୟ କୁମାର ତ୍ରିପାଠୀ ଆବାହକ ଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁ ଓ ବନଲତା ବେହେରା ଏହି ବୈଠକରେ ଯୋଗଦାନ କରି ଜିଲ୍ଲା ତରଫରୁ ନିଆଯାଉଥିବା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବଳିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ମନୋରଞ୍ଜନ ଦାଶ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ହୋଇଥିବା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର ଉପସ୍ଥାପନ କରିଥିଲେ।

# ଉନ୍ନୟନ ନାଁରେ ପରିବେଶ ନଷ୍ଟ ନେଇ ଅଭିଯୋଗ

## ଆଶ୍ରମରେ ଭଙ୍ଗାରୁଜା,ଜଣେ ଆହତ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାର ଐତିହ୍ୟ କୀର୍ତ୍ତିରାଜି ମହେନ୍ଦ୍ରଗିରିରେ ଉନ୍ନୟନ କାମ ଓ ଇକୋ ରିଟ୍ରିଟ୍‌କୁ ନେଇ ଦୁଇ ଗୋଷ୍ଠୀ ଭିତରେ ଛକାପଞ୍ଝା ଆରମ୍ଭ ହୋଇଥିବା ବେଳେ ଏହା ଉଗ୍ର ରୂପ ନେଇଛି। ଉନ୍ନୟନ କାମ ନାଁରେ ପ୍ରକୃତି ଓ ପରିବେଶକୁ ନଷ୍ଟ କରାଯାଉଥିବା ପ୍ରତିବାଦ କରି ବାରଘର ବାସିନ୍ଦା ଏକାଠି ହୋଇ କୁନ୍ତୀମନ୍ଦିର ନିକଟରେ ଥିବା ଆଶ୍ରମରେ ଭଙ୍ଗାରୁଜା କରିବା ସହ ପୋଡ଼ି ଦେଇଛନ୍ତି। ସେମାନଙ୍କ ଆକ୍ରମଣରେ ସେଠାରେ ରହୁଥିବା ଜଣେ ବାବା ଆହତ ହୋଇଛନ୍ତି ।



କେବଳ ଏତିକି ନୁହେଁ, ପର୍ଯ୍ୟଟକଙ୍କ ପାଇଁ ତିଆରି ହୋଇଥିବା ଓ ଇକୋରିସର୍ଟକୁ ପାଣି ଯୋଗାଉଥିବା ପାଇପ୍ ଲାଇନ୍ ସବୁ କାଟି ଦେବା ସହ ଜାଗରଯାତ୍ରା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ନିର୍ମାଣ ହୋଇଥିବା ପାଇଖାନାଗୁଡ଼ିକୁ ବି ଭାଙ୍ଗିଦେଇଛନ୍ତି । ସେମାନଙ୍କ ଅଭିଯୋଗ ହେଉଛି, ଆଧ୍ୟାତ୍ମିକ ଓ ପୌରାଣିକକ୍ଷେତ୍ର ମହେନ୍ଦ୍ରଗିରିରେ ଇକୋ ରିଟ୍ରିଟ୍ ନାମରେ ସଂସ୍କୃତିକୁ ଧ୍ୱଂସ କରାଯାଉଛି। ପୀଠର ପବିତ୍ରତା ନଷ୍ଟ ହେଉଛି। ବିକାଶ ଆଳରେ ଶିବଲିଙ୍ଗ ସବୁ ଖୋଳି ଭାଙ୍ଗି ଦିଆଯାଉଛି। ବଡ଼ ପୁରାତନ ମୂର୍ତ୍ତିସବୁ ରାତାରାତି ଚୋରା ଚାଲାଣ ହେଉଛି। ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିକୁ ନଷ୍ଟ କରାଯାଉଥିବା ବେଳେ ସ୍ଥାନୀୟ ଆଦିବାସୀ ସେବକ ଏହାର ପ୍ରତିବାଦ କଲେ ସେମାନଙ୍କୁ ଦୁର୍ବୃତ୍ତ ଓ ଅସାମାଜିକର ଆଖ୍ୟା ଦିଆଯାଉଛି। ମହେନ୍ଦ୍ରଗିରିର ସୁରକ୍ଷା, କଟେଜ୍‌କୁ ଅନ୍ୟତ୍ର ସ୍ଥାନାନ୍ତର, ଉନ୍ନୟନ କାର୍ଯ୍ୟ କରିବା ପୂର୍ବରୁ ମହେନ୍ଦ୍ର ପୂଜା କମିଟି ସହ ଆଲୋଚନା କରିବାକୁ ବାରଘର ବାସିନ୍ଦା ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ପୀଠର ସୁରକ୍ଷା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ନିକଟରେ ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଫଳରେ ବାରଘରବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇଥିବା ସହ ଏଥିରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଛନ୍ତି। ମହେନ୍ଦ୍ର ପୂଜା କମିଟି ସଭାପତି ଗଗନ ଶବର କହିଛନ୍ତି, ବାରଘର ବାସିନ୍ଦାଙ୍କ ପାଇଁ ପିଇବା ପାଣି ସୁବିଧା ନାହିଁ । କିନ୍ତୁ ରିସୋର୍ଟକୁ ପାଣି ଯୋଗାଣ ପାଇଁ ମନ୍ଦିର କୂଅରୁ ପାଇଲାଇନ୍ ନିର୍ମାଣ କରାଯାଇଛି। ଏହାକୁ ଉତ୍ତ୍ୟକ୍ତ ମହିଳାମାନେ କାଟି ଦେଇଥିବା ଜଣାପଡ଼ିଛି । ଗାରାବନ୍ଧ ପୁଲିସ ପହଞ୍ଚି ବୁଝାସୁଝା କରିଥିବା ବେଳେ ଶାନ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରଖିଛି। ବାରଘରବାସୀଙ୍କ ପକ୍ଷରୁ ଗାରାବନ୍ଧ ଥାନାରେ ଏତଲା ଦିଆଯାଇଛି। ଅନ୍ୟପକ୍ଷରେ ମହେନ୍ଦ୍ରଗିରିରେ ଅଶାନ୍ତ ପରିବେଶ ସୃଷ୍ଟି କରିବା ସହ ସାଧୁସନ୍ଥଙ୍କ ଉପରେ ଆକ୍ରମଣକୁ ନିନ୍ଦା କରାଯାଇଛି। ଏନେଇ ମହେନ୍ଦ୍ର ଇକୋ ଡେଭଲପ୍‌ମେଣ୍ଟ କମିଟି ସଭାପତି ସନ୍ନ୍ୟାସୀ ଭୂୟାଁ ଗାରାବନ୍ଧ ଥାନାରେ ଲିଖିତ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏପରିକି ତାଙ୍କ ଜୀବନପ୍ରତି ବିପଦ ଥିବା ଏତଲାରେ ଦର୍ଶାଯାଇଛି। ଉଭୟ ପକ୍ଷର ଏତଲା କ୍ରମେ କେସ୍ ନଂ. ୨୪ ଓ ୨୫/୨୬ରେ ଦୁଇଟି ମାମଲା ରୁଜୁ ହୋଇଥିବା ଗାରାବନ୍ଧ ଥାନାଧିକାରୀ ପ୍ରଶାନ୍ତ ନିଶିକା ପ୍ରକାଶ କରିଛନ୍ତି ।

## କେନ୍ଦ୍ରୀୟ ଟିମ୍‌ର ତଦନ୍ତ ପରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ଯାଉନାହିଁ !

ଭାପୁର,(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ମାରଡ଼ା ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଗତବର୍ଷ ମେ ମାସ ୧୭ ତାରିଖ ଶୁକ୍ରବାର କେନ୍ଦ୍ରୀୟ ଗୁଣବତ୍ତା ମାନ ନିର୍ଦ୍ଧାରଣକାରି ଡଃ ଆଶିଷ କୁମାର ଘୋଷ ଏବଂ ଡଃ ରାଜେଶ୍ୱର ଦେବଦ୍ୱାର ପହଞ୍ଚି ତଦନ୍ତ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି, ନଥିପତ୍ର, ଟଏଲେଟ, ମେଡ଼ିସିନ, ଲାବରଟୋରି, ସାନିଟାଏଯେସନ, ୱାଟର ସପ୍ଲାଏ, ୱେଷ୍ଟେଜ ଡେସପାଚ ତଥା ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ତଦନ୍ତ କରିବା ପରେ ଖୁସିବ୍ୟକ୍ତ କରି ଫେରିଥିଲେ। କିନ୍ତୁ, ସେମାନେ ଜାଣି ନ ଥିଲେ ମହାକାଳ ଫଳ ପରି ସେହି ଗୋଟିଏ ଦିନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନ ଖୁଣିଲା ପରି ବାହ୍ୟ ସୁନ୍ଦର ରୂପରେଖ ଦିଆଯାଇଥିଲା ।କିନ୍ତୁ ଆଉ ସବୁଦିନ ମହାକାଳ ଫଳର ଭିତର ଅଂଶ ପରି ଅଙ୍ଗାର ଅର୍ଥାତ,ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଉପଭୋକ୍ତାମାନେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କୌଣସି ଉପାଦେୟତା ନ ପାଇ ଦୂର ସ୍ୱାସ୍ଥ୍ୟକେନ୍ଦ୍ର ଯାଉଛନ୍ତି। ଯେତେବେଳେ ଜଣେ ରୋଗୀ ଔଷଧ ପାଇଁ ଆସିଲେ ସବୁବେଳେ ତାଲା ଝୁଲୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଆଦିବାସୀ ଅଧୁଷିତ କେନ୍ଦୁପଲ୍ଲୀ,ମାରଡ଼ା, ହନୁମନ୍ତପ୍ରସାଦ,ପୋଡାସାହି,କଇଁଥପୋଖରୀ, ବାଘେଡିଆନୂଆଗାଁ,ବାଉଁଶବାଟି ଗ୍ରାମର ୭ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ନିର୍ଭର କରି ଚଳିଥାନ୍ତି ।ଏହି ସ୍ୱାସ୍ଥ୍ୟ ମନ୍ଦିରରେ ୩ ଜଣ ମହିଳା କର୍ମଚାରୀ ନିଯୁକ୍ତ ହୋଇଥିଲେ ମଧ ରୋଗୀ ଆସିଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପଡିଥାଏ ଏବଂ ମହିଳା କର୍ମଚାରୀଙ୍କୁ ଫୋନ କଲେ ଫୋନ ଉଠାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ,ଜରୁରୀ ରୋଗୀ ଓ ପ୍ରସୂତିମାନେ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ବୁଝିବା ପାଇଁ ଆସିଲେ ନିରାଶ ହୋଇ ଫେରୁଥିବାବେଳେ ଗ୍ରାମବାସୀ ବିଭାଗୀୟ ସଚିବ ଓ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିବା ପାଇଁ ପ୍ରସ୍ତୁତି ଚଳେଇଥିବା ଜଣାପଡିଛି।

## ଆସୁଛି ହୋଲି , ଜମୁଛି ହୋଲି ସାମଗ୍ରୀ ବେପାର



ବୁଗୁଡା,(ନିପ୍ର): ଆଗକୁ ଆସୁଛି ହୋଲି ଖେଳର ପର୍ବ ଦୋଳ ପୂର୍ଣ୍ଣିମା । ବୁଗୁଡା ସହରରେ ବିରଞ୍ଚି ନାରାୟଣ ଏବଂ ବଳଦେବ ମନ୍ଦିର ପକ୍ଷରୁ ଉତ୍ସାହର ସହ ଦୋଳ ଉତ୍ସବ ପାଳନ ଅବସରରେ ଦୈନିକ ସନ୍ଧ୍ୟା କାଳରେ ଦୋଳଗୋବିନ୍ଦଙ୍କୁ ଦୋଳବିମାନରେ ଉପବେଶନ କରାଇ ନଗର ଭ୍ରମଣ କାର୍ଯ୍ୟକ୍ରମ ଚାଲୁ ରହିଛି । ଆସନ୍ତା ବୁଧବାର ଦିନ ରଙ୍ଗବେରଙ୍ଗର ହୋଲି ଖେଳିବା ପାଇଁ ଆବାଳବୃଦ୍ଧବନିତା ଉତ୍କଣ୍ଠିତ ଥିବା ବେଳେ ସହରର ଅନେକ ସ୍ଥାନରେ ବିଭିନ୍ନ ରଙ୍ଗର ପସରା ମେଲାଇଥିବା ବ୍ୟବସାୟୀଙ୍କ ବେପାର ମଧ ଜମୁଥିବା ଦେଖିବାକୁ ମିଳିଛି ।ବୁଗୁଡା ସହରାଞ୍ଚଳର ହାଇସ୍କୁଲ ଛକ, ପୁରୁଣା ବସଷ୍ଟାଣ୍ଡ, ବ୍ଲକ ଛକ, ଗଣେଶ ମାର୍କେଟ୍ କମ୍ପ୍ଲେକ୍ସ, ମଦନ ମୋହନ ଛକରେ ମାଳ ମାଳ ହୋଲି ସାମଗ୍ରୀ ବିକ୍ରି ଦୋକାନ ଖୋଲା ଯାଇଥିବା ବେଳେ ଗ୍ରାମାଞ୍ଚଳରେ ମଧ ବହୁଳ ଭାବରେ ହୋଲି ସାମଗ୍ରୀ ବିକ୍ରି ଦୋକାନ ଦେଖିବାକୁ ମିଳିଛି । ଦୋକାନ ଗୁଡିକରେ ଟୋପି,ଫେସ୍ ମାସ୍କ,ପିଚକାରୀ, ବେଲୁନ୍, ପୋଷାକ, ଚଷମା, କଲର ସ୍ପ୍ରେ ଆଦି ସାମଗ୍ରୀର ବେପାର ମଧ ଜମୁଛି । ଛୋଟ ପିଲାଙ୍କ ଲାଗି ସ୍ୱତନ୍ତ୍ର ଭାବେ ଖେଳନା ଯାହାକୁ ବ୍ୟବହାର କରି ପିଲାଏଁ ହୋଲି ଖେଳିବେ ଓ ମଜା ନେବେ ତାହା ମଧ ବିକ୍ରି ହେଉଛି ।ବଡ ବଡ ଅଭିର ପ୍ୟାକେଟଠୁ ଆରମ୍ଭ କରି ଛୋଟ ଛୋଟ ପ୍ୟାକେଟ ମଧ ବିକ୍ରି ହେଉଛି । ସୁଗନ୍ଧିତ ଅବିର ୧୦୦ ଗ୍ରାମ ପ୍ୟାକେଟ ପ୍ରତି ୧୦ ଟଙ୍କା ରହିଥିବା ବେଳେ ହର୍ବାଲ୍ ରଙ୍ଗ ୧୦୦ ଗ୍ରାମ ପ୍ୟାକେଟ ୫୦ ଟଙ୍କାରେ ବିକ୍ରି ହେଉଛି । ବିଶେଷ କରି ହର୍ବାଲ ରଙ୍ଗର ଚାହିଦା ସବୁଠାରୁ ଅଧିକ ରହିଥିବା ବେଳେ ଏ ବର୍ଷ ହୋଲି ବେପାର ଜମୁଥିବା ନେଇ ବେପାରୀମାନେ ସ୍ୱୀକାର କରିଛନ୍ତି।

## ତିନି ବାଲି ବୋଝେଇ ଟ୍ରାକ୍ଟର ଜବତ

କାଶୀନଗର,(ନିପ୍ର): କାଶୀନଗର ଗ୍ରାମାଞ୍ଚଳରେ ଚୋରି, ରହଜନୀ, ଚୋରା ବାଲିଚଲାଣ, ଗୋ ଚାଲାଣ ହେଉଥିବା ବିଶେଷ ଖବର ପାଇ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥବା ଥାନା ଅଧିକାରୀ ତ୍ରିନାଥ ସେଠୀ ଏ ଦିଗରେ ଦୃଢ ପଦକ୍ଷେପ ନେବା ସକାଶେ ନିଜେ ଏକ ଟିମ ଗଠନ କରି ନିଜେ ପାଟ୍ରୋଲିଂ କରିବା ସହ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଗୃହରକ୍ଷୀ ଓ



ପୋଲିସ ମୁତୟନ କରିବା ସହ ରାତ୍ରି ସମୟରେ ବାହାରୁ ଆସୁଥିବା ଗାଡିଗୁଡିକୁ ତନ୍ନ ତନ୍ନ ଯାଞ୍ଚ କରିଥିବା ଦୃଷ୍ଟିକୁ ଆସିଛି। ଏହି ସମୟରେ କାଶୀନଗର ବ୍ଲକ ଅନ୍ତର୍ଗତ ଖଣ୍ଡାବା, ହାଡୁଭାଙ୍ଗି ଓ ସୀତାପୁର ଯେଉଁ ଅଞ୍ଚଳ କି ଆନ୍ଧ୍ର ଓଡିଶା ବର୍ଡର ଓ ଗଜପତି ଏବଂ ରାୟଗଡା ବର୍ଡରରେ ତିନୋଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରି ୩୩/୨୬,୩୪/୨୬,୩୫/୨୬ ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## କ୍ଲଷ୍ଟରସ୍ତରୀୟ ଅଷ୍ଟମ ଏଫ୍‌ଏଲ୍‌ଏନ୍ ମାସିକ ସମୀକ୍ଷା

ଆସିକା(ନିପ୍ର): ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବାଲିସିରା, ଭେଟନଇ, କାଳଷଣ୍ଡପୁର, ବାବନପୁର, ବଡଖୋଲି, ଖାରିଆ, କେ.ନୁଆଁପଲ୍ଲୀ, ନିମିନା , କେନ୍ଦୁପଦର, ଗଙ୍ଗାପୁର, ନଳବଣ୍ଟା, ଆସିକା ସଦର, ହରିଡ଼ାପଦର କ୍ଲଷ୍ଟର ଏହିପରି ୧୩ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ପାଠ୍ୟକ୍ରମର ଶିକ୍ଷକମାନଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ଅଷ୍ଟମ ମାସିକ ସମୀକ୍ଷା ବୈଠକ ଆସିକା ବିଇଓ କାର୍ଯ୍ୟାଳୟ ଅଧୀନସ୍ଥ ଭେଟନଇ କ୍ଲଷ୍ଟର ଭେଟନଇ ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

## କୋଣାର୍କ କ୍ଲବର ବାର୍ଷିକ ଉତ୍ସବ

ଭଦ୍ରକ(ନିପ୍ର): ପ୍ରତିବର୍ଷ ଭଳି ଫାଲ୍‌ଗୁନ ତ୍ରୟୋଦଶୀ ତିଥିରେ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ମିଳନ ଉତ୍ସବ ସହ କ୍ଲବର ୪୩ତମ ବାର୍ଷିକ ଉତ୍ସବ ଭଦ୍ରକ ପୌରପାଳିକ ଅନ୍ତର୍ଗତ ବାଲିପାଟଣା ଗ୍ରାମ କୋଣାର୍କ କ୍ଲବ ପରିସରରେ ପାଳିତ ହୋଇଯାଇଛି । କ୍ଲବର ଉପଦେଷ୍ଟା ସୁଧାକର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଭଦ୍ରକର ବିଧାୟକ ସିତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥିଭାବେ ତ୍ୟାଗଭୂମୀର ସଭାପତି ଅଜୟ ନାୟକ,ପ୍ରମୁଖ ଯୋଗ ଦେଇଥିଲେ।

## ଫସଲ ଅମଳ ପାଇଁ ଆନ୍ଧ୍ରମୁହାଁ କୃଷି ଶ୍ରମିକ

ରାୟଗଡ଼ା,(ନିପ୍ର): ପଡୋଶୀ ଆନ୍ଧ୍ରରେ ଶସ୍ୟ ଉତ୍ପାଦନ ଓ ଅମଳ ପାଇଁ ରାୟଗଡ଼ା ଜିଲ୍ଲା କୃଷି ଶ୍ରମିକଙ୍କ ଅବଦାନ ଅତୁଳନୀୟ। ରାୟଗଡ଼ା ଜିଲ୍ଲାରେ ବିଭିନ୍ନ ଯୋଜନା ରହିଛି ହେଲେ, କିନ୍ତୁ କାମର ମଧ ଅଭାବ ରହୁଛି। ଆନ୍ଧ୍ରର ସୀମାନ୍ତ ଜିଲ୍ଲାରେ ରାୟଗଡାର କୃଷି ଶ୍ରମିକଙ୍କ ମଜୁରୀ ମିଳିବା ଆନ୍ଧ୍ର ପ୍ରଦେଶ ତୁଳନାରେ କମ୍ ରହୁଥିବାରୁ ସେମାନେ ଆନ୍ଧ୍ରକୁ ଅଧିକ ଅର୍ଥ ଉପାର୍ଜନ କରିବା ପାଇଁ ଆନ୍ଧ୍ର ଚାଲିଯାଉଥିବା ନଜରକୁ ଦେଖାଯାଇଛି।

ପୁଣି ନରେଗା ଯୋଜନାର ପ୍ରତିବଦଳରେ ଆଉ ଏକ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିବା ବେଳେ କୃଷି ଶ୍ରମିକଙ୍କ ପାଇଁ ସଠିକ୍ ମାର୍ଗ ଦର୍ଶିକା ପ୍ରକାଶ ପାଇନଥିବା ଜଣା ପଡିଛି। ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଥିବା ୧୧ ଗୋଟି ପଞ୍ଚାୟତରେ ତୁଳା ଅମଳ ସରିଥିବାବେଳେ ରବି ଚାଷ ଆରମ୍ଭ ହୋଇନାହିଁ ବୋଲି ଚାଷୀମାନେ କହିଛନ୍ତି। ପିପିଲିଗୁଡ଼ା, ଆଲୁବାଡି, କାରୁବାଇ, ଡାଙ୍ଗଲୋଡ଼ି, ମିରାବାଲି, ବୋଇରା ଗିହଲୁଆ, ଜେମଦେଇପେଣ୍ଟା , ଇରୁକୁବାଡ଼ି, ଗାଜି ଗାଁ, ଓ କେରେଡା ପଞ୍ଚାୟତରେ କୃଷି ଶ୍ରମିକଙ୍କ ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ସହରକୁ ବିରି ତୋଳିବା ପାଇଁ ଯାଉଛନ୍ତି। ଶ୍ରମିକମାନେ ଗାଡ଼ିରେ ବୁହା ହୋଇଯାଉଥିବାରୁ ସେମାନଙ୍କୁ ବିପଦଜନକ ଅବସ୍ଥାରେ ନିଆଯାଉଥିବା ଦେଖିବାକୁ ମିଳିଛି। କେଉଁ ପରିସ୍ଥିତିରେ କୃଷି ଶ୍ରମିକ ବାହାର ରାଜ୍ୟକୁ ଗଲେ ତାହା ତଦନ୍ତ ସାପେକ୍ଷ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ନାଥ ତ୍ରିପାଠୀ କହିଛନ୍ତି।

## ମାଟିଖୋଳି ବିଦ୍ୟୁତ୍‌ଖୁଣ୍ଟ ଭାଙ୍ଗିଦେଲା ଠିକା ସଂସ୍ଥା, ୬ ମାସ ହେଲା ଅନ୍ଧାରରେ କୁଣ୍ଡେଇସିଂ ଗ୍ରାମବାସୀ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାରେ ମାଟିଖୋଳି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଦେଲା ଠିକା ସଂସ୍ଥା । ଫଳରେ ଆଜିକୁ ୬ ମାସ ହେଲା ଗୁମ୍ମା ବ୍ଲକ ଅନ୍ତର୍ଗତ କୁଜାମିଂ ପଞ୍ଚାୟତର କୁଣ୍ଡେଇସିଂ ଗ୍ରାମବାସୀ ଅନ୍ଧାରରେ ରହିଥିବା ଅଭିଯୋଗ ହୋଇଛି। କୁଣ୍ଡେଇ ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ପାହାଡ଼ରୁ ମାଟି ଖୋଳି ରାସ୍ତା ତିଆରି କରୁଥିବା ବେଳେ ରାସ୍ତା କଡ଼ ଦେଇ ଯାଇଥିବା ୮ଟି ବିଦ୍ୟୁତ୍‌ଖୁଣ୍ଟ ଭାଙ୍ଗି ଦେଇଛି। ଅନ୍ୟ କେତେକ ସ୍ଥାନରେ ଅଧିକ



ମାଟିଖୋଳି ଦେବାରୁ ବିଦ୍ୟୁତ ଖୁଣ୍ଟମାନ ତଳେ ପଡ଼ିଯାଇଛି। ଜେସିବି ସାହାଯ୍ୟରେ ମାଟି ଖୋଳିବା ବେଳେ ଅସାବଧାନତା ଯୋଗୁଁ ଏଭଳି ସମସ୍ୟା ଘଟି ଗତ ସେପ୍ଟେମ୍ବର ମାସରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। ଘଟଣାକୁ ପାଖାପାଖି ୬ ମାସ ବିତିଗଲାଣି। ନାଁ ମରାମତି ହେଉଛି, ନାଁ ଗାଁରେ ଆଲୁଅ ଜଳୁଛି । ଗ୍ରାମରେ ୩୫୦ ପରିବାର ବସବାସ କରୁଥିବା ବେଳେ ବାରମ୍ବାର ଅଭିଯୋଗ ପରେ ମଧ ଠିକା ସଂସ୍ଥା କର୍ଣ୍ଣପାତ କରୁନି। ଏଣୁ, ବାଧ ହୋଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ହେଲେ, କୌଣସି ସୁଫଳ ପାଇନାହାନ୍ତି। ମନ୍ତ୍ରୀଙ୍କୁ ଭେଟି ଅବଗତ କରାଇବା ପରେ ସେ ମଧ ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଲେ। ଅଥଚ, କୌଣସି ପଦକ୍ଷେପ ନିଆଗଲା ନାହିଁ। ଏନେଇ ଟାଟା ପାୱାର ନିର୍ବାହୀଯନ୍ତ୍ରୀଙ୍କୁ ପଚାରିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନୁଦାନ ଆସିଲେ ପୁନରୁଦ୍ଧାର କାର୍ଯ୍ୟ ହେବ ବୋଲି ପ୍ରକାଶ କରିଛନ୍ତି। ତେବେ, କିଭଳି ୬ମାସ ହେଲା ଗ୍ରାମବାସୀ ଅନ୍ଧାରରେ କାଳାତିପାତ କରୁଛନ୍ତି ସେ ନେଇ ଚିନ୍ତା କରିବା ପରିବର୍ତ୍ତେ ବିଭାଗ ପକ୍ଷରୁ ଏଭଳି ଅବହେଳା ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଗ୍ରାମର ରାଜେଶ ରଇତ, ଅନିଲ ରଇତ, ଲାବଣ୍ୟ ଶବର, ସତ୍ୟ ରଇତ, କୃଷ୍ଣ ଶବର ପ୍ରମୁଖ ପ୍ରକାଶ କରିଛନ୍ତି।

## କରଡାକଣାରେ ଅଭିଯୋଗ ଶୁଣାଣି

ଶେରଗଡ଼(ନିପ୍ର): ଶେରଗଡ଼ ବ୍ଲକ ଅନ୍ତର୍ଗତ କରଡାକଣା ପଞ୍ଚାୟତ ପରିସରରେ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ନିରାକାର ଜେନା ଅଧକ୍ଷତାରେ ଅନୁଷ୍ଠିତ ଶୁଣାଣୀରେ ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ନାୟକ, ସିଡ଼ିପିଓ ମମତାଞ୍ଜଳୀ ପଣ୍ଡା, ଥାନାଧିକାରୀ ବରେନ୍ଦ୍ର ସିଆଳ ଯୋଗଦେଇ ମୋଟ ୧୪ ଟି ଅଭିଯୋଗ ଶୁଣାଣୀ କରିଥିଲେ। ରାସନ କାର୍ଡ ପାଇଁ ୫ଟି,ଆବାସ ଯୋଜନା ପାଇଁ ୪ଟି, ପିଇବା ପାଣି, ଭତ୍ତା, ନାଳନର୍ଦ୍ଦମା ବ୍ୟକ୍ତିଗତ ପାଇଁ ଗୋଟିଏ ଲେଖାଏଁ ଅଭିଯୋଗ ଆସିଥିଲା ଏହାକୁ ସମାଧାନ କରିବାକୁ ନିଜ ନିଜ ବିଭାଗକୁ ପଠାଇ ଦିଆଯାଇଛି। ଅନ୍ୟତମ ଅଧିକାରୀ ପୂର୍ତ୍ତ ବିଭାଗ, ଜଳସେଚନ, କୃଷି, ମିଶନ ଶକ୍ତି, ଗ୍ରାମ୍ୟ ଉନ୍ନୟନ ବିଭାଗ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚପିଭି ଟିକାକରଣ ଆରମ୍ଭ

ଭାପୁର(ନିପ୍ର): ଭାପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଦିନ କିଶୋରୀ ବାଳିକା ୧୪ ରୁ ୧୫ ବର୍ଷ ବୟସର ଝିଅ ମାନଙ୍କର ଜରାୟୁ ଭାଇରସ ସଂକ୍ରମଣ ରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ପ୍ରତିଷେଧକ ଟୀକାକରଣର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ୧୩ ଜଣ କିଶୋରୀ ବାଳିକା ଟୀକା ନେବା ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପକେନ୍ଦ୍ରରେ ଟଶକା ନେବାପାଇଁ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ଡାକ୍ତର ବିଶ୍ୱନାଥ ସାହୁଙ୍କ ଠାରୁ ପ୍ରକାଶ । ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତରଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପିଏମ ପ୍ରଭାକର ପଲେଇ,ବ୍ଲକ ଡାଟା ମ୍ୟାନେଜର ବିଭୁ ପ୍ରସାଦ ନାୟକ,ଏମ. ଆର.ଏ.ପ୍ରଭାସ କୁମାର ପଣ୍ଡା, ଜନସ୍ୱାସ୍ଥ୍ୟ ସାମ୍ପ୍ରସାରଣ ଅଧିକାରୀ ଶ୍ରୀକାନ୍ତ ମହାପାତ୍ର,ମହିଳା ସ୍ୱାସ୍ଥ୍ୟ କର୍ମୀ ହାରାମଣି ରାଉତ ଏବଂ ଆଶାକର୍ମୀ ମାନେ ଯୋଗ ଦେଇଥିଲେ।

# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ: ବିଭିନ୍ନ ଯୋଜନାର ଉତ୍ତମ ମାନଦଣ୍ଡ

ପାରାଦୀପ,(ନିପ୍ର): ପାରାଦୀପରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ବିକାଶ ମୂଳକ ପଦକ୍ଷେପ ପ୍ରକଳ୍ପ ସ୍ଥାପନ ପୂର୍ବରୁ ବିଭିନ୍ନ ଯୋଜନାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ମହିଳାଙ୍କୁ ଆତ୍ମ ନିର୍ଭରଶିଳତା ଠାରୁ ଆରମ୍ଭ କରି କୃଷି,ଶିକ୍ଷା,ସ୍ୱାସ୍ଥ୍ୟ ଓ ଆଲୋକିକରଣ କ୍ଷେତ୍ରରେ ସାର୍ବଜନୀନ ସ୍ଥାନରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ପହଞ୍ଚି ପାରିଛି। ସ୍ଥାନୀୟ ଅଞ୍ଚଳରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ପରିଚୟ ସ୍ୱତନ୍ତ୍ର। ମହିଳା ମାନଙ୍କୁ ଜେଏସଡବ୍ଲ୍ୟୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ୨୪୬ ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟାମାନେ ଛତୁ ଚାଷରେ ୯୮,୪୦୦ ବେଡ ତିଆରି କରିଛନ୍ତି। ସେମାନେ ମାସକୁ ୫ ହଜାର ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି। ଜୀବିକା ନିର୍ବାହ ପାଇଁ ୧,୯୦୯ ଜଣ ଚାଷୀଙ୍କୁ ଦକ୍ଷତା ପ୍ରଦାନ କରାଯାଇଛି। ଯାହାଦ୍ୱାରା କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ଆଗକୁ ବଢିଛନ୍ତି। ଧୂପକାଠି,କୁକୁଡ଼ା ପାଳନ,ଛତୁ ଚାଷ ରେ ନିୟୋଜିତ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକ ବିଶେଷ ଭାବେ ଲାଭବାନ ହୋଇପାରି ଛନ୍ତି। ସେହିପରି ୬୧୨ ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା କୁକୁଡ଼ା ଚାଷ



କରୁଛନ୍ତି। ସେମାନଙ୍କର ଆଭେରେଜ ମାସିକ ଆୟ ୩,୫୦୦ ଟଙ୍କାରେ ପହଞ୍ଚିଛି। ବିରି ବଡି ତିଆରି ପାଇଁ ୪୩ ଟି ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା ମାନେ ପ୍ରତି ମାସରେ ୩ ଶହ କିଗ୍ରା ବଡି ତିଆରି କରୁଛନ୍ତି। ପ୍ରତି ମାସରେ ୧୫ ଶହ ଟଙ୍କା ଆୟ କରୁଛନ୍ତି। ମାଆ ଶାରଳା ସ୍ୱୟଂ ସହାୟିକା ଗୋଷ୍ଠୀର ୮ ଜଣ ସଦସ୍ୟା ବ୍ୟାଗ ତିଆରି କରି ପ୍ରତି ମାସରେ ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି। ସମ୍ଭାବନା ପିଜି ର ୧୦ ଜଣ ସଦସ୍ୟା ପ୍ରତି ମାସରେ ୨୫୦ କିଗ୍ରା ମସଲା ତିଆରି କରୁଛନ୍ତି। ପ୍ରତି ମାସରେ ପ୍ରତ୍ୟେକ ସଦସ୍ୟା ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି। ସେହିପରି ମାଆ ଅନ୍ନପୂର୍ଣ୍ଣା ପିଜି ର ୧୪ ଜଣ ସଦସ୍ୟା ଝୋଟ ବ୍ୟାଗ ତିଆରି କରି ପ୍ରତି ମାସରେ ୨,୫୦୦ ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି। ଧୂପକାଠି ତିଆରି କରି ୪୫ ଟି ର ସ୍ୱୟଂ ସହାୟିକା ଗୋଷ୍ଠୀ ର ମହିଳା ମାନେ ମାସକୁ ସର୍ବନିମ୍ନ ୧,୭୫୦ ଟଙ୍କା ଲେଖାଏଁ ରୋଜଗାର କରୁଛନ୍ତି। ସେହିପରି ନୋଳିଆ ସାହି ରେ ଶୁଖୁଆ ଶୁଖାଇବା ପାଇଁ ମା ' ଚର୍ଚ୍ଚିକା ପିଜି ର ୨୦ ଜଣ ମହିଳା ମାନଙ୍କୁ ୨ ଟି ଉଚ୍ଚ କ୍ଷମତା ସମ୍ପନ୍ନ ଶୌର ଶକ୍ତି ଚାଳିତ ମାଛ ଶୁଖାଇବା ଯନ୍ତ୍ର ପ୍ରଦାନ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା। ଏହି ମାଛ ଶୁଖାଇବା ଯନ୍ତ୍ର ସାହାଯ୍ୟରେ ୩ ଘଣ୍ଟାକୁ ୨୦ କିଗ୍ରା ଶୁଖୁଆ ଉତ୍ପାଦନ ହୋଇପାରୁଛି। ଯାହାଦ୍ୱାରା ବିଶେଷ କରି ବର୍ଷା ଦିନ ମାନଙ୍କରେ ଏମାନଙ୍କ ପାଇଁ ଏହି ମେସିନ ବରଦାନ ପାଲଟିଛି। ଯାହାଦ୍ୱାରା ଉନ୍ନତ ମାନର ଶୁଖୁଆ ଉତ୍ପାଦନ ହୋଇ ପାରୁଛି। ମୋଟାମୋଟି ଭାବରେ ୩,୦୪୩ ଟି ଘର ପରିବାର ଙ୍କ ଅତିରିକ୍ତ ଆୟ ବୃଦ୍ଧି ପାଇଛି। ଏ ନେଇ ନୂଆଗାଁ ର ସୁବାସିତ ପ୍ରଡ୍ୟୁସର ଗ୍ରୁପ ର ସଭ୍ୟା ଶର୍ମିଷ୍ଠା ଜେନା କହିଛନ୍ତି ପୂର୍ବରୁ ଧୂପକାଠି ତିଆରି କରୁଥିଲୁ। କିନ୍ତୁ ଆଗକୁ ଯାଇ ପାରୁ ନ ଥିଲୁ। ଜେଏସଡବ୍ଲ୍ୟୁ ପକ୍ଷରୁ ସାହାଯ୍ୟ ସହଯୋଗ ମିଳିବା ପରେ ଏବେ ଆମ ଗ୍ରୁପ ର ୩୦ ଜଣ ସଦସ୍ୟା ଧୂପକାଠି ତିଆରି କରି ପରିବାର ପ୍ରତିପୋଷଣ କରିପାରୁଛୁ। ସେହିପରି ମିନାକ୍ଷୀ ଦାସ କହିଛନ୍ତି କମ୍ପାନୀ ନିର୍ମାଣ ରେ ଆମର ୨ ଟି ପାନ ବରଜ ପଳେଇ ଯାଇଛି। ପାନ ଚାଲିଯିବା ପରେ ଆମେ ଜୀବିକା ହରାଇ ବସିଥିଲୁ। ସେହି ସମୟରେ ଜେଏସଡବ୍ଲ୍ୟୁ ଉତ୍କଳ ପକ୍ଷରୁ ସହଯୋଗ ର ହାତ ବଢାଇଲେ। ଆମେ ଏକଥି ହୋଇ ଛତୁ ଚାଷ କରିବା ପାଇଁ ନିଷ୍ପତ୍ତି କଲୁ। ଜେଏସଡବ୍ଲ୍ୟୁ ପକ୍ଷରୁ ମ୍ୟାଟେରିଆଲ ଯୋଗାଇ ଦିଆଗଲା ।ଗୋବିନ୍ଦପୁର ଅନ୍ନପୂର୍ଣ୍ଣା ପିଜି ର ସଭ୍ୟା ସନ୍ଧ୍ୟାରାଣୀ ଦଳାଇ କହିଛନ୍ତି ଝୋଟ ରୁ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରି ପ୍ରତି ମାସରେ ମୁଣ୍ଡପିଛା ହାରାହାରି ୧,୫୦୦ ଟଙ୍କା ଆୟ କରୁଛୁ। ଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀ ର ଅନିତା ନାୟକ ଙ୍କ ନେତୃତ୍ୱ ରେ ଛତୁ ଚାଷ କୁ ଏକ ସ୍ଥାୟୀ ଆୟ ଭାବରେ ଗ୍ରହଣ କରି ୨ ଶହ ଶଯ୍ୟା ବିଶିଷ୍ଟ ଛତୁ ଚାଷ କୁ ଏକ କ୍ଷୁଦ୍ର ଉଦ୍ୟୋଗ ରେ ପରିଣତ କରି ସ୍ୱାବଲମ୍ବୀ ହୋଇଥିବା କହିଛନ୍ତି। ପୋଲାଙ୍ଗ ରେ କୃଷ୍ଣ ସ୍ୱୟଂ ସହାୟିକା ଗୋଷ୍ଠୀ ଏକ ବୃହତ ସ୍ତର ରେ କୁକୁଡ଼ା ଚାଷ କରି ଯଥେଷ୍ଟ ଲାଭ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ବୃଦ୍ଧି କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିବା କହିଛନ୍ତି।

ତିଥି : (ପୂର୍ଣ୍ଣିମା) : (ମଘା ସିଂହ)
ଅମୃତବେଳା: ଦିବା ଘ.୮ ।୩୨ ଗତେ ଘ୧୦ ।୫୬ ମଧ୍ୟେ

## ଆଜିର ଅନୁଚିନ୍ତନ

ଶ୍ରୀଭାଗବାନ କହିଲେ-ପରମ ଅକ୍ଷର ହିଁ ବ୍ରହ୍ମ ଏବଂ ପରା ପ୍ରକୃତିକୁ ଅଧ୍ୟାତ୍ମ କହନ୍ତି । ପ୍ରାଣୀମାନଙ୍କର ସତ୍ତା ପ୍ରକଟ କରୁଥିବା ତ୍ୟାଗକୁ କର୍ମ କୁହାଯାଏ ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଅନ୍ତ ହେଉ ଶତ୍ରୁଭାବ

ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଖାମେନେଇଙ୍କୁ ବୁଦ୍ଧିମତ୍ତା, ପ୍ରଯୁକ୍ତିବିଦ୍ୟା ଓ ସ୍ୱତନ୍ତ୍ର ବାହିନୀର ସମନ୍ୱିତ ବ୍ୟବସ୍ଥା ଜରିଆରେ ସର୍ଜିକାଲ ଷ୍ଟ୍ରାଇକ ପୂର୍ବକ ହତ୍ୟା କରାଯାଇଛି । ଅଣୁଅସ୍ତ୍ର ନିରସ୍ତ୍ରୀକରଣ ପ୍ରସ୍ତାବ ନେଇ ପୂର୍ବରୁ ଅନୁଷ୍ଠିତ ବୈଠକରେ ଇରାନର ସହମତି ସତ୍ତ୍ୱେ ଆମେରିକା ଏଥିରେ ସନ୍ତୁଷ୍ଟ ଆପାତତଃ ନ ଥିଲା । ସେହି କାରଣରୁ ଇସ୍ରାଏଲ ସହଯୋଗରେ ଖାମେନେଇଙ୍କ ବିରୋଧ କରିବାର ନଥିଲା,ମାତ୍ର ପରିଶେଷରେ ସର୍ଜିକାଲ ଷ୍ଟ୍ରାଇକ ହେଲା । ତାଙ୍କୁ ପାପୀ ବୋଲି ଆଖ୍ୟା ଦେବାକୁ ଆମେରିକା ରାଷ୍ଟ୍ରପତି କୁଣ୍ଠିତ ହୋଇ ନ ଥିବା ଦେଖାଦେଇଛି । ଅନ୍ୟ ପ୍ରତି ଏପରି ବିଚାରଧାରା ନିଜର ଶାସନ ପ୍ରକ୍ରିୟା ପ୍ରତି ପ୍ରଶ୍ନବାଚୀ ଉଠାଇବା ନେଇ କେହି ଅସଙ୍ଗତ ମନେ କରିବେ ନାହିଁ । ସ୍ମରଣ କରାଯାଇପାରେ ଯେ ଟ୍ରମ୍ପଙ୍କ ଭୂ-ରାଜନୈତିକ ପ୍ରେକ୍ଷାପଟରେ ଟାରିଫ ଯୁଦ୍ଧ ଆପଣାଇବା ପରେ ଇରାନକୁ ନିଶାଣ କରିବା ପଛରେ ଦେଶ ଜୟ କରିବାର ଦୁର୍ବାର ଆକାଂକ୍ଷା ଥିବା ମନେହୁଏ । ଖାମେନେଇଙ୍କ ଶାସନ ବିରୋଧରେ ପୂର୍ବରୁ ଇରାନର ରାଜରାସ୍ତା ଜନ ବିକ୍ଷୋଭରେ ଭରପୂର ହୋଇଥିଲା । କିନ୍ତୁ ତାଙ୍କର କଠୋର ନୀତି ହେତୁ ଏହି ବିକ୍ଷୋଭ ଭଣ୍ଡୁର ହୋଇଥିଲା । ଟ୍ରମ୍ପ ଯେପରି ଅଣୁଅସ୍ତ୍ର ନିରସ୍ତ୍ରୀକରଣ କଥା ଉଠାଉଛନ୍ତି ତାହା ଇରାନ କାହିଁକି ନିଜ ଦେଶ ପ୍ରତି ବିବେଚନାକୁ ନେଉନାହାନ୍ତି, ସେ ନେଇ କେହି ପ୍ରଶ୍ନ ଉଠାଉନାହାନ୍ତି । ପ୍ରତି ଦେଶ ନିଜ ସୁରକ୍ଷା ବାବଦେ ପଦକ୍ଷେପ ନେବା ବା ସାର୍ବଭୌମତ୍ୱ ରକ୍ଷା ନିମନ୍ତେ ଅସ୍ତ୍ରଶସ୍ତ୍ର ଗଚ୍ଛିତ କରି ରଖିବା ଅସ୍ୱାଭାବିକ ବ୍ୟାପାର ନୁହେଁ । ପ୍ରତି ଦେଶ ନିଜ ନିଜ ସୁରକ୍ଷା ସଂପର୍କରେ ସଚେତନ । ଖାମେନେଇ ଫେବୃୟାରୀ ତୃତୀୟ ସପ୍ତାହରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଭାଷଣରେ କହିଥିଲେ ମୋ ମୃତ୍ୟୁରେ ଦେଶବାସୀ ମୁଣ୍ଡ ନୁଆଇବେ ନାହିଁ । ଏବେ ଖାମେନେଇଙ୍କ ମୃତ୍ୟୁ ପରେ ଦେଶରେ ଖାମେନେଇ ବିରୋଧୀ ବିକ୍ଷୋଭ ନାହିଁ କିମ୍ବା ଜନତାଙ୍କ ମଧ୍ୟରେ ସରକାରଙ୍କ ପ୍ରତି କ୍ରୋଧ କି ଆକ୍ରୋଶ ନାହିଁ । ହୁଏତ ଟ୍ରମ୍ପ ଭାବି ନେଇଥିଲେ ଖାମେନେଇଙ୍କ ମୃତ୍ୟୁ ପରେ ଇରାନବାସୀଙ୍କ ପକ୍ଷରୁ ତାଙ୍କୁ ଶକ୍ତି ମିଳିବ କିନ୍ତୁ ତାହା ବ୍ୟର୍ଥ ହୋଇଛି । ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ଜାରି ରହିଥିବା ଘମାଘୋଟ ଲଢେଇ କେବେ ଶେଷ ହେବ ତାହା ଆକଳନ କରିହେବନାହିଁ । କିନ୍ତୁ ଏ କଥା ସତ ଯେ ଏ ଯୁଦ୍ଧ ସାଧାରଣ ଜନତାଙ୍କ ଜୀବନକୁ ନାନା ଭାବେ ଦୁର୍ବିସହ କରିବ ହିଁ କରିବ । ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି, ତୈଳ, ଇନ୍ଧନ ପ୍ରଭୃତିର ଅଭାବ ଆଗକୁ ଅଧିକ ଅନୁଭୂତ ହେବ । ଯୁଦ୍ଧ କେବେ ହେଲେ ଜୀବନ ତିଆରି କରେ ନାହିଁ, ଏହା ଧ୍ୱଂସ କରେ, ନଷ୍ଟ କରେ । ଭିତ୍ତିଭୂମିକୁ ଛାରଖାର କରେ, ଗାଜା ହେଉ ଅବା ୟୁକ୍ରେନ ହେଉ ତାହାର ସଦ୍ୟତମ ଦୃଷ୍ଟାନ୍ତ । ଇରାନର ସେନାବାହିନୀ ଏବେ ଆମେରିକାର ଦୂତାବାସ ଥିବା ବିଭିନ୍ନ ସ୍ଥାନକୁ ଆକ୍ରମଣ ଜାରି ରଖିଛି । ଏ ଶତ୍ରୁତାର ଅନ୍ତ ଘଟିବା ଦରକାର ।

ଭାରତ ସର୍ବଦା ଶାନ୍ତି ଓ କୂଟନୀତିର ମାର୍ଗ ଆପଣାଇବାକୁ ଦେଇଥାଏ । ନିକଟରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ସହ ସାମ୍ପ୍ରତିକ ଆଞ୍ଚଳିକ ସ୍ଥିତି ନେଇ ଟେଲିଫୋନରେ କଥାବାର୍ତ୍ତା ହେବା ବେଳେ ଭାରତର ଉଦ୍‌ବେଗକୁ ଜଣାଇବାକୁ ସାଙ୍ଗକୁ ସାଧାରଣ ନାଗରିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି କଥାବାର୍ତ୍ତାର ଶେଷ ଧାଡ଼ିରେ ମୋଦି କହିଥିଲେ ଶତ୍ରୁ ଭାବର ଯେତେ ଶୀଘ୍ର ଅନ୍ତ ଘଟିବା ଆବଶ୍ୟକ । ସୁତରାଂ ଏହା ଉପରେ ଯଦି ଇରାନ, ଆମେରିକା ଓ ଇସ୍ରାଏଲ ଗୁରୁତ୍ୱ ଦିଅନ୍ତି ତେବେ ତାହା ବିଶ୍ୱ ପାଇଁ ମଙ୍ଗଳକର ହେବ ।

# ଭାଇଚାରାର ପର୍ବ - ଫଗୁ ପୂର୍ଣ୍ଣିମା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

“ **ହନୁମାନ ଯେତେ ବେଳେ ସୀତା ଠାବ କରି ଆସିଲେ, ସେତେ ବେଳେ ସେ ସମ୍ପୂର୍ଣ୍ଣ ଲାଲ ଦେଖା ଯାଉଥିଲେ । ଏହାର କାରଣ ଯେତେ ବେଳେ ସମସ୍ତ ବାନର ଜାଣିଲେ ତ ସମସ୍ତେ ପରସ୍ପରକୁ ଶ୍ରୀରାମ ଉଦ୍ଦେଶ୍ୟରେ ରଙ୍ଗ ବୋଳା ବୋଳି ହେଲେ । ସେବେଠୁ ହୋଲି ରଙ୍ଗ ଖେଳ ଅନୁଷ୍ଠିତ ହେବାର ପ୍ରବାଦ ଅଛି । ଆମ ବୈଜ୍ଞାନିକ ଦୃଷ୍ଟି କୋଣରୁ ଆଲୋଚନା କଲେ, ଶୀତ ପ୍ରଭାବରେ ମଣିଷ ଶରୀରର ଲୋମ ଓ ଚର୍ମରେ ବାହ୍ୟ ଧୂଳି କଣା ରହିଥିବା ଫଳରେ ଦେହରେ ଚର୍ମ ରୋଗ ହେବାର ଆଶଙ୍କା ଥାଏ, ହୋଲିରେ ରଙ୍ଗ ମାଖି ହୋଇ ଗାଧୋଇଲେ ଚର୍ମ ରୋଗ ଭଲ ହୋଇଥାଏ ।**

ଓଡ଼ିଆ ମାସ ଅନୁସାରେ ଫାଲଗୁନ ମାସର ପୂର୍ଣ୍ଣିମା ତିଥି, ଦୋଳ ପୂର୍ଣ୍ଣିମା ନାମରେ ପରିଚିତ । ଫାଲଗୁନ ଶୁକ୍ଳ ଦଶମୀ ତିଥିଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ ଯାହା ଦୋଳ ଦଶମୀ ବା ଫଗୁ ଦଶମୀ ନାମରେ ଖ୍ୟାତ । ଏହି ପର୍ବର ମୁଖ୍ୟ ଆରାଧ୍ୟ ହେଉଛନ୍ତି ରାଧା ଓ କୃଷ୍ଣ ଯାହା ରାଇ ଦାମୋଦର ନାମରେ ମଧ୍ୟ ଜଣା । ରାଧାକୃଷ୍ଣଙ୍କୁ ମୁଖ୍ୟତଃ ଏହି ପର୍ବରେ ଅବିର ଅର୍ପଣ କରାଯାଏ । ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଛୋଟଛୋଟ ବିମାନରେ ଘର ଘର ବୁଲାଇବାକୁ ନିଆଯାଏ । ଠାକୁରଙ୍କୁ ପ୍ରତି ଘରେ ଭୋଗ ଲାଗି ହୁଏ ଆଉ ଏହି ଭୋଗକୁ ଦ୍ୱାରୀ ଭୋଗ ମଧ୍ୟ କୁହାଯାଏ । ଫଗୁ ଦଶମୀ ତିଥିରୁ ଫଗୁ ଖେଳ ଓ ଗ୍ରାମ ପରିକ୍ରମା କରାଯାଏ । ଦୋଳ ପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କୁ ମନ୍ଦିରର ଦକ୍ଷିଣପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ । ସେହି ମଣ୍ଡପର ନାମ ଦୋଳ ମଣ୍ଡପ ସେଠାରେ ପୂଜାର୍ଚ୍ଚନା କରାଯିବା ସଙ୍ଗେ ସଙ୍ଗେ ଠାକୁରମାନେ ଦୋଳି ଖେଳନ୍ତି । ସେଠାରେ ନାଲି ଅବିର ଅର୍ପଣ କରାଯାଇଥାଏ । ରାଜଦୋଳ ଉତ୍ସବ ଅର୍ଥାତ୍ ଫଗୁ ଦଶମୀ ଠାରୁ ସମସ୍ତ ବୈଷ୍ଣବ ପିଠରେ ଝୁଲଣ ମଣ୍ଡପରେ ଦୋଳିରେ ଝୁଲି ସୁସଜ୍ଜିତ ବିମାନରେ ବିଜେ କରନ୍ତି ଶ୍ରୀରାଧାକୃଷ୍ଣ ଯୁଗଳ ମୁରତି । ଦୋଳ ପୂର୍ଣ୍ଣିମା ପର ଦିନ ସବୁଆଡ଼େ ହୋଲି ଧୁମ୍ ଧାମ୍ ରେ ପାଳନ କରାଯାଏ । ଭିନ୍ନ ଭିନ୍ନ ରଙ୍ଗକୁ ହାତରେ କିମ୍ବା ପିଚକାରୀ ଦ୍ୱାରା ପରସ୍ପରକୁ ଫିଙ୍ଗି ଖେଳା ଯାଏ । ଏହି ଖେଳ ପରସ୍ପର ମଧ୍ୟରେ ଏକତା ଭାଇଚାରା ସ୍ନେହ ପ୍ରେମର ମନ୍ତ୍ର ଦେଇଥାଏ ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ଥରେ ହିରଣ୍ୟକଶ୍ୟପ ନାମକ ଜଣେ ରାକ୍ଷସ ଧରାପୃଷ୍ଠରେ ନିଜର ସାମ୍ରାଜ୍ୟ ବିସ୍ତାର କରି ରାଜୁତି କରୁଥିଲା । ସେ ଏତେ ଉଚ୍ଚାଭିଳାଷୀ ଥିଲା ଯେ ସାମ୍ରାଜ୍ୟର ସମସ୍ତଙ୍କୁ ତାକୁ ହିଁ ପୂଜା କରିବାକୁ ଆଦେଶ ଦେଇଥିଲା । କିନ୍ତୁ ତାର ଅତୀବ ଅବଶୋଷ ହେଲା ଯେତେବେଳେ ତାର ବାଳକ ପୁତ୍ର ପ୍ରହଲ୍ଲାଦ ଭଗବାନ ନାରାୟଣଙ୍କ ଭକ୍ତ ପାଲଟିଗଲା ଓ ସେ ହିରଣ୍ୟକଶ୍ୟପକୁ ଦେବତା ଭାବେ ମାନିବାକୁ ମନା କରିଦେଲା । କ୍ରୋଧର ଆବେଗରେ ହିରଣ୍ୟକଶ୍ୟପ ପ୍ରହଲ୍ଲାଦକୁ ହତ୍ୟା କରିବାକୁ ଅନେକ ଚେଷ୍ଟା କଲା କିନ୍ତୁ ଭଗବାନ ବିଷ୍ଣୁ ତାକୁ ସବୁଥିରୁ ରକ୍ଷା କଲେ । ଶେଷକୁ ସେ ତାର ଭଗ୍ନୀ ହୋଲିକାକୁ ପ୍ରହଲ୍ଲାଦକୁ କୋଳରେ ଧରି ପ୍ରଖର ଅଗ୍ନି ଭିତରକୁ ଯିବାପାଇଁ କହିଲା ଯେପରି ପ୍ରହଲ୍ଲାଦ ଦଗ୍ଧ ହେଇଯିବ । ରାକ୍ଷସୀ ହୋଲିକା, ଅନ୍ୟ ଅନେକ ଅସୁରଙ୍କ ପରି ଭୋଳାନାଥ ମହାଦେବଙ୍କୁ ତପସ୍ୟା କରି ତାଙ୍କ ଠାରୁ ଅଗ୍ନି ଦ୍ୱାରା ଦଗ୍ଧ କିମ୍ବା ଜଳ ଦ୍ୱାରା ବୁଡ଼ି ନ ମରିବାର ବର ଲାଭ କରିଥିଲା ଓ ଏହା ହିରଣ୍ୟକଶ୍ୟପକୁ ଜ୍ଞାତ ଥିଲା । ହୋଲିକା ପ୍ରହଲ୍ଲାଦକୁ ସାଥିରେ ନେଇ ଅଗ୍ନିକୁ ପ୍ରବେଶ କଲାବେଳେ ପ୍ରହଲ୍ଲାଦ ଅହରହ ବିଷ୍ଣୁ ନାମ ଜପ କରୁଥିଲା । ହିରଣ୍ୟକଶ୍ୟପ ଏହା ଦେଖି ଆଚମ୍ବିତ ରହିଗଲା ଯେତେବେଳେ ପ୍ରହଲ୍ଲାଦ ଅକ୍ଷତ ଅବସ୍ଥାରେ ଅଗ୍ନିରୁ ନିର୍ଗତ ହେଲେ ଓ ହୋଲିକା ସମ୍ପୂର୍ଣ୍ଣ ଦଗ୍ଧ ହେଇଗଲା । ସେ କ୍ରୋଧିତ ହେଇ ମହାଦେବଙ୍କୁ ଏହାର କାରଣ ପଚାରିବାରୁ ମହାଦେବ କହିଲେ ଯେ ସେ ଆତ୍ମରକ୍ଷା ପାଇଁ ହୋଲିକାକୁ ସେଇ ବର ଦେଇଥିଲେ । କାହାକୁ ସାଥିରେ ନେଇ ମାରିବା ପାଇଁ ନୁହେଁ । ତେଣୁ ଭୁଲ କାରଣରୁ ବ୍ୟବହାର କରିଥିବାରୁ ତାଙ୍କ ପ୍ରଦତ୍ତ ବର ପ୍ରତ୍ୟାହାର ହୋଇଗଲା । ଏହିଭାବରେ



ପରବର୍ତ୍ତୀ କାଳରେ ଭୁଲ ଉପରେ ଭଲର ବିଜୟ ପାଳନ ପାଇଁ ଯେଉଁ ପର୍ବ ପାଳିତ ହେଲା ତାକୁ ହୋଲିକାର ନାମ ଅନୁସାରେ ‘ହୋଲି’ ମଧ୍ୟ କୁହାଗଲା । ଆଉ ଏକ ପୌରାଣିକ କିମ୍ବଦନ୍ତୀ ଅନୁସାରେ ଶ୍ରୀକୃଷ୍ଣ ଯେତେବେଳେ କିଶୋର ଥିଲେ, ମା ଯଶୋଦାଙ୍କୁ ପଚାରିଲେ ଯେ, ରାଧା କାହିଁକି ଗୋରୀ ଓ ନିଜେ କୃଷ୍ଣବର୍ଣ୍ଣ । ମା ଯଶୋଦା କୃଷ୍ଣଙ୍କ ମନ ରଖିବା ପାଇଁ କହିଲେ, ‘ତୁ ଯା ବିଭିନ୍ନ ରଙ୍ଗ ଅବିର ଧରି ରାଧାକୁ ଖେଳ ଖେଳରେ ରଙ୍ଗେଇ ଦେବୁ । ତୋ ଆଉ ତା ମଧ୍ୟରେ କିଛି ବି ପାର୍ଥକ୍ୟ ରହିବ ନାହିଁ ।’ କିଶୋର ଶ୍ରୀକୃଷ୍ଣ ନିଜେ ଗୋପାଳକ ସାଙ୍ଗମାନଙ୍କୁ ଧରି ଶ୍ରୀରାଧାଙ୍କ ଗାଁ ବରସାନା ଗଲେ ଓ ରଙ୍ଗ ଅବିର ଲଗାଇଥିଲେ । ଶ୍ରୀରାଧା ମଧ୍ୟ ଅନ୍ୟ ଗୋପୀମାନଙ୍କ ସହ ଶ୍ରୀକୃଷ୍ଣ ଓ ସାଥୀମାନଙ୍କୁ କୌତୁକରେ ଲାଠିରେ ପିଟିଥିଲେ । ଏହି ପରମ୍ପରାକୁ ଆଜିଯାଏ ବରସାନାର ଲୋକେ ‘ଲଠମାର ହୋଲି’ ହିସାବରେ ପାଳନ କରନ୍ତି । ଅନ୍ୟ ଏକ ପୌରାଣିକ କିମ୍ବଦନ୍ତୀ ତ୍ରେତୟା ଯୁଗରେ ସୀତା ମାତାଙ୍କୁ ହରଣ କରି ରାବଣ ଅଶୋକ ବନରେ ରଖିଥିଲା । ମହାବୀର ହନୁମାନ ସୀତାଙ୍କୁ ଠାବ କରି ସାକ୍ଷାତ୍ ବେଳେ ପଚାରିଲେ ମାତା, ଆପଣ ମୁଣ୍ଡରେ ସିନ୍ଦୂର କାହିଁକି ପିନ୍ଧିଛନ୍ତି । ମାତା ହସି କହିଲେ ମୁଁ ମୋ ସ୍ୱାମୀ ଶ୍ରୀରାମଙ୍କ ମଙ୍ଗଳ ପାଇଁ ମୁଣ୍ଡରେ ସିନ୍ଦୂର ପିନ୍ଧେ । ତତ୍‌କ୍ଷଣାତ୍ ହନୁମାନ ଲାଲ ରଙ୍ଗ ଆଣି ନିଜ ଦେହ ସାରା ବୋଳି ହୋଇଗଲେ । ହନୁମାନ ଯେତେ ବେଳେ ସୀତା ଠାବ କରି ଆସିଲେ, ସେତେ ବେଳେ ସେ ସମ୍ପୂର୍ଣ୍ଣ ଲାଲ ଦେଖା ଯାଉଥିଲେ । ଏହାର କାରଣ ଯେତେ ବେଳେ ସମସ୍ତ ବାନର ଜାଣିଲେ ତ ସମସ୍ତେ ପରସ୍ପରକୁ ଶ୍ରୀରାମ ଉଦ୍ଦେଶ୍ୟରେ ରଙ୍ଗ ବୋଳା ବୋଳି ହେଲେ । ସେବେଠୁ ହୋଲି ରଙ୍ଗ ଖେଳ ଅନୁଷ୍ଠିତ ହେବାର ପ୍ରବାଦ ଅଛି । ଆମ ବୈଜ୍ଞାନିକ ଦୃଷ୍ଟି କୋଣରୁ ଆଲୋଚନା କଲେ, ଶୀତ ପ୍ରଭାବରେ ମଣିଷ ଶରୀରର ଲୋମ ଓ ଚର୍ମରେ ବାହ୍ୟ ଧୂଳି କଣା ରହିଥିବା ଫଳରେ ଦେହରେ ଚର୍ମ ରୋଗ ହେବାର ଆଶଙ୍କା ଥାଏ, ହୋଲିରେ ରଙ୍ଗ ମାଖି ହୋଇ ଗାଧୋଇଲେ ଚର୍ମ ରୋଗ ଭଲ ହୋଇଥାଏ । ଏହା ଛଡା ବସନ୍ତ ଋତୁରେ ଫୁଲ ପରାଗ ରେଣୁ ଛାଡିଥାଏ ଯାହା ଉଡି ମଣିଷ ଦେହରେ ସ୍ପର୍ଶ ପାଇ ଚର୍ମ ରୋଗ ହୋଇଥାଏ । ଏହି ହୋଲି ପର୍ବରେ ଅଭିର ଓ ରଙ୍ଗ ସ୍ପର୍ଶରେ ଶରୀରରେ ଲାଗିଥିବା ପରାଗ ରେଣୁର ଲେପ ନଷ୍ଟ ହୋଇ ଶରୀର ସୁସ୍ଥ ରହେ ।

ହୋଲି ପର୍ବ ଭାରତୀୟ ସଂସ୍କୃତିର ଏକ ବିଶେଷ ମହତ୍ତ୍ୱ ରହିଛି ପୁରାଣ ପୃଷ୍ଠାକୁ ଓଲଟାଇଲେ ଆହୁରି ଅନେକ ତଥ୍ୟ ଆସିଥାଏ । କେହି ମତ ଦେଇଥାନ୍ତି କୃଷ୍ଣ କାଳୀୟ ଦଳନରେ ଗୋପୀ ଗୋପାଳମାନେ ଆନନ୍ଦରେ ଗୋପରୁ ଦୁଃଖ ଦୂର ହେଲା ବୋଲି ପାଳନ କରିଥିଲେ ।

ସେହିପରି ଶ୍ରୀରାମ ବନବାସ ସମାପ୍ତ କରି ଫେରିବା ପରେ ଅଯୋଧ୍ୟାବାସୀ ଖୁସିରେ ହୋଲି ପାଳନ କରିଥିଲେ । ସେହିପରି ହିରଣ୍ୟକଶିପୁ ରାବଣ ଆଦି ଦୃଷ୍ଟମାନଙ୍କ ବିନାଶରେ ହୋଲି ପର୍ବ ପାଳନ ହୋଇଥିଲା । ମାତ୍ର ସନ୍ଥମାନେ କହନ୍ତି ଯେଉଁ ଦିବ୍ୟ ଆଲୋକମାଳା ସପ୍ତରଙ୍ଗ ଭିତରେ ପରି ପ୍ରକାଶ ହୋଇଥାଏ ଯାହା ଜୀବକୁ ଦିବ୍ୟତା ଆଡକୁ ନିଏ ସେ ସମୟରେ ଜୀବ ପରମର ମିଳନରେ ଏକ ବିଶେଷ ଆନନ୍ଦରେ ସୃଷ୍ଟିକୁ ଧନ୍ୟବାଦ ଦେବାବେଳେ ସପ୍ତରଙ୍ଗ ହୋଲି ପରିପ୍ରକାଶ ହୋଇଥାଏ । ‘ହୋଲି’ ଜାତି ଧର୍ମ ସମ୍ପ୍ରଦାୟର ସାଂସ୍କୃତିକ ଭାଇଚାରାର ଉତ୍ସବ, ଏହା ହଜାର ହଜାର ବର୍ଷ ଧରି ପାଳନ କରାଯାଉଛି । ଏହି ଖେଳ ପରସ୍ପର ମଧ୍ୟରେ ଏକତା ଭାଇଚାରା ସ୍ନେହ ପ୍ରେମର ମନ୍ତ୍ର ଦେଇଥାଏ । ଏହା ବିଶେଷ କରି ହିନ୍ଦୁମାନଙ୍କ ପର୍ବ ହୋଇଥିବା ବେଳେ ଅଣ ହିନ୍ଦୁମାନେ ବି ସାଂସ୍କୃତିକ ଉତ୍ସବ ହିସାବରେ ପାଳନ କରନ୍ତି ।

ଅରଙ୍ଗାବାଦ ବରୀ ଯାଜପୁର
ମୋ - ୮୨୪୯୫୦୨୭୭୬

# ସ୍ୱତନ୍ତ୍ର ଅଦାଲତଙ୍କ ସନ୍ଦେଶ

**ସୌଭାଗ୍ୟ ରଂଜନ ମହାନ୍ତି**

ଦିଲ୍ଲୀର ବହୁଚର୍ଚ୍ଚିତ ମଦ ଦୁର୍ନୀତି ମାମଲାରେ ସ୍ୱତନ୍ତ୍ର ଅଦାଲତ ଆମ ଆଦମୀ ପାର୍ଟି (ଏଏପି)ର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲ, ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ସମସ୍ତ ୨୩ଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିବା ଘଟଣା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ମର୍ଯ୍ୟାଦାକୁ କେବଳ କ୍ଷୁଣ୍ଣ କରିନାହିଁ, ବିରୋଧୀଦଳର ନେତାମାନଙ୍କୁ କେନ୍ଦ୍ରୀୟ ସଂସ୍ଥା ଟାର୍ଗେଟ କରୁଥିବା ଅଭିଯୋଗକୁ ଆହୁରି ଶକ୍ତିଶାଳୀ କରିଛି ବୋଲି ନିଃସନ୍ଦେହରେ କୁହାଯାଇପାରିବ । କେବଳ ଏତିକି ନୁହେଁ, ସ୍ୱତନ୍ତ୍ର ଅଦାଲତ ବିଚାରପତି ରାୟ ଏବଂ ଟିପ୍ପଣୀ ସିବିଆଇ ଏବଂ କେନ୍ଦ୍ର ସରକାରଙ୍କ ପାଇଁ ଏକ ଶିକ୍ଷା ସଦୃଶ ହୋଇଛି । ସେହିପରି ରାଜନୈତିକ ବିରୋଧୀମାନଙ୍କ ବିରୁଦ୍ଧରେ ସରକାର ଯେତେବେଳେ କେନ୍ଦ୍ରୀୟ ଏଜେନ୍ସିଗୁଡିକ ଆୟୁଧ ଭାବେ ବ୍ୟବହାର କରନ୍ତି, ସେତେବେଳେ ଆଇନର ଉଚିତ ପ୍ରକ୍ରିୟାକୁ ଅନୁସରଣ କରିବାର ଆବଶ୍ୟକତାକୁ ମଧ୍ୟ ସ୍ମରଣ କରାଇ ଦେଇଛି । କହିବା ବାହୁଲ୍ୟ ଯେ, ୨୦୨୨ ଅଗଷ୍ଟରେ ତତ୍‌କାଳୀନ ଦିଲ୍ଲୀ ସରକାର ମଦ ନୀତିକୁ ରଦ୍ଦ କରିବା ପରେ ସିବିଆଇ ଏତଲା ଦାୟର କରିଥିଲା । ଦିଲ୍ଲୀ ମଦ ନୀତିରେ କେତେକ ବେପାରୀଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରାଯାଇଥିବା ଅଭିଯୋଗ କେଜିରୱାଲ ସରକାରଙ୍କ ବିରୁଦ୍ଧରେ ଦୁର୍ନୀତିର କଳାବାଦଲ ଛାୟା ହୋଇଯାଇଥିଲା । କହିବା ଯଥାର୍ଥ ହେବ ଯେ, ବିଶିଷ୍ଟ ଗାନ୍ଧୀବାଦୀ ନେତା ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନରୁ ଜନ୍ମ ନେଇଥିବା ଏଏପି ପାଇଁ ଏଭଳି ଅଭିଯୋଗ ଅତ୍ୟନ୍ତ ଚିନ୍ତାଜନକ ଥିଲା । ଏହା ସତ୍ତ୍ୱେ ଦିଲ୍ଲୀ ମୁଖ୍ୟ ସଚିବଙ୍କ ରିପୋର୍ଟ ଆଧାରରେ ଉପ-ରାଜ୍ୟପାଳ ସିବିଆଇ ତଦନ୍ତ ପାଇଁ ସୁପାରିସ କରିଥିଲେ । ସିବିଆଇ ମାମଲା ରୁଜୁ କରି ପ୍ରଥମେ ଉପମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିଥିଲା, ଯେଦି ୫୧୦ ଦିନ ଜେଲରେ ରହିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ କେଜିରୱାଲାଙ୍କୁ ସିବିଆଇ ଗିରଫ କରିବା ପରେ ସେ ୧୭୭ଦିନ ଜେଲରେ ରହିଥିଲେ । ୨୦୨୫ ଦିଲ୍ଲୀ ବିଧାନସଭା ନିର୍ବାଚନରେ ମଦ ଦୁର୍ନୀତି ମୁଖ୍ୟ ପ୍ରସଙ୍ଗ ହୋଇଥିବାବେଳେ ଏଏପି ଗାଦିଚ୍ୟୁତ ହୋଇଥିଲା । ଏପରିକି ମୁଖ୍ୟମନ୍ତ୍ରୀ କେଜିରୱାଲ ଶୋଚନୀୟ ଭାବେ ପରାସ୍ତ ହୋଇଥିଲେ । ଏବେ ଅଦାଲତଙ୍କ ରାୟ ସିବିଆଇର ତଦନ୍ତ ଉଚିତ ଆଇନଗତ ପ୍ରକ୍ରିୟା ଦ୍ୱାରା ହୋଇନାହିଁ ବୋଲି ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅଦାଲତ ସିବିଆଇକୁ କଟୁ ଭର୍ତ୍ସନା କରିବା ସହ ଏହା ପଛରେ ଷଡଯନ୍ତ୍ର ଥିବା ମନ୍ତବ୍ୟ ଦେଇଛନ୍ତି । ସେହିପରି ସିବିଆଇ ହାତରେ କୌଣସି ପ୍ରମାଣ ନଥିବା, ଅନୁମାନ, ଅନ୍ଦାଜରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ବଳିଷ୍ଠ ରଣନୀତି ପ୍ରସ୍ତୁତ କରିଥିଲା । ଯେଉଁଥିପାଇଁ କି ତଦନ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ପାଇଁ ଅଦାଲତ ସିଧାସଳଖ ନିର୍ଦ୍ଦେଶ ଦେଇଛନ୍ତି । ଯାହାକି ସିବିଆଇ ଇତିହାସରେ ପ୍ରଥମ ଘଟଣା ବୋଲି କୁହାଯାଇପାରେ । ଆହୁରି ଏହି ମାମଲାରେ ବିନା ପ୍ରମାଣରେ ରାଜନେତା, ସରକାରୀ କର୍ମଚାରୀମାନେ କେନ୍ଦ୍ରୀୟ ଏଜେନ୍ସି କିପରି ଫସାଉଛନ୍ତି, ତାହା ଦେଖିବାକୁ ମିଳିଛି । ଉଲ୍ଲେଖଯୋଗ୍ୟ ଯେ, ସିବିଆଇ ବିରୁଦ୍ଧରେ ବା କାର୍ଯ୍ୟଶୈଳୀରେ ଅଦାଲତଙ୍କ କଠୋର ଆଭିମୁଖ୍ୟ ନୂଆ ନୁହେଁ । ୨୦୧୩ରେ ସୁପ୍ରିମକୋର୍ଟ ସିବିଆଇକୁ ‘ପଞ୍ଜୁରୀ ଭିତରେ ଶାରୀ’ ବୋଲି ବର୍ଣ୍ଣନା କରି ଭର୍ତ୍ସନା କରିଥିଲେ । ଏବେ ସ୍ୱତନ୍ତ୍ର ଅଦାଲତରେ ବିଚାରପତି ତଦନ୍ତକାରୀ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ପୂର୍ବ ପ୍ରସ୍ତୁତ ଯୋଜନାବଦ୍ଧ ମାମଲା ବୋଲି ଦର୍ଶାଇବା ସିବିଆଇର ନିରପେକ୍ଷତା, କାର୍ଯ୍ୟଶୈଳୀ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି ।

ସିବିଆଇର ଅପିଲ ଯୋଗୁଁ ଦିଲ୍ଲୀ ହାଇକୋର୍ଟରେ ମାମଲା ଏବେ ପଡିରହିଛି । ଆହୁରି ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଦ ଦୁର୍ନୀତି ଆଧାରରେ କେଜରିୱାଲ ଓ ଅନ୍ୟମାନଙ୍କ ବିରୁଦ୍ଧରେ ମନି ଲଣ୍ଡରିଂ ତଦନ୍ତ କରି ମାମଲା ରୁଜୁ କରିଛି । ଏବେ ଇଡି ମାମଲାରେ ଶୁଣାଣି ଚାଲିଥିବାବେଳେ ଏହାର ଭାଗ୍ୟକୁ କେବଳ ଅପେକ୍ଷା । ଏହା ସତ୍ୟ ଯେ, ଆମ ଦେଶରେ ରାଜନେତା, ଅଫିସରଙ୍କ ବିରୋଧରେ ଦୁର୍ନୀତି ଓ ଆର୍ଥିକ ହେରଫେର ଅଭିଯୋଗରେ ଦୁଇ କେନ୍ଦ୍ରୀୟ ସଂସ୍ଥା ସିବିଆଇ ଓ ଇଡି ମାମଲା ରୁଜୁ କରିଛନ୍ତି । କିନ୍ତୁ ମାମଲାରେ ଦୋଷୀ ସାବ୍ୟସ୍ତ ହାର ଅତି ନଗଣ୍ୟ ତଥା ୩ ପ୍ରତିଶତ ଥିବା କୁହାଯାଏ । ଅଥଚ ଆମେରିକାରେ ଦୋଷୀ ସାବ୍ୟସ୍ତ ହାର ୯୩ ପ୍ରତିଶତ ଥିବା ଜଣାଯାଏ । ଆମ ଦେଶରେ ପ୍ରତି ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହାର ୧ ଥିବା ବେଳେ ୫ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହାର ୨ ରହିଛି । ଏହାର କାରଣ ହେଉଛି ଦୁର୍ବଳ ପ୍ରମାଣ ।

ମୋ-୯୪୩୭୯୯୪୩୭୯

# ସଦ୍‌ଭାବନାର ମହାପର୍ବ ହୋଲି

**ଦଶରଥ ହେମ୍ବ୍ରମ୍**

“ କିଛି ସମୟ ପାଇଁ ହେଉ ପଛେ ସେମାନେ ଭୁଲିଯାନ୍ତି ସେମାନଙ୍କ ଜୀବନର ଥିବା ଅନେକ ସମସ୍ୟା ଏବଂ ସମସ୍ତ ଦୁଃଖ, କଷ୍ଟ ଓ ଯନ୍ତ୍ରଣାକୁ । ରଙ୍ଗ ଭରିଦିଏ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ଆଉ ଭଲ ପାଇବା । କୁହାଯାଏ, ଏହିଦିନ ଶତ୍ରୁ ବି ଶତ୍ରୁତା ଭୁଲି ରଙ୍ଗ ଖେଳରେ ସାମିଲ ହୁଏ । ସେଥିପାଇଁ କୁହାଯାଏ ‘ବୁରା ନା ମାନୋ ହୋଲି ହୈ’ । ଏହିପରି ଭାବେ ହୋଲି ଉତ୍ସବ ଆମ ସମାଜରେ ଭାଇଚାରା ଓ ମିତ୍ରତା ବଢ଼ାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଏ ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁସାରେ ପାଳିତ ହେଉଥିବା ପର୍ବପର୍ବାଣି ମଧ୍ୟରୁ ହୋଲି ହେଉଛି ଲୋକପ୍ରିୟ ପର୍ବ, କେହି କେହି ଏହାକୁ ଗଣପର୍ବ ମଧ୍ୟ କୁହନ୍ତି । ଆମ ଭାରତରେ ବସବାସ କରୁଥିବା ସବୁ ବର୍ଗର ଲୋକମାନେ ହୋଲି ପର୍ବକୁ ଖୁବ ଉତ୍ସାହର ସହିତ ଦୁଇଦିନ ଧରି ପାଳନ କରିଥାନ୍ତି । ପ୍ରଥମ ଦିନରେ ହୋଲିକା ଦହନ କରାଯାଏ, ଯାହା ଛୋଟି ହୋଲି ଭାବେ ଜଣାଶୁଣା ଏବଂ ଦ୍ୱିତୀୟ ଦିନରେ ଲୋକମାନେ ଏକତ୍ର ହୋଇ ଖୁବ୍ ମଜା ମଉଜରେ ରଙ୍ଗ ଖେଳନ୍ତି । ଶୁଣାଯାଏ, ବହୁ ପୂର୍ବରୁ ହୋଲି କେବଳ ହିନ୍ଦୁ ଧର୍ମର ଏକ ପର୍ବ ମଧ୍ୟରେ ସୀମିତ ରହିଥିଲା କିନ୍ତୁ ବର୍ତ୍ତମାନ ସମୟରେ ତାହା ସମଗ୍ର ବିଶ୍ୱରେ ଏକ ମହାଉତ୍ସବ ଭାବେ ବିଶ୍ୱବାସୀ ପାଳନ କରୁଛନ୍ତି । ତେବେ ହୋଲି ପର୍ବ ସହ ଯୋଡ଼ି ହୋଇଛି ଅନେକ ପୌରାଣିକ କଥାବସ୍ତୁ ।

କୁହାଯାଏ, ହୋଲି ଭାରତର ପ୍ରାଚୀନ ପର୍ବ ମଧ୍ୟରୁ ଗୋଟିଏ । ଯଦି ଆମେ ହୋଲିର ଉତ୍ପତ୍ତି କିମ୍ବା ହୋଲିର ଇତିହାସ ବିଷୟରେ ଆଲୋଚନା କରିବା, ତେବେ ହୋଲିର ବର୍ଣ୍ଣନା ଅନେକ ପୌରାଣିକ କାହାଣୀରେ ମିଳିଥାଏ । ପୌରାଣିକ ଅନୁସାରେ, ପ୍ରାଚୀନ କାଳରେ ଜଣେ ରାଜା ଥିଲେ, ଯାହାର ନାମ ହିରଣ୍ୟକଶ୍ୟପ । ତାଙ୍କ ପୁଅ ପ୍ରହ୍ଲାଦ ଭଗବାନ ବିଷ୍ଣୁଙ୍କର ଜଣେ ପରମ ଭକ୍ତ ଥିଲେ । ସେ ବିଷ୍ଣୁଙ୍କ ଭକ୍ତିରେ ସର୍ବଦା ମଗ୍ନ ଓ ସମର୍ପିତ ରହୁଥିଲେ । କିନ୍ତୁ ତାଙ୍କ ପିତା ହିରଣ୍ୟକଶ୍ୟପ ଏହାକୁ ଆଦୌ



ପସନ୍ଦ କରୁନଥିଲେ । ତେଣୁ ପ୍ରହ୍ଲାଦଙ୍କୁ ହତ୍ୟା କରିବାକୁ ଅନେକ ଉପାୟରେ ଷଡ଼ଯନ୍ତ୍ର ରଚାଗଲା । ଶେଷରେ, ହିରଣ୍ୟକଶ୍ୟପଙ୍କ ଭଉଣୀ ହୋଲିକାଙ୍କୁ ପ୍ରହ୍ଲାଦଙ୍କ ସହ ନିଆଁରେ ପ୍ରବେଶ କରିବାକୁ ନିର୍ଦ୍ଦେଶ ଦିଆଗଲା । ଏହି ସମୟରେ ପ୍ରଭୁ ବିଷ୍ଣୁ ପ୍ରହ୍ଲାଦଙ୍କୁ ସାହାଯ୍ୟ କରିବାକୁ ଆସି ଭକ୍ତ ପ୍ରହ୍ଲାଦଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ହୋଲିକା ନିଆଁରେ ଜଳି ଯାଇଥିଲେ । ସେହିଦିନ ଠାରୁ ହୋଲିକା ଦହନର ପରମ୍ପରା ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ତାହାକୁ ବିଜୟର ଉତ୍ସବ ମନେକରି ସମସ୍ତେ ଏକତ୍ର ହୋଇ ରଙ୍ଗ ଖେଳିବା ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଏ ।

ହରିହର ପୁରାଣର ଅନୁସାରେ, ବିଶ୍ୱର ପ୍ରଥମ ହୋଲି ପ୍ରଭୁ ମହାଦେବ ଖେଳିଥିଲେ । ଭଗବାନ ଶିବ କୈଳାସ ପର୍ବତରେ ଧ୍ୟାନମଗ୍ନ ଥିଲେ । ରାକ୍ଷସ ତାରକାସୁରକୁ ବଧ କରିବା ପାଇଁ ପ୍ରେମର ଦେବତା କାମଦେବ ଏବଂ ତାଙ୍କ ପତ୍ନୀ ରତି ମହାଦେବ ଶିବଙ୍କୁ ଧ୍ୟାନରୁ ଉଠାଇବା ପାଇଁ ନୃତ୍ୟ ଆରମ୍ଭ କରିଥିଲେ । ତାଙ୍କର ନୃତ୍ୟ ଦ୍ୱାରା ଭଗବାନ ଶିବଙ୍କ ଧ୍ୟାନ ଭଗ୍ନ ହୋଇଥିଲା । ମହାଦେବ ଶିବଙ୍କ କ୍ରୋଧାଗ୍ନିରେ କାମଦେବ ଜଳିଗଲେ । ଏହାପରେ ରତି ଅନୁତାପରେ ଯେତେବେଳେ କାନ୍ଦିଲେ, ଭଗବାନ ଶିବ ତାଙ୍କ ପ୍ରତି ଦୟା କଲେ ଏବଂ କାମଦେବଙ୍କୁ ପୁନର୍ବାର ଜୀବିତ କଲେ । ଏହି ଖୁସିରେ ରତି ଏବଂ କାମଦେବ ବ୍ରଜ ମଣ୍ଡଳରେ ବ୍ରହ୍ମଭୋଜନର ଆୟୋଜନ କରିଥିଲେ, ଯେଉଁଥିରେ ଦେବଦେବୀମାନେ ଅଂଶଗ୍ରହଣ କରିଥିଲେ । ଚନ୍ଦନ ତିଳକ ଲଗାଇ ଏହି ଦିନକୁ ଉଲ୍ଲାସରେ ପାଳନ କରାଯାଇଥିଲା । କୁହାଯାଏ, ଏହି ଦିନଟି ଥିଲା ଫାଲ୍‌ଗୁନ ପୂର୍ଣ୍ଣିମା । ଭାରତୀୟ ଇତିହାସରୁ ଜଣାପଡେ, ଶ୍ରୀଚୈତନ୍ୟ ଦେବ ଏହି ଦିନ ଜନ୍ମଗ୍ରହଣ କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଈଶ୍ୱର ହେଉଛନ୍ତି ସମସ୍ତଙ୍କର । ଏହି ବିଶ୍ୱାସ ଯୋଗୁଁ ହିଁ ନାମ ସଂକୀର୍ତ୍ତନ ହୋଲିରେ ପ୍ରବେଶ କରି ଏହାର ଏକ ଅଭିନ୍ନ ଅଂଶରେ ପରିଣତ ହୋଇଛି । ଏଣୁ ହୋଲି ପ୍ରେମ, ବିଶ୍ୱାସ, ଭ୍ରାତୃତ୍ୱ ଭାବ ଏବଂ ସଦ୍‌ଭାବନାର ଏକ ମହାପର୍ବ ବୋଲି ଶ୍ରୀଚୈତନ୍ୟ କହିଥିଲେ ।

ଆଧ୍ୟାତ୍ମିକ ଭାରତ ବର୍ଷକୁ ଦେଖିଲେ ସମସ୍ତ ବର୍ଗର ଲୋକମାନେ ହୋଲିକୁ ଆନନ୍ଦ ଓ ଭ୍ରାତୃତ୍ୱର ଗଣପର୍ବ ଭାବେ ପାଳନ କରିଥାନ୍ତି । ଆମ ଦେଶରେ ଥିବା ବିଭିନ୍ନ ରାଜ୍ୟରେ ବିଭିନ୍ନ ଢଙ୍ଗରେ ହୋଲି ଉତ୍ସବ ପାଳନ କରିବାର ଉତ୍ସୁକତା ଦେଖାଯାଏ । କିଛି ରାଜ୍ୟରେ ହୋଲି ଉତ୍ସବର ନାଁ ମଧ୍ୟ ଭିନ୍ନ ରହିଛି, ଯେମିତି ପଶ୍ଚିମବଙ୍ଗରେ ‘ବସନ୍ତୋତ୍ସବ’, ଆମ ଓଡ଼ିଶାରେ ‘ଦୋଳଯାତ୍ରା’ ମହାରାଷ୍ଟ୍ରରେ ‘ରଙ୍ଗପଞ୍ଚମୀ’, ଓ ଫାଲଗୁନ ପୂର୍ଣ୍ଣିମା, ପାବରେ ‘ହୋଲ୍ଲା ମୋହୋଲା’, ଉତ୍ତରପ୍ରଦେଶରେ ‘ଲାଠମାର’, ଗୋଆରେ ‘ସିଗମୋ’, କେରଳରେ ‘ମଲ କୁଳି’, ଗୁଜୁରାଟରେ ‘ଧୁଲେଟି’ ଓ ତାମିଲନାଡୁ ଏବଂ କର୍ଣ୍ଣାଟକରେ ‘କାମ-ଦହନ’/’ ‘ମଦନୋତ୍ସବ’ ନାମରେ ଜଣାଶୁଣା । କିନ୍ତୁ ମଥୁରା ଅନ୍ତର୍ଗତ ବ୍ରଜରେ ଶ୍ରୀକୃଷ୍ଣ ଓ ଶ୍ରୀରାଧା ପ୍ରଥମେ ହୋଲି ଖେଳିଥିବାରୁ ତାହା ‘ବ୍ରଜ ହୋଲି’ ଭାବେ ପ୍ରସିଦ୍ଧ । ସବୁଠାରୁ ବଡ଼ କଥା ହେଲା, ବୃନ୍ଦାବନରେ ଫୁଲରେ ହୋଲି ଖେଳାଯାଏ । ମହାରାଷ୍ଟ୍ରରେ ପାଞ୍ଚଦିନ ଧରି ହୋଲି ପାଳିତ ହୋଇଥାଏ । ମାଠିଆ ଭଙ୍ଗା ଉତ୍ସବ ମଧ୍ୟ ହୋଲିର ଅନ୍ୟତମ ଆକର୍ଷଣୀୟ ପରମ୍ପରା ରହିଛି । ଖାଲି ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ଏହି ପର୍ବ ପାଳନ କରନ୍ତି, ତାହା ନୁହେଁ; ବରଂ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଆନନ୍ଦ, ଉଲ୍ଲାସର ସହ ପରସ୍ପରକୁ ଅବିର ଓ ରଙ୍ଗ ଲଗାଇ ହୋଲିର ଶୁଭେଚ୍ଛା ଜଣାନ୍ତି । କିଛି ସମୟ ପାଇଁ ହେଉ ପଛେ ସେମାନେ ଭୁଲିଯାନ୍ତି ସେମାନଙ୍କ ଜୀବନର ଥିବା ଅନେକ ସମସ୍ୟା ଏବଂ ସମସ୍ତ ଦୁଃଖ, କଷ୍ଟ ଓ ଯନ୍ତ୍ରଣାକୁ । ରଙ୍ଗ ଭରିଦିଏ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ଆଉ ଭଲ ପାଇବା । କୁହାଯାଏ, ଏହିଦିନ ଶତ୍ରୁ ବି ଶତ୍ରୁତା ଭୁଲି ରଙ୍ଗ ଖେଳରେ ସାମିଲ ହୁଏ । ସେଥିପାଇଁ କୁହାଯାଏ ‘ବୁରା ନା ମାନୋ ହୋଲି ହୈ’ । ଏହିପରି ଭାବେ ହୋଲି ଉତ୍ସବ ଆମ ସମାଜରେ ଭାଇଚାରା ଓ ମିତ୍ରତା ବଢ଼ାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଏ ।

ବାଲେଶ୍ୱର, ମୋ -୯୩୩୭୪୦୪୨୫୪

# ରାଉରକେଲାରେ ଆଧାତ୍ମିକ ପରିବେଶ

ରାଉରକେଲା ୨/୩ (ନିପ୍ର): ରାତି ପାହିଲେ ଦୋଳ ପୂର୍ଣ୍ଣିମା। ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ହେଉଥିବାରୁ ଏବର୍ଷ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଦୋଳ ଏବଂ ହୋଲି ପର୍ବ ପାଖେଇ ଆସୁଥିବାରୁ ସହର ଓ ଏହାର ଆଖପାଖ ଗ୍ରାମାଞ୍ଚଳରେ ଏକ ଆଧାତ୍ମିକ ଏବଂ ଉତ୍ସବମୁଖୀ ପରିବେଶ ସୃଷ୍ଟି ହୋଇଛି। ଗ୍ରାମ ଏବଂ ସହରାଞ୍ଚଳର ଭକ୍ତମାନେ ପାରମ୍ପରିକ ରୀତିନୀତିରେ ସକ୍ରିୟ ହୋଇ ଅଂଶଗ୍ରହଣ କରୁଛନ୍ତି। ଏହା ହୋଲି ପାଳନ ପୂର୍ବରୁ ଏକ ଧାର୍ମିକ ଉତ୍ସାହ ସୃଷ୍ଟି କରିଛି । ସହରର ବହୁ ସ୍ଥାନରେ, ଭଜନ କୀର୍ତ୍ତନ ପ୍ରଦର୍ଶନ ସହିତ ସୁନ୍ଦର ଭାବରେ ସଜ୍ଜିତ ବିଭାନରେ ରାଧା ଓ କୃଷ୍ଣଙ୍କ ଯୁଗଳ ପ୍ରତିମାଙ୍କୁ ଭକ୍ତଙ୍କ ଘରଦ୍ୱାରକୁ ନିଆଯାଉଛି। ଭକ୍ତମାନେ ଦୋଳ ଯାତ୍ରାର ପାରମ୍ପରିକ ପାଳନକୁ ଉପଲକ୍ଷ କରି ଘରେ ଘରେ ପ୍ରାର୍ଥନା ଏବଂ ଭୋଗ ଦେଉଛନ୍ତି। ସହରର ବିଭିନ୍ନ ଅଞ୍ଚଳରେ ବହୁ ପ୍ରତୀକ୍ଷିତ ଦୋଳ ମେଳନ ପାଇଁ ପ୍ରସ୍ତୁତି ମଧ୍ୟ ଚାଲିଛି। ସମୟ ସହିତ ତାଳ ଦେଇ, ରାଉରକେଲାରେ ହୋଲିର ରଙ୍ଗ ଦୋକାନ ଖୋଲିବା ସହିତ ବଜାରରେ ଗହଳି ଦେଖିବାକୁ ମିଳିଛି। ହୋଲି ଉତ୍ସବ ପାଇଁ ବିଭିନ୍ନ ପ୍ରକାରର ରଙ୍ଗ ଉପଲବ୍ଧ କରାଯାଇଛି। ଏହି ବର୍ଷ ଔଷଧୀୟ ରଙ୍ଗର ଯଥେଷ୍ଟ ଚାହିଦା ରହିଛି। ଜନସାଧାରଣଙ୍କ ପସନ୍ଦକୁ ଦୃଷ୍ଟିରେ ରଖି, ବ୍ୟବସାୟୀମାନେ ପ୍ରଚୁର ପରିମାଣରେ ପରିବେଶ ଅନୁକୂଳ ଔଷଧୀୟ ରଙ୍ଗ ମହଜୁଦ ରଖିଛନ୍ତି। ଦୋଳ ଏବଂ ହୋଲି ସହିତ ପବିତ୍ର ରମଜାନ ମାସ ମଧ୍ୟ ପାଳନ କରାଯାଉଥିବାରୁ, ସାମ୍ପ୍ରଦାୟିକ ସଦ୍ଭାବନା ଏବଂ ଶାନ୍ତିପୂର୍ଣ୍ଣ ପାଳନ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରାଯାଉଛି। ପ୍ଲାଣ୍ଟସାଇଟ୍ ଥାନା ଇନ୍ସପେକ୍ଟର ବିବସ୍ୱ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ଲାଣ୍ଟସାଇଟ୍ ଥାନାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଅର୍ଥନୀତି ଆଲୋଚନାଚକ୍ର

ଯାଜପୁର, ୧ ।୩ (ନିପ୍ର); ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି' ଉପଲକ୍ଷେ ବ୍ୟାସନଗର ସ୍ଥିତ ଟାଉନହଲରେ 'ଜେ - ଲିଡ ୨୦୨୬' ଯାଜପୁର ଯୁବ ସମ୍ବାଦ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। 'ସାମ୍ପ୍ରତିକ ଅର୍ଥନୈତିକ ପରିଦୃଶ୍ୟ: ସମ୍ଭାବନା ଏବଂ ଆହ୍ୱାନ' ବିଷୟବସ୍ତୁକୁ ନେଇ ସେମିନାର କରାଯାଇଥିଲା। କାର୍ଯ୍ୟକ୍ରମକୁ କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲାପାଳ ଅମ୍ବର କୁମାର କର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଯୋଗ ଦେଇଥିଲେ। କୋରେଇ ବିଧାୟକ ଆକାଶ ଦାସ ନାୟକ ଅଭିଭାଷଣରେ ବିଶ୍ୱ ମାନଚିତ୍ରରେ ଯାଜପୁର ଜିଲ୍ଲାର ଅର୍ଥନୈତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେହିଭଳି ଜିଲ୍ଲାପାଳ ଶ୍ରୀ କର ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିବା ସହ ଏଭଳି ଆଲୋଚନା ଚକ୍ର ଆୟୋଜନ ପଛର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ମହୋତ୍ସବ ଆୟୋଜନ କେବଳ ନାଚ ଗୀତରେ ସୀମିତ ନରହି, ଏହା ସହିତ ବୌଦ୍ଧିକ ଆଲୋଚନା ମଧ୍ୟ ହେବା ଆବଶ୍ୟକ ବୋଲି ଜିଲ୍ଲାପାଳ କହିଥିଲେ। ଏହାଦ୍ୱାରା ଜିଲ୍ଲାର ଛାତ୍ରଛାତ୍ରୀ ଯୁବପିଢ଼ି ଅର୍ଥନୈତିକ ପ୍ରଗତି ସମ୍ପର୍କରେ ବ୍ୟାବହାରିକ ଜ୍ଞାନ ପାଇବେ। ଅତୀତ ଓଡିଶାର ରାଜଧାନୀ ଥିବା ଯାଜପୁରର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ପାଇଁ ନୀତି ନିର୍ମାତା, ଶିଳ୍ପ ନେତୃତ୍ୱ, ବିଶିଷ୍ଟ ଅର୍ଥନୀତିଜ୍ଞମାନେ ଏହି ସମାରୋହରେ ଏକତ୍ର ହୋଇଥିଲେ। କାର୍ଯ୍ୟକ୍ରମରେ ବକ୍ତା ଭାବେ ଅର୍ଥନୀତି ବିଶେଷଜ୍ଞ ତଥା ଆଇସିଆରଆଇଇଆର ପୂର୍ବତନ ନିର୍ଦ୍ଦେଶକ ଓ ସିଇଓ ଡ. ଦୀପକ ମିଶ୍ର, ଆଇଏମଆଇ ଭୁବନେଶ୍ୱରର ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ପ୍ରୀତିଶ କୁମାର ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟର ଆରବିଆଇ ଚେୟାର ପ୍ରଫେସର ସୁଧାକର ପାତ୍ର ଏବଂ ଟାଟା ଷ୍ଟିଲର କର୍ପୋରେଟ ବ୍ୟାପାର ଉପାଧ୍ୟକ୍ଷ ଡିବି ସୁନ୍ଦର ରାମମ ଓ ଜିନ୍ଦଲ ଷ୍ଟେନଲେସର ମୁଖ୍ୟ ବିଜିନେସ ଅଧିକାରୀ ଏସବି ଉପାଧ୍ୟାୟ ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ।

# ଏଚ୍‌ପିଭି ସଂକ୍ରମଣ ନିରାକରଣ ପାଇଁ ଅଭିଯାନ

ରାୟଗଡ଼ା, ୨ ।୩ (ନିପ୍ର): ରାୟଗଡ଼ ଠାରେ ହ୍ୟୁମାନ ପାପିଲୋମା ଭାଇରସ୍ ବା ଏଚପିଭି ନିରାକରଣ ପାଇଁ ଟିକାକରଣ କାର୍ଯ୍ୟକ୍ରମ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ରାୟଗଡ଼ ନିର୍ବାଚନ ମଣ୍ଡଳୀର ବିଧାୟକ କାଡ୍ରାକା ଆପାଲାସ୍ୱାମୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସରୋଜିନୀ ଦେବୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ମୁଖ୍ୟ ଚିକିତ୍ସାଳୟର ସୁପରିନଟେଣ୍ଡେଣ୍ଟ ଡ଼: ପି କେ ମିଶ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼ କିଶୋର କୁମାର ବାରାଇ, ଜିଲ୍ଲା ଶିକ୍ଷା ଅଧିକାରୀ ରାମ ଚରଣ ନାହାକ ଏବଂ ମହିଳା ଏବଂ ଶିଶୁ ବିକାଶ ବିଭାଗ ତରଫରୁ କର୍ମଚାରୀ ମାନେ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀଙ୍କ ଏହି ମହତ୍ତ୍ୱକାଂକ୍ଷୀ ଅଭିଯାନରେ ଓଡିଶାର ୧୪ ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ପ୍ରାୟ ୩.୩୬ ଲକ୍ଷ ବାଳିକାଙ୍କୁ ଟିକାକରଣ କରାଯିବ। ଏଥିପାଇଁ ୩ ମାସ ସମୟ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ଏବଂ ଏହି ଟିକାକରଣ ପ୍ରକ୍ରିୟାରେ ଆମ ଜିଲ୍ଲା ୧୪ ରୁ ୧୫ ବୟସ ମଧ୍ୟରେ ଥିବା ୭୫୮୭ ବାଳିକା ଉପକୃତ ହେବେ । ଏହି ଟିକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ମାସରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବ। ଏହି ଟିକା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ। ଝିଅମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଏହି ଟୀକାକରଣ ଅଭିଯାନ କରାଯାଇଛି । ସର୍ଭିକାଲ୍ କ୍ୟାନ୍‌ସରକୁ ରୋକିବା ପାଇଁ ଏହି ଟିକାର ବଜାର ମୂଲ୍ୟ ୪ ହଜାର ଟଙ୍କା ହୋଇଥିବା ବେଳେ, ଏହା ଝିଅମାନଙ୍କୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ପ୍ରଦାନ କରାଯିବ ।

# 'ସଂଗଠନ ସୁଦୃଢ଼ ହେଲେ ହକ୍ ହାସଲ ସହଜ ହେବ'

କୁଚିଣ୍ଡା, ୨ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା ଜରିଆ ଗଉଡ କଲ୍ୟାଣ କମିଟି ତରଫରୁ କୁଚିଣ୍ଡା ସ୍ଥିତ ଝରିଆ ଗଉଡ ଭବନ ପରିସରରେ ଜିଲ୍ଲାସ୍ତରୀୟ ଦୋଳ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ବିରଞ୍ଚି ଦର୍କାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ,ଗଉଡ ସମାଜ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ତେଣୁ ସଂଗଠନକୁ ସୁଦୃଢ଼ କରି ହକ ହାସଲ ପାଇଁ ଲଢେଇ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇ,ଜିଲ୍ଲା କମିଟି ଉପଦେଷ୍ଟା ଖୁସିରାମ କଉଡ଼ି, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ,ପୂର୍ବତନ କାଉନସିଲର ଶୁଶିଳ କର,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରୁଦ୍ରପ୍ରତାପ ଦେଓ,ଜିଲ୍ଲା ଉପସଭାପତି ସନାତନ ଭଇଁଷା,ମଦନ ମୋହନ ଭଇଁଷା, ସରୋଜ ପରୁଆ,ମହିଳା ସଭାନେତ୍ରୀ ଚିନୁପମା ଭଇଁଷା, ଯମୁନା ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଦେବାନନ୍ଦ କର୍ସେଲ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଅତିଥିମାନେ ୨୦୨୫ମାଟ୍ରିକ ଓ ଯୁକ୍ତଦୁଇ ବାର୍ଷିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ୧୭ଜଣ ଛାତ୍ରଛାତ୍ରୀଙ୍କୁ ଝରିଆ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଏକ ସୁସଜ୍ଜିତ ରଥରେ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରୁ ଏକ ବିରାଟ ଶୋଭାଯାତ୍ରାରେ ଝରିଆ ଗଉଡ ଭବନକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଯୁବ ସଂଗଠକ ଡୋଳାମଣି ଷଣ୍ଢ ସଭା ପରିଚାଳନା କରିଥିଲେ।

# ମହାବୀର ଆଞ୍ଚଳିକ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବେଗୁନିଆ, ୨ ।୩ (ନିପ୍ର): ବୋଲଗଡ଼ ବ୍ଲକ ଗେଡିଆପଲ୍ଲି ପଞ୍ଚାୟତ ଶାମୁକା ପାଟଣା ମହାବୀର ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଗ୍ରାମ୍ୟ ଖେଳ ପଡିଆରେ ବହୁ ପ୍ରତୀକ୍ଷିତ ୧୮ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି ।ଉଦଘାଟନ ଉତ୍ସବରେ ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ବ୍ରହ୍ମପୁର କମିଶନର କୋର୍ଟର ଅତିରିକ୍ତ କମିଶନର କୈଳାଶ ଚନ୍ଦ୍ର ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପବିତ୍ର ସ୍ୱାଇଁ, ସେନା ଅଧିକାରୀ ଯୁଧିଷ୍ଠିର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ୧୮ତମ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହିତ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ।ପ୍ରଥମ ଦିବସରେ କୁମ୍ଭିଲୋ ଫୁଟବଲ କ୍ଲବ, ବିନ୍ଧ୍ୟଗିରୀ କ୍ଲବକୁ ଭେଟିଥିଲା। ପ୍ରଥମାର୍ଦ୍ଧ ଖେଳରେ କୁମ୍ଭିଲୋ ଗୋଟାଏ ଗୋଲ କରିଥିବା ବେଳେ। ଜଳପାନ ବିରତି ପରେ ଦ୍ୱିତୀୟାର୍ଦ୍ଧ ଖେଳରେ କୌଣସି ଗୋଲ ହୋଇପାରିନଥିଲା । କୁମ୍ଭିଲୋ ୧-୦ରେବିଜୟୀ ହୋଇ ପ୍ରଥମ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି ।ଆଜି ଖେଳରେ ଲକ୍ଷ୍ମୀଧର ଚଉଧୁରି, ମୁଖ୍ୟ ରେଫରି,ଶିବ ଦେହୁରୀ, ପ୍ରକାଶ ପରିଡ଼ା ଲାଇନରେ ସହାୟତା କରିଥିବା ବେଳେ ମ୍ୟାଚ କମିଶନର ଭାବେ ଦୟାନ ଖାଁ ଦାୟିତ୍ୱ ତୁଲାଇଥିଲେ ।ଭାଷ୍ୟକାର ଦାଶରଥି ନାହାକ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଜଙ୍ଗଲର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ : ଡିଏଫଓ

ରାଉରକେଲା, ୨ ।୩ (ନିପ୍ର): ଜଙ୍ଗଲରେ ଅଗ୍ନି ଲାଗି, ଜଙ୍ଗଲ ପୋଡିବା ସହିତ ଜଙ୍ଗଲରେ ଥିବା ପଶୁ ଓ ପକ୍ଷୀ ଏଥିରେ ମୃତ ହେଉଛନ୍ତି। ଜଙ୍ଗଲ ଅଗ୍ନି ମନୁଷ୍ୟକୃତ। ଏହାର ନିରାକରଣ କରାଯିବାର ଆବଶ୍ୟକତା ରହିଛି। ଆଜି ରାଉରକେଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜଙ୍ଗଲ ଅଗ୍ନି ନେଇ ସୂଚନା ଦେଇଛନ୍ତି ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ। ଜଙ୍ଗଲ ଅଗ୍ନି ମନୁଷ୍ୟକୃତ। ଜଙ୍ଗଲ ଅଗ୍ନିକୁ ୫୦ ପ୍ରତିଶତ ହ୍ରାସ ହାସଲ କରିବା ପାଇଁ ଏକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜଙ୍ଗଲ ଅଗ୍ନିକୁ ନେଇ ବନ ବିଭାଗ ପକ୍ଷରୁ ଏକ ମୋବାଇଲ ନମ୍ବର ଡିଏଫଓଙ୍କ କଣ୍ଟ୍ରୋଲ ରୁମ୍ ପକ୍ଷରୁ ଜାରି କରାଯାଇଛି ବୋଲି ସୂଚନା ଦିଆଯାଇଛି। ଏହି ମୋବାଇଲ ନମ୍ବର ହେଲା ୮୪୮୦୪୦୮୯୨୪। ଡିଏଫଓ ଯଶୋବନ୍ତ ସେଠୀ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପ୍ରକାଶ କରିଛନ୍ତି ଯେ, ଜଙ୍ଗଲରେ ଅଗ୍ନି ଲାଗିବା ମନୁଷ୍ୟକୃତ। ଏହାର ନିବାରଣ ପାଇଁ ୱାଚ୍ ଟାୱାରରେ କ୍ୟାମେରା ଲଗାଯିବା ସହିତ ପଶୁ ପକ୍ଷୀଙ୍କ ପିଇବା ପାଇଁ




ଆବଶ୍ୟକ ହେଉଥିବା ପାଣି, ଜଙ୍ଗଲରେ ଥିବା ନାଳ ଓ ଝରଣାର ପାଣିକୁ ବ୍ୟବହାରିକ କରିବା ପାଇଁ ସ୍ଥାନେ ସ୍ଥାନେ ଖନନ କରି ରଖାଯାଇଛି ବୋଲି ଆଜି ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ। ଜନସାଧାରଣଙ୍କ ପାଇଁ ବାର୍ତ୍ତା ଦେବାକୁ ଯାଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ କହିଥିଲେ ଯେ, ଜଙ୍ଗଲରେ ନିଆଁ ଲାଗିବା ପରିବେଶତନ୍ତ୍ରର ଏକ ପ୍ରାକୃତିକ ଅଂଶ, କିନ୍ତୁ ଏହା ଲାଭ ଓ ବିପଦ ଉଭୟକୁ ନେଇ ଆସିଥାଏ। ଯଦିଓ ଏହା କିଛି ଉଦ୍ଭିଦକୁ ପୁନର୍ଜୀବିତ କରିବା ସହ ପରିବେଶଗତ ସନ୍ତୁଳନ ବଜାୟ ରଖିବାରେ ଏବଂ ବନ୍ୟପ୍ରାଣୀଙ୍କ ବାସସ୍ଥାନକୁ ସମର୍ଥନ କରିବାରେ ସାହାଯ୍ୟ କରିପାରେ। ଅନ୍ୟ ପକ୍ଷରେ ଏହି ଅନିୟନ୍ତ୍ରିତ ନିଆଁ ବିନାଶକାରୀ ହୋଇପାରେ। ଏହା ଜଙ୍ଗଲ, ଘର ଏବଂ ଫସଲକୁ ନଷ୍ଟ କରିଦେବା ସହିତ ବନ୍ୟପ୍ରାଣୀଙ୍କୁ ବିପଦରେ ପକାଇଥାଏ। ବାୟୁମଣ୍ଡଳକୁ ପ୍ରଦୂଷିତ କରିବା ସହ ଦୀର୍ଘକାଳୀନ ମାଟି ଏବଂ ପରିବେଶଗତ କ୍ଷତି ଘଟାଇଥାଏ। ଅଧିକାଂଶ ଜଙ୍ଗଲରେ ନିଆଁ ପ୍ରତିରୋଧ କରାଯାଇପାରିବ। ଲୋକମାନଙ୍କୁ ଜଙ୍ଗଲ ନିକଟରେ ଅଳିଆ ପୋଡ଼ିବା, ସିଗାରେଟ୍ ଫିଙ୍ଗିବା ଓ ଅସାବଧାନତାବଶତଃ ନିଆଁ ବ୍ୟବହାର କରିବାରୁ ବଞ୍ଚିବାକୁ ଅନୁରୋଧ କରାଯାଇଛି। ଯଦି କୌଣସି ଅଗ୍ନିକାଣ୍ଡ ଦେଖନ୍ତି, ତେବେ ତୁରନ୍ତ ରାଉରକେଲା ବନ ବିଭାଗ କଣ୍ଟ୍ରୋଲ ରୁମ ନମ୍ବର - ୮୪୮୦୪୦୮୯୨୪ରେ ଫୋନ୍ କରନ୍ତୁ। ସମସ୍ତେ ଆମେ ଏକାଠି ହୋଇ ଆମର ଜଙ୍ଗଲ ଏବଂ ଆମର ଭବିଷ୍ୟତକୁ ସୁରକ୍ଷା କରିପାରିବା ବୋଲି ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଏହି ସାମ୍ବାଦିକ ସମ୍ମିଳନୀରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି ।

# ଟ୍ରିବ୍ୟୁନାଲର ଓଡ଼ିଶା ଗସ୍ତ ଓଡିଶାବାସୀଙ୍କୁ ସୁଫଳ ଦେବ :ଆଡଭୋକେଟ ଜେନେରାଲ

ପୁରୀ, ୨ ।୩ (ନିପ୍ର): ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲର ଓଡ଼ିଶା ଗସ୍ତ ଓଡିଶାବାସୀଙ୍କୁ ସୁଫଳ ଦେବ ବୋଲି କହିଛନ୍ତି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ ତ୍ରିବେଦୀଙ୍କ ନେତୃତ୍ୱରେ ଅନ୍ୟତମ ସଦସ୍ୟ ଜଷ୍ଟିସ ଡ. ରବି ରଞ୍ଜନ, ଜଷ୍ଟିସ ଇନ୍ଦରମିତ କୌର କୋଚର ଙ୍କ ସହ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପୁରୀ ରେ ପହଞ୍ଚି ଥିଲେ ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଓ ଏସ ପି ପ୍ରତୀକ ସିଂ ଟ୍ରିବୁନାଲକୁ ସ୍ୱାଗତ କରିଥିଲେ। ପରେ ଟ୍ରିବ୍ୟୁନାଲ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ।ଏହି ଅବସରରେ ଆଡଭୋକେଟ ଜେନେରାଲ ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ମହାନଦୀ ଜଳ ବିବାଦ ର ସମାଧାନ ପାଇଁ ଟ୍ରିବୁନାଲ କ୍ଷେତ୍ର ପରିଦର୍ଶନ, ସ୍ଥିତି ଅନୁଧ୍ୟାନ କରିବା ଜରୁରୀ ଥିଲା। ପୂର୍ବରୁ ଗଠିତ କମିଶନ ୨୦୨୩ ମସିହାରେ ୭/୮ ଦିନ ପାଇଁ ଓଡିଶା ଗସ୍ତ ରେ ଆସିଥିଲେ। ତେବେ ଚଳିତ ଗସ୍ତରେ ଟ୍ରିବ୍ୟୁନାଲ ହୀରାକୁଦ ଜଳ ଭଣ୍ଡାର, ହୀରାକୁଦ ଡ୍ୟାମ,ବୁର୍ଲା ପାୱାର ଚାନେଲ ପରିଦର୍ଶନ ଓ ନିରୀକ୍ଷଣ କରିଥିଲେ ।ରାଜ୍ୟ ସରକାରଙ୍କ ପକ୍ଷରୁ ବୈଷୟିକ ଟିମ୍ ଦ୍ୱାରା ପ୍ରସ୍ତୁତ ତଥ୍ୟ କୁ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ମହାନଦୀ ର ସମଗ୍ର ଡେଲଟା ଅଞ୍ଚଳ ଯାହାକି ବନ୍ଦର ତଳ ଅଞ୍ଚଳକୁ ହେଲିକପ୍ଟର ମାଧ୍ୟମରେ ଟ୍ରିବ୍ୟୁନାଲକୁ ଦେଖାଇ ଦିଆଯାଇଥିଲା ।ଯାହା ଫଳରେ ମହାନଦୀ ର ପ୍ରକୃତ ସ୍ଥିତି ଜଣା ଯାଇପାରିବ ।ସାତକୋଶିଆ ଗଣ୍ଡ ଟ୍ରିବ୍ୟୁନାଲ ଦେଖିଲେ। ବରଗଡ଼, ସୋନପୁର,କଟକ ଯେଉଁ ସ୍ଥାନ ଦେଇ ମହାନଦୀ ପ୍ରବାହିତ ତାହା ସେମାନେ ଅନୁଧ୍ୟାନ କରିଛନ୍ତି ।ଯେ କୌଣସି ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚକ୍ଷୁରେ ଦେଖିଲେ ହିଁ ତାହାର ବାସ୍ତବତା ସମ୍ପର୍କରେ ଅବଗତ ହୋଇଥାଏ ।ଓଡିଶା ଓ ଛତିଶଗଡ ଅଞ୍ଚଳ କୁ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ସରିବା ପୂର୍ବରୁ ବାସ୍ତବ ଚିତ୍ର ଅନୁଧ୍ୟାନ କରିବା ସ୍ୱାଗତଯୋଗ୍ୟ ।ଏଥିରେ ଉଭୟ ରାଜ୍ୟର ସ୍ୱାର୍ଥ ଓ ଭୌଗୋଳିକ ସ୍ଥିତି କୁ ଅନୁଧ୍ୟାନ କରାଯାଉଛି। ହୀରାକୁଦ ଜଳଭଣ୍ଡାର, ସାତକୋଶିଆ ଗଣ୍ଡ ଓ ଚିଲିକା ଯାହା ମହାନଦୀ ସହ ଓତଃପ୍ରୋତ ଭାବେ ଜଡ଼ିତ ।ଅନେକ ଜଳ ବିବାଦ ର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲ ସମାଧାନ କରି ପାରିନାହିଁ ।କିନ୍ତୁ ଆମେ ଆଶାବାଦୀ ମହାନଦୀ ବିବାଦ ର ସମାଧାନ ହେବ ଓ ଇତିହାସ ରେ ଏକ ସଫଳ ଦୃଷ୍ଟାନ୍ତ ହୋଇ ରହିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ ।ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଓ ଅନ୍ୟାନ୍ୟ ଅଧିକାରୀ ମାନେ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାସ୍ତରୀୟ କୃଷକ ସମ୍ବାଦ ବଜେଟ

ବଣାଇ, ୨ ।୩(ନିପ୍ର): ବଣାଇ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ 'ଜିଲ୍ଲା ସ୍ତରୀୟ କୃଷକ ସମ୍ବାଦ ବଜେଟ -୨୦୨୬ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ପୁଲିନ ପୁହାଣ ଯୋଗ ଦେଇ ସମୃଦ୍ଧ କୃଷି ପାଇଁ ଡବଲ ଇଞ୍ଜିନ ସରକାରଙ୍କ ବଜେଟ-୨୦୨୬ ରେ କୃଷି ଓ କୃଷକ ଉନ୍ନତି କରଣ ପାଇଁ ଥିବା ଅର୍ଥ ବ୍ୟୟ ବରାଦ ର ତଥ୍ୟ ଉପସ୍ଥାପନ କରିଥିଲେ। ବଜେଟ ରେ ୪୨,୪୯୨ କୋଟି ଟଙ୍କା କୃଷି କ୍ଷେତ୍ର ପାଇଁ ବ୍ୟୟ ବରାଦ ହୋଇ ଥିବା ଶ୍ରୀ ପୁହାଣ ସୂଚନା ଦେବା ସହ ଧାନ କ୍ରୟ ପାଇଁ ୬ ହଜାର ୮୮ କୋଟି ର ବ୍ୟୟ ବରାଦ,ସିଏମ କିସାନ ପାଇଁ ୨ ହଜାର ୩୦ କୋଟି,ଫସଲ ବିବିଧି କରଣ ଓ ସ୍ୱଦେଶୀ ଉତ୍ପାଦନ ପାଇଁ ୪୭୦ କୋଟି ବ୍ୟୟ ବରାଦ,ଆଖୁ ଚାଷ ପାଇଁ ୨୭ କୋଟି, କୃଷିଉପକରଣ ପାଇଁ ୪୦୦ କୋଟି ,କୃଷି ଉତ୍ପାଦନ କ୍ଲୋଷ୍ଟର ପାଇଁ ୩୮ କୋଟି ,ଉଦ୍ୟାନ କୃଷି ପାଇଁ ୫୪୪ କୋଟି,କେନ୍ଦ୍ରୀୟ କୃଷି ଯୋଜନା ଅଧୀନ ରେ ୧୬୦ କୋଟି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପାଇଁ ୨ହଜାର ୧୯ କୋଟି, ମୁଖ୍ୟ ମନ୍ତ୍ରୀ କାମଧେନୁ ଯୋଜନା ୧୫୯ କୋଟି,ପ୍ରାଣୀ ସମୃଦ୍ଧି ପାଇଁ ୧୫୦ କୋଟି, ନୂତନ କୃଷି ମହା ବିଦ୍ୟାଳୟ, ମତ୍ସ୍ୟ ମହା ବିଦ୍ୟାଳୟ, ଶୀତଳ ଭଣ୍ଡାର, ଗୋଶାଳା ପ୍ରତିଷ୍ଠା ଓ ସମବାୟ ପାଇଁ ୧୨୩୪ କୋଟି ବ୍ୟୟ ବରାଦ ସହ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ବ୍ୟୟ ବରାଦ କରାଯାଇଥିବା ବିଷୟ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚା ସଭାପତି ରେଙ୍ଗଟୁ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ବିଜେପି ରାଉରକେଲା ସାଙ୍ଗଠନିକ ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ, ଜିଲ୍ଲା ସମ୍ପାଦକ ଜୟନ୍ତୀ ମାହାନ୍ତ, ବରିଷ୍ଠ କୃଷକ ନେତା ଅନିଲ କୁମାର ମାହାନ୍ତ, ବରିଷ୍ଠ ବିଜେପି ନେତା ଗୋବିନ୍ଦ ଚନ୍ଦ୍ର ସାହୁ, ବଣାଇ ବିଜେପି ମଣ୍ଡଳ ସଭାପତି ମିଥିଳା ପାତ୍ର, ଯାଜପୁର ନଗର ମଣ୍ଡଳ ସଭାପତି ପ୍ରଦୀପ କୁମାର ଦାସ ପ୍ରମୁଖ ଓ ଚାଷୀମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଡାବୁଗାଁ ଅଞ୍ଚଳରେ ଧାନକିଣାକୁ ନେଇ ନୂଆ ବିବାଦ

## ଏସଏଚଜିଙ୍କ ନାଁରେ କିଛି ଦଲାଲ ଚଲାଉଛନ୍ତି ଧାନ ମଣ୍ଡି

ଡାବୁଗାଁ , ୨ ।୩ (ନିପ୍ର): ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଚାଷୀ ପଞ୍ଜୀକରଣ କରିପାରିନଥିବା ଅଭିଯୋଗ ହୋଇ ଆସୁଛି । ଏହା ଭିତରେ ଧାନ ସଂଗ୍ରହ ଦାୟିତ୍ୱକୁ ନେଇ ସୃଷ୍ଟି ହୋଇଛି ଅସନ୍ତୋଷ । ଏକଥା ଆମେ କହୁନୁ ଅଞ୍ଚଳର ଚାଷୀମାନଙ୍କ ଅଭିଯୋଗ । ନବରଙ୍ଗପୁର ଜିଲ୍ଲାରେ ୧୩ଟି ଲ୍ୟାମ୍ପ, ୪୪ଟି ସ୍ୱୟଂ ସ୍ୱୟଂ ସହାୟକ ଗୋଷ୍ଠୀ ଓ ୨ଟି ପାଣି ପଞ୍ଚାୟତ ମାଧ୍ୟମରେ ଧାନ କିଣିବାକୁ ହୋଇ ଥିଲା ନିଷ୍ପତ୍ତି। କିନ୍ତୁ ଏଭଳି ଡାବୁଗାଁ ରେ ମଧ୍ୟ ଲେମ୍ପ୍ ଏବଂ ୪ ଗୋଟି ଏସଏଚଜି ସହାୟକ ଗୋଷ୍ଠୀ ଧାନ କିଣୁଛନ୍ତି। ତାହା ମଧ୍ୟ ସରକାରଙ୍କ ନିୟମକୁ ଅଣଦେଖା କରି। ମଣ୍ଡି ରେ କୌଣସି ଗୋଷ୍ଠୀ ର ସଦସ୍ୟା ମାନେ ମାନେ ଆସୁ ନାହାନ୍ତି। ଏସଏଚଜି ଗୋଷ୍ଠୀ ନାଁ ରେ କିଛି ଦଲାଲ ମାନେ ସକ୍ରିୟ ହୋଇ ଗୋଷ୍ଠୀ ମାନଙ୍କ ନାଁ ରେ ମଣ୍ଡିରେ ଚାଷୀ ମାନଙ୍କ ଠାରୁ ଧାନ ଉଠାଉଥିବା ଅଭିଯୋଗ କରିଥିଲେ। ମଣ୍ଡିରେ ଧାନ ନ ଆସିଲେ ସୁଦ୍ଧା ଟୋକେନ୍ ଏଣ୍ଟ୍ରି ହେଉଛି । କିଛି ଚାଷୀ ମାନଙ୍କ ଠାରୁ ଧାନ ମଣ୍ଡି ରେ ଦଲାଲ ମାନେ ଚାଷୀ ମାନଙ୍କ ଠାରୁ କୁଇଣ୍ଟାଲ୍ ପ୍ରତି ୭ ରୁ ୮ କିଲୋଗ୍ରାମ କାଟୁ ଥିବା ଚାଷୀ



ମାନେ ପ୍ରକାଶ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ଭିତ୍ତିଭୂମି ଓ ଲୋକ ବଳ ନଥାଇ ଏଭଳି ଅଭିଜ୍ଞତା ନଥିବା ଏସଏଚଜିଙ୍କୁ ଧାନ କିଣା ଦାୟିତ୍ୱ ଦିଆଯିବା କେତେଦୂର ଯୁକ୍ତିଯୁକ୍ତ। ଏହାକୁ ନେଇ ବୁଦ୍ଧିଜୀବୀ ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଏସ୍‌ଏଚ୍‌ଜି ଗ୍ରୁପ ପାଖରେ ଭିତ୍ତିଭୂମିର ଅଭାବ ଫଳରେ ୨୦୨୨-୨୩ ମସିହାରେ ଏକ ବଡ଼ ଦୁର୍ନୀତି ସାମ୍ନାକୁ ଆସିଥିଲା । ବାମରା ବ୍ଲକର ଏକ ଏସଏଚଜି ଗ୍ରୁପ ଚାଷୀଙ୍କଠାରୁ ଧାନ କିଣି ସାରିବା ପରେ ଜଣେ ବ୍ୟବସାୟୀ ନୀରିହ ମହିଳାଙ୍କୁ ଠକି ସବୁ ଧାନ ଗାୟବ କରିଦେଇଥିଲା । ୨୩ ଲକ୍ଷ ଟଙ୍କା ଠକେଇର ଶିକାର ହେବା ପରେ ଏସଏଚଜି ଦାୟିତ୍ୱ ନେଇଥିବା ପରିବାରର ୨ଜଣଙ୍କର ମୃତ୍ୟୁ ହୋଇଥିଲା । ଏଭଳି ସ୍ଥିତିରେ ଡାବୁଗାଁ ବ୍ଲକର ବୋଡଲମା, ଜୁନାପାଣି, ଘଡାଖୁଣ୍ଟା ଅଂଚଳର ଅନଭିଜ୍ଞ ଏସଏଚଜିଙ୍କୁ ଧାନ କିଣା ଦାୟିତ୍ୱ ଦିଆଯିବ ଉଚିତ୍ କି ନୁହେଁ ତାହା ବଡ଼ ପ୍ରଶ୍ନ। ଡାବୁଗାଁ ଅଂଚଳରେ ଏସ ଏସ ଜି ମାନଙ୍କୁ ଆଳ କରି ଦଲାଲ ମାନେ କୋଟିପତି ହେଲେଣି। ସେମାନଙ୍କ ବ୍ୟାଙ୍କ୍ ବାଲାନ୍ସ ଏବଂ ସମ୍ପତ୍ତି ଉପରେ ଭିଜିଲାନ୍ସ ର ତଦନ୍ତ ହେଲେ ସବୁ କିଛି ଲୋକ ମାନଙ୍କ ସାମ୍ନାକୁ ଆସିବ।

# ଜାତୀୟ ସେବା ଯୋଜନା କେନ୍ଦ୍ରୀୟ ନିରୀକ୍ଷଣ ମଣ୍ଡଳୀର ସଦସ୍ୟ ମନୋନୀତ

ଭବାନୀପାଟଣା, ୨/୩ (ନି.ପ୍ର)- ଭାରତ ସରକାରଙ୍କ ଜାତୀୟ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ, ନୂଆଦିଲ୍ଲୀ ଦ୍ୱାରା ଜାତୀୟ ସେବା ଯୋଜନା ନିରିକ୍ଷଣ ଓ ଉନ୍ନତିକରଣ ତଥା ପୋଟାଲ୍ ନିର୍ମାଣ କେନ୍ଦ୍ରୀୟ ମଣ୍ଡଳୀରେ ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ମନୋନୀତ ହୋଇଛନ୍ତି। ସେ ଆଞ୍ଚଳିକ ନିର୍ଦ୍ଦେଶାଳୟ ଜାତୀୟ ସେବା ଯୋଜନା ଭୁବନେଶ୍ୱର ଦ୍ୱାରା ପ୍ରସ୍ତାବିତ ହୋଇ ଏହି କେନ୍ଦ୍ରିୟ ମଣ୍ଡଳିରେ ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ସର୍ବ ମୋଟ୍ ୨୫ ଜଣ ଜାତୀୟ ସେବା ଯୋଜନାର ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ନେଇ ଏହି ନିରିକ୍ଷଣ ତଥା କାର୍ଯ୍ୟକ୍ରମ ମଣ୍ଡଳୀ ସ୍ଥାନୀତ ହୋଇଥିବା ବେଳେ ତନ୍ମଧ୍ୟରୁ ଓଡ଼ିଶାରୁ ଜଣ ମାତ୍ର ସଦସ୍ୟ ଭାବରେ ମନୋନୀତ ହୋଇଛନ୍ତି। ଜାତୀୟ ସେବା ଯୋଜନା ପ୍ରତି ଶ୍ରୀ ଦାଶଙ୍କ କାର୍ଯ୍ୟଦକ୍ଷତା ଏବଂ ଭାରତ ସରକାରଙ୍କ ଜାତୀୟ ଯୁବ ଓ କ୍ରୀଡାମନ୍ତ୍ରଣାଳୟ ଅନ୍ତର୍ଗତ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମରେ କରିଯାଇଥିବା କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ଜାତୀୟ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ ଭାରତ ସରକାର ତଥା ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ଯୁବ ଅଧିକାରୀ ଏସ୍. କବିର, ଅଜିତ ଖୁସଓ୍ୱା ଓ ଅନ୍ୟାନ୍ୟ ଅଧିକାରୀ ସମେତ ମହାବିଦ୍ୟାଳୟ ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଏବଂ ଅନ୍ୟାନ୍ୟ ଅଧ୍ୟାପକ କର୍ମଚାରୀ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ତାଙ୍କର ଏହି ମନୋନୟନ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବ ବୋଲି ସେ ଖୁସିବ୍ୟକ୍ତ ହେବା ସହ ମତବ୍ୟକ୍ତ କରିଛନ୍ତି।

# ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ନିରାକାରପୁର, ୨/୩ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳବାଇ ପୋଲିସ୍ ଫାଣ୍ଡି ଅନ୍ତର୍ଗତ ବାଲୁଗାଁ ରେଳ ଷ୍ଟେସନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ଅଜଣା ଯୁବକ ମାଲବାହୀ ଟ୍ରେନ୍ ଆଗକୁ ଡେଇଁ ପଡ଼ିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ କି ଗତ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ବାଲୁଗାଁ ରେଳ ଷ୍ଟେସନ ମଧ୍ୟକୁ ଏକ ମାଲବାହୀ ଟ୍ରେନ୍ ପ୍ରବେଶ କରୁଥିବା ବେଳେ ଜଣେ ଅଜଣା ଯୁବକ ହଠାତ୍ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଷ୍ଟେସନରେ ଉପସ୍ଥିତ ଥିବା ଲୋକେ ଓ ରେଳବାଇ ପୋଲିସ ତାଙ୍କୁ ତୁରନ୍ତ ଉଦ୍ଧାର କରି ବାଲୁଗାଁ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଖୋର୍ଦ୍ଧା ରୋଡ୍ ଜିଆରପି ପକ୍ଷରୁ କେସ୍ ନମ୍ବର ୧୦ (ତା ୦୧/୦୩/୨୬) ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତକଙ୍କ ଏପର୍ଯ୍ୟନ୍ତ ପରିଚୟ ମିଳିନାହିଁ। ଆନୁମାନିକ ବୟସ: ୩୦ ବର୍ଷ ହେବ। ସେ ଏକ ଆକାଶୀ ରଙ୍ଗର ଛିଟ ଟି ସାର୍ଟ ଓ ଏକ ବ୍ଲୁ ରଙ୍ଗର ଫୁଲ ପ୍ୟାଣ୍ଟ୍ ପିନ୍ଧି ଥିବାର ଦେଖି ଯାଇଛି । ପୁଲିସ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଯୁବକଙ୍କ ପରିଚୟ ଖୋଜିବା ପାଇଁ ତଦନ୍ତ ଜାରି ରଖିଛି।

# ବେଆଇନ ଆଡ଼ିବନ୍ଧ ବାନ୍ଧି ନାଗାବଳିକୁ ଶୋଷୁଛି କାଗଜକଳ

ରାୟଗଡା, ୨ ।୩ (ନିପ୍ର); ଗ୍ରାମବାସୀଙ୍କ ବିକ୍ଷୋଦଗାର। ନାଗାବଳୀକୁ ଶୋଷୁଛି ଏକ କାଗଜକଳ। ଫଳରେ ତଳତଲୁଆ ଅଞ୍ଚଳ ଚାଷ ଜମିକୁ ପାଣି ପହଞ୍ଚି ପାରୁନି। ଜଳ ପ୍ରବଳ ମାତ୍ରାରେ ନିଅଣ୍ଟିଆ ପଡୁଥିବାରୁ କେତେକ ବ୍ଲକ ସମେତ କଲ୍ୟାଣସିଂହପୁର ବ୍ଲକର ୬୪୦ ହେକ୍ଟର, କୋଲନରା ବ୍ଲକର ୪୬୪୦ ହେକ୍ଟର ଏବଂ ରାୟଗଡା ସଦର ବ୍ଲକର ୩୨୩୦ ହେକ୍ଟର ଏପରି ସମୁଦାୟ ୮୫୦୦ହେକ୍ଟର ଜମିରେ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯାହା ଫଳରେକି ଧାନ, ପରିବା ସହ ଅନ୍ୟାନ୍ୟ ଫସଲ ନଷ୍ଟ ହେଉଛି। ଉକ୍ତ ବିଷୟକୁ ନେଇ ଅନୁଷ୍ଠିତ ପତ୍ରକାର ସମ୍ମିଳନୀରେ ଜେକେପୁରରେ ଥିବା କାଗଜକଳ ବିରୋଧରେ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି ନଦୀର ତଟ ଅଞ୍ଚଳରେ ବସବାସ କରି ରହୁଥିବା ଗ୍ରାମବାସୀ ।ନାଗାବଳି ତଟବର୍ତ୍ତୀ ଅଞ୍ଚଳବାସି କମିଟି ପକ୍ଷରୁ ରାୟଗଡା ସହର ସ୍ଥିତ ବରିଷ୍ଠ ନାଗରିକ କଲ୍ୟାଣ ସଂଘ ସଭା ଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି କମିଟି ସଦସ୍ୟ ସୁରେଶ ହୁଇକା, ମୁକେଶ କୋଣ୍ଡାଗିରି ସମେସ କୋଣ୍ଡାଗିରି ଓ ଅନ୍ୟ ସଦସ୍ୟ ମଞ୍ଚାସିନ ରହି ନିଜ ବକ୍ତ୍ୟବରେ କହିଥିଲେ ଯେ, ଜଳସେଚନ ସଠିକ ଭାବେ ହେଇ ପାରୁନଥିବାରୁ ଉକ୍ତ ଅଞ୍ଚଳରେ ଚାଷ କାର୍ଯ୍ୟ କରି ଜୀବିକାନିର୍ବାହ କରୁଥିବା ଚାଷୀଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହେଉଥିବା ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

ଉକ୍ତ କାଗଜକଳ ଦ୍ୱାରା ଦୂଷିତ ଜଳ ନଦୀକୁ ଛାଡ଼ିଦିଆ ଯାଉଥିବା ଯୋଗୁଁ ଜଳରେ ପ୍ରଦୂଷଣ ର ମାତ୍ରା ବଢ଼ିବା ସହ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭା ଗୁରୁତର ଭାବେ ପଡୁଥିବା କହିଥିଲେ, ଫଳରେ ଲୋକେ ନାନାଦି ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି ବୋଲି ପ୍ରକାଶ କରିଥିଲେ। ନିଯୁକ୍ତି କ୍ଷେତ୍ରରେ ବାହାର ଲୋକଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯାଉଥିବାରୁ ଆମ ଅଞ୍ଚଳର ଯୁବକ ଯୁବତୀ ମାନେ ରୋଜଗାର ନଥାଇ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯିବାକୁ ଏକରକମ ବାଧ୍ୟ ହେଉଛନ୍ତି। କମ୍ପାନୀର ମନମୁଖି କାର୍ଯ୍ୟକଳାପ ନେଇ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କୁ ଅବଗତ କରାଯିବା ସହ ସୂଚନା ଆଇନ ପ୍ରକାରେ ପ୍ରଶ୍ନ ପଚରା ଯାଉଥିଲେ ମଧ୍ୟ କମ୍ପାନୀ ଠାରୁ କୌଣସି ଜବାବ ମିଳୁନଥିବା କହିଥିଲେ। କୃଷକ ଓ ସ୍ଥାନୀୟ ଯୁବଗୋଷ୍ଠି ପ୍ରଶାସନର ଆଶୁ ହସ୍ତକ୍ଷେପ କରି ଜଳ ଶୋଷଣକୁ ରୋକାଯାଇ ଅଞ୍ଚଳକୁ ପ୍ରଦୂଷଣ ମୁକ୍ତ କରାଯିବା ସହ ସ୍ଥାନୀୟ ଶିକ୍ଷିତ ଯୁବାବର୍ଗଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ ଦେବା ପାଇଁ ଦାବି କରିଛନ୍ତି। ସାତଦିନ ମଧ୍ୟରେ କମ୍ପାନୀ ଯଦି ନଦୀ ଉପରୁ ନିର୍ମିତ ଆଡିବନ୍ଧ ନହଟାନ୍ତି ତେବେ ଗ୍ରାମବାସୀ ମିଶି ସେହି ଆଡିବନ୍ଧକୁ ଭାଙ୍ଗିବେ ବୋଲି ଚେତାବନୀ ଦେଇଛନ୍ତି ।ଆମ ବିଧାୟକ କମ୍ପାନୀ ନିର୍ମାଣ କରିଥିବା ବେଆଇନ ଆଡିବନ୍ଧ ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନିର୍ମିତ ଆଡି ବନ୍ଧକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମଧ୍ୟ କମ୍ପାନୀ କି ପ୍ରଶାସନ ଆଡିବନ୍ଧ ଭାଙ୍ଗୁନଥିବାରୁ ଉଭୟ ଜିଲ୍ଲା ପ୍ରଶାସନ ଓ କମ୍ପାନୀ ମନମାନି ଚଳେଇ ଥିବା ସାଧାରଣରେ ଅଭିଯୋଗ ଆଲୋଚ୍ୟର ବିଷୟ ହୋଇଛି।

# ଜଳୁଛି ମଧ୍ୟପ୍ରାଚ୍ୟ

## ଖେମିନିଙ୍କ ହତ୍ୟା ନେଇ ଟ୍ରମ୍ପଙ୍କ ଚାଞ୍ଚଲ୍ୟକର ଦାବି

# ମୋତେ ହତ୍ୟା କରିବା ପୂର୍ବରୁ ମୁଁ ହତ୍ୟା କରିଛି



ୱାସିଂଟନ,୨।୩: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ସର୍ବୋଚ୍ଚ ନେତା ଅୟାତୋଲ୍ଲା ଅଲି ଖେମିନିଙ୍କ ହତ୍ୟାକୁ ନେଇ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ଖେମିନିଙ୍କୁ ସେ ଯଦି ହତ୍ୟା କରି ନ ଥାନ୍ତେ, ତେବେ ଖେମିନି ତାଙ୍କୁ ହତ୍ୟା କରିଥାନ୍ତେ। ତାଙ୍କୁ ହତ୍ୟା କରିବାକୁ ଇରାନ ପକ୍ଷରୁ ଦୁଇ ଥର ଷଡ଼ଯନ୍ତ୍ର ରଚାଯାଇଥିଲା ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ଆମେରିକାର ଜଣେ ସାମ୍ବାଦିକଙ୍କ ସହିତ କଥା ହେବା ସମୟରେ ଏପରି ଚକିତ କରିଦେବା ପରି ତଥ୍ୟ ରଖିଛନ୍ତି। ଟ୍ରମ୍ପ ଆମେରିକା ଗୁଇନ୍ଦା ଏଜେନ୍ସିଙ୍କ ସୂଚନା ଆଧାରରେ କହିଛନ୍ତି ଯେ, ୨୦୨୪ରେ ଇରାନ ପକ୍ଷରୁ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା। ଏବିସି ନ୍ୟୁଜ୍ ୱାସିଂଟନ ମୁଖ୍ୟ ପ୍ରତିନିଧି ଜୋନାଥନ୍ କାର୍ଲଙ୍କୁ ଏହି ସୂଚନା ଦେଇଛନ୍ତି। ଅୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ କିଏ ଇରାନର ନେତୃତ୍ୱ ନେବ ବୋଲି କାର୍ଲଙ୍କ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଥିଲେ, ଆକ୍ରମଣ ଏତେ ଜୋରଦାର ଥିଲା ଯେ, ଇରାନର ନେତୃତ୍ୱ ନେବା ଦୌଡ଼ରେ ଥିବା ଅଧିକାଂଶ ନେତା ଏଥିରେ ନିହତ ହୋଇଛନ୍ତି। ଯୁଦ୍ଧ କେତେ ଦିନ ଧରି ଚାଲିବ ବୋଲି ଟ୍ରମ୍ପଙ୍କୁ ପଚରାଯିବାରୁ ସେ କହିଥିଲେ, ଯୁଦ୍ଧ ଚାରିରୁ ପାଞ୍ଚ ସପ୍ତାହ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଏହାପୂର୍ବରୁ ଶେଷ ହେବ। ତଥାପି ଆମେ ଦୀର୍ଘଦିନ ଧରି ଯୁଦ୍ଧ ଚାଲିବା ନେଇ ପ୍ରସ୍ତୁତ ଥିବା ଟ୍ରମ୍ପ କହିଛନ୍ତି।

## ସେନସେକ୍ସ ୧୦୪୮ ପଏଣ୍ଟ୍ ଖସିଲା

ମୁମ୍ବାଇ,୨।୩: ଇରାନ ଉପରେ ଆମେରିକା-ଇସ୍ରାଏଲର ଆକ୍ରମଣ ପ୍ରଭାବରେ ସୋମବାର ସମଗ୍ର ଏସିଆର ଷ୍ଟକ୍ ବଜାର ଦୋହଲିଯାଇଛି। ଭାରତଠାରୁ ଆରମ୍ଭ କରି ପାକିସ୍ତାନ ପର୍ଯ୍ୟନ୍ତ ଚାରିଆଡ଼େ ଯୁଦ୍ଧର ତାତି ଅନୁଭୂତ ହୋଇଛି। ନିବେଶକମାନେ ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୧୦୪୮ ପଏଣ୍ଟ୍ ହ୍ରାସ ପାଇ ୮୦,୨୩୯ ପଏଣ୍ଟ ବନ୍ଦ ହୋଇଛି। ସେହିପରି, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୧୩ ପଏଣ୍ଟ୍ ହ୍ରାସ ପାଇ ୨୪,୮୬୬ ପଏଣ୍ଟରେ ବନ୍ଦ ହୋଇଛି। ଭୂରାଜନୈତିକ ଉତ୍ତେଜନା ଓ ଯୁଦ୍ଧ ଭଳି ସ୍ଥିତି ବଢୁଥିବାରୁ ଦେଶରେ ଦରଦାମ୍ ବେଲଗାମ ହେବା ଆଶଙ୍କା ଦେଖାଦେଇଛି। ଏଥି ସହିତ କର୍ପୋରେଟ୍ ସଂସ୍ଥାଗୁଡ଼ିକର ଲାଭ ମଧ୍ୟ ପ୍ରଭାବିତ ହୋଇପାରେ। ତେଣୁ ଯୁଦ୍ଧ ଦ୍ୱାରା ପ୍ରଭାବିତ ହେବାକୁ ଥିବା କ୍ଷେତ୍ରଗୁଡ଼ିକର ସେୟାରକୁ ନିବେଶକମାନେ ବିକ୍ରି କରୁଛନ୍ତି। କିଛି ନିବେଶକମାନେ ସେୟାର ବିକ୍ରି କରି ସେହି ପାଣ୍ଠିକୁ ସୁନା ଓ ରୁପା ଭଳି ସୁରକ୍ଷିତ ମାଧ୍ୟମରେ ନିବେଶ କରୁଛନ୍ତି। ସେଥିପାଇଁ ଭାରତୀୟ ଷ୍ଟକ୍ ବଜାରରେ ଆଜି କାରବାର ମାନ୍ଦା ରହିଥିଲା। କେବଳ ଭାରତ ନୁହେଁ, ପାକିସ୍ତାନ ଷ୍ଟକ୍ ବଜାରରେ ମଧ୍ୟ ଆଜି କାରବାରରେ ଘୋର ଅସ୍ଥିରତା ଦେଖିବାକୁ ମିଳିଥିଲା। ପାକିସ୍ତାନର କରାଚୀ ଷ୍ଟକ୍ ଏକ୍ସଚେଞ୍ଜ-୩୦ ସୂଚକାଙ୍କ ୯.୭୩ ପ୍ରତିଶତ (ପ୍ରାୟ ୫୦୦୦ ପଏଣ୍ଟ୍) ହ୍ରାସ ପାଇ ୪୬,୩୨୬ ପଏଣ୍ଟରେ ବନ୍ଦ ହୋଇଛି। ଜାପାନର ନିକେଇ ୧.୩୫ ପ୍ରତିଶତ ହ୍ରାସ ପାଇ ୫୮,୦୫୭ ପଏଣ୍ଟରେ ବନ୍ଦ ହୋଇଛି। ହଂକଂର ହ୍ୟାଙ୍ଗ ସେଙ୍ଗ ସୂଚକାଙ୍କ ୨.୧୪ ପ୍ରତିଶତ ହ୍ରାସ ପାଇ ୨୬,୦୫୯ ପଏଣ୍ଟରେ ବନ୍ଦ ହୋଇଛି। ଚୀନର ସାଂଘାଇ କମ୍ପୋଜିଟ୍ ସୂଚକାଙ୍କ ୦.୪୭ ପ୍ରତିଶତ ହ୍ରାସ ପାଇ ୪,୧୮୨ ପଏଣ୍ଟରେ ବନ୍ଦ ହୋଇଛି। ଅନ୍ୟ ପକ୍ଷରେ ଆମେରିକାରେ ଡାଓ ଜୋନ୍ସ ୧୭ ପଏଣ୍ଟ୍ ହ୍ରାସ ଘଟି ୪୮,୯୭୭ ପଏଣ୍ଟ୍ରେ ବନ୍ଦ ହୋଇଛି। ପ୍ରଯୁକ୍ତି ଆଧାରିତ ଷ୍ଟକ୍ ସୂଚକାଙ୍କ ନାସ୍‌ଦାକ୍ କମ୍ପୋଜିଟ୍ ୦.୯୨ ପ୍ରତିଶତ ହ୍ରାସ ପାଇ ୨୨,୬୬୮ ପଏଣ୍ଟରେ ବନ୍ଦ ହୋଇଛି।

## ଲେବାନନ୍ ଉପରେ ଭୀଷଣ ଆକ୍ରମଣ: ୩୧ ମୃତ

ବେରୁଟ୍,୨।୩: ଇସ୍ରାଏଲ ଉପରେ ହେଜବୁଲ୍ଲା ଆତଙ୍କବାଦୀ ସଙ୍ଗଠନର ଆକ୍ରମଣ ପରେ ତେଲ୍ ଅଭିଭ୍ ଏହାର କଡ଼ା ଜବାବ ଦେଇଛି। ଇସ୍ରାଏଲ ସୋମବାର ଲେବାନନ୍ ଉପରେ ଭୀଷଣ ଆକ୍ରମଣ କରିଥିବାବେଳେ ଏଥିରେ ଲେବାନନରେ ୩୧ ଜଣଙ୍କ ମୃତ୍ୟୁ ହେବା ସହ ୧୪୯ ଜଣ ଆହତ ହୋଇଛନ୍ତି। ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ହେଜବୁଲ୍ଲାର ରକେଟ୍ ମାଡ଼ ପରେ ଇସ୍ରାଏଲ ଦକ୍ଷିଣ ଲେବାନନ୍ ଓ ରାଜଧାନୀ ବେରୁଟର ଦକ୍ଷିଣରେ ଭୀଷଣ ଆକ୍ରମଣ କରିଥିଲା। ଇରାନର ସର୍ବୋଚ୍ଚ ନେତା ଅୟାତୋଲ୍ଲା ଅଲ୍ଲୀ ଖେମିନିଙ୍କ ମୃତ୍ୟୁ ପରେ ତେହେରାନ୍-ସମର୍ଥିତ ହିଜବୁଲ୍ଲା ଇସ୍ରାଏଲ ଉପରେ ରକେଟ୍ ମାଡ଼ କରିଥିଲା। ୨୦୨୪ ନେଭେମ୍ବର ପରେ ହେଜବୁଲ୍ଲା ପ୍ରଥମ ଥର ପାଇଁ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ଇସ୍ରାଏଲ ଆକ୍ରମଣକୁ ଲେବାନନ ପ୍ରଧାନମନ୍ତ୍ରୀ ନୱାଫ ସଲାମ ଦାୟିତ୍ୱହୀନ କହି ନିନ୍ଦା କରିଛନ୍ତି। ହେଜବୁଲ୍ଲାର ନାଁ ନ ନେଇ ସଲାମ କହିଥିଲେ, ଲେବାନନ୍ ନାଗରିକଙ୍କ ସୁରକ୍ଷା ପାଇଁ ତାଙ୍କ ଦେଶ ସମସ୍ତ ପ୍ରକାର ପଦକ୍ଷେପ ନେବ। ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି ସେମାନଙ୍କ ଦେଶ ସେଥିରେ ସାମିଲ ହେବ ନାହିଁ ବୋଲି ଲେବାନନ୍ କର୍ତ୍ତୃପକ୍ଷ କହିଛନ୍ତି। ଇରାନ ଉପରେ ଆକ୍ରମଣ ପରେ ଇରାନ୍ ଇସ୍ରାଏଲ ଓ ଆମେରିକାର ସାମରିକ ଘାଟି ଥିବା ଉପସାଗରୀୟ ଦେଶଗୁଡ଼ିକ ଉପରେ ଭୀଷଣ ଆକ୍ରମଣ ଜାରି ରଖିଛି।

## ଖାମେନେଇଙ୍କ ପତ୍ନୀଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୨।୩: ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ପତ୍ନୀ ମନସୁରେହ ଖୋଜାସ୍ତେହ ବାଘେରଜାଦେହଙ୍କ ମୃତ୍ୟୁ ଘଟିଛି। ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ସେ ଦୁଇ ଦିନ ତଳେ ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣରେ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏହି ଆକ୍ରମଣରେ ଖାମେନି ଏବଂ ତାଙ୍କ ପରିବାରର ଅନେକ ସଦସ୍ୟ ମଧ୍ୟ ପ୍ରାଣ ହରାଇଛନ୍ତି । ମନସୁରେହ ୧୯୬୪ ମସିହାରେ ଖାମେନିଙ୍କୁ ବିବାହ କରିଥିଲେ। ସେ ସବୁବେଳେ ଲୋକଲୋଚନରୁ ଦୂରରେ ରହୁଥିଲେ ଏବଂ କୌଣସି ସରକାରୀ କାର୍ଯ୍ୟକ୍ରମରେ କ୍ୱଚିତ୍ ଦେଖାଯାଉଥିଲେ ।ତେବେ ଏପର୍ଯ୍ୟନ୍ତ ଆମେରିକା ଏବଂ ଇସ୍ରାଏଲ, ଖାମେନିଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ମୃତ୍ୟୁ ନେଇ ସ୍ପଷ୍ଟ କରିନଥିଲେ ବି ଇରାନର ସରକାରୀ ଗଣମାଧ୍ୟମ ଅନୁସାରେ, ଯୁଦ୍ଧ ଯୋଗୁ ଖାମେନିଙ୍କ ପରିବାରର ଅନେକ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ଖାମେନିଙ୍କ ମୃତ୍ୟୁ ପରେ ଇରାନ ୪୦ ଦିନିଆ ଜାତୀୟ ଶୋକ ଘୋଷଣା କରିଛି। ଖାମେନି ୧୯୮୯ ମସିହାରୁ ଇରାନର ସବୁଠାରୁ ପ୍ରମୁଖ ରାଜନୈତିକ ଏବଂ ଧାର୍ମିକ ନେତା ଥିଲେ ।ଖାମେନିଙ୍କ ଝିଅ ଏବଂ ଜ୍ୱାଇଁଙ୍କୁ ମଧ୍ୟ ହତ୍ୟା

## ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମିସାଇଲ୍ ମାଡ଼

ନୂଆଦିଲ୍ଲୀ,୨।୩: ଇରାନ ବିରୁଦ୍ଧରେ ଇସ୍ରାଏଲ ଏବଂ ଆମେରିକାର ମିଳିତ ଆକ୍ରମଣ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି କରିଛି । ଇରାନ ପ୍ରତିଆକ୍ରମଣ ଜାରି ରଖିଛି । ଏହାରି ମଧ୍ୟରେ ଇରାନର ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କର୍ପସ ଦାବି କରିଛି ଯେ, ତେଲ୍ ଅଭିଭରେ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଏବଂ ଇସ୍ରାଏଲୀ ବାୟୁସେନା କମାଣ୍ଡରଙ୍କ ଅଫିସକୁ ଟାର୍ଗେଟ କରାଯାଇଛି। ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଉପରେ ମିସାଇଲ୍ ମାଡ଼ କରିଥିବା ନେଇ ଇରାନ୍ ଦାବି କରିଛି । ଏହା ସହ ନେତାନ୍ୟାହୁଙ୍କ ଅବସ୍ଥା ସଂପର୍କରେ ସୂଚନା ମିଳିନାହିଁ ବୋଲି ଆଇଆରଜିସି ପକ୍ଷରୁ କୁହାଯାଇଛି ।ସେପଟେ ଇସ୍ରାଏଲ ବାୟୁସେନା କମାଣ୍ଡରଙ୍କ ଠିକଣାରେ ମଧ୍ୟ ଆକ୍ରମଣ ହୋଇଥିବା ଆଇଆରଜିସି ଦାବି କରିଛି । ଆମେରିକା-ଇସ୍ରାଏଲର ମିଳିତ ଅପରେସନରେ ଇରାନର ସର୍ବୋଚ୍ଚ ନେତା ଅଲି ଖାମେନିଙ୍କ ମୃତ୍ୟୁ ହୋଇଛି । ଏହା ପରେ ରକ୍ତମୁଖା ହୋଇଉଠିଛି ଇରାନ । ଇସ୍ରାଏଲ ସମେତ ଅନ୍ୟ କେତେକ ଦେଶ ଉପରେ ଘନଘନ ମିସାଇଲ୍ ମାଡ଼ କରୁଛି ଇରାନ । ହିଜବୁଲ୍ଲା ଏବଂ ହୁତି ଭଳି ବିଦ୍ରୋହୀ ସଂଗଠନଙ୍କ ସହ ମିଳିତ ଭାବରେ ପ୍ରତି ଜବାବ ଦେଉଛି ତେହେରାନ ।ଇସ୍ରାଏଲ ଏବଂ ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକୀୟ ଘାଟି ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ ଜାରି ରଖିଛି ଇରାନ । ସେପଟେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ନେଇ ଇରାନର ଦାବିକୁ ଖଣ୍ଡ କରିଛି ତେଲ୍ ଅଭିଭ୍। ଇସ୍ରାଏଲ କହିଛି ଯେ, ଏପରି କୌଣସି ଆକ୍ରମଣ ହୋଇନାହିଁ।

## ମଧ୍ୟପ୍ରାଚ୍ୟ ନିଆଁରେ ଜଳୁଛି ପାକିସ୍ତାନ

# କରାଚିରୁ ପିଓକେ ଯାଏଁ ପ୍ରତିବାଦ, ୩୫ମୃତ



ନୂଆଦିଲ୍ଲୀ,୨।୩: ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମେନେଇଙ୍କ ହତ୍ୟା ପରେ ପାକିସ୍ତାନରେ ତେଜିଛି ଆନ୍ଦୋଳନ । ଦେଶରେ ହିଂସାତ୍ମକ ପ୍ରଦର୍ଶନରେ ୩୫ଜଣଙ୍କ ସାଧାରଣ ନାଗରିକଙ୍କ ଜୀବନ ଗଲାଣି । ପ୍ରକୃତ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇପାରେ । ଶତାଧିକ ଲୋକ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି । ସେପଟେ ଆମେରିକା ସରକାର ପାକିସ୍ତାନରେ ଥିବା ନିଜ ନାଗରିକଙ୍କ ପାଇଁ ଆଡଭାଇଜରି ଜାରି କରିଛି। ଭିଡ଼ ଓ ସମ୍ବେଦନଶୀଳ ଅଞ୍ଚଳକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି। ଇରାନ ଉପରେ ଆମେରିକା-ଇସ୍ରାଏଲର୍ ମିଳିତ ଆକ୍ରମଣ ମଧ୍ୟପ୍ରାଚ୍ୟ ସହ ସମଗ୍ର ଏସିଆକୁ ପ୍ରଭାବିତ କରିଛି । ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ହତ୍ୟାକୁ ନେଇ ଶିଆ ସମ୍ପ୍ରଦାୟ ମଧ୍ୟରେ ଆକ୍ରୋଶ ବଢିଛି । ଶିଆ ବହୁଳ ଅଞ୍ଚଳରେ ଲୋକେ ରାସ୍ତାକୁ ଓହ୍ଲାଇ ପ୍ରଦର୍ଶନ କରୁଛନ୍ତି । ଆଉ ଏଥିପାଇଁ ପାକିସ୍ତାନରେ ସୃଷ୍ଟି ହୋଇଛି ଭୟଙ୍କର ସ୍ଥିତି । ପରିସ୍ଥିତି ଏଭଳି ହୋଇଛି ଯେ, ସେଠାରେ ସୁରକ୍ଷା ବ୍ୟବସ୍ଥା ବଜାୟ ରଖିବା ଏକ ବଡ଼ ଆହ୍ୱାନ ପାଲଟିଛି । ଖାମେନେଇଙ୍କ ମୃତ୍ୟୁର ପ୍ରତିବାଦ କରାଚୀରୁ ପାକ୍ ଅଧିକୃତ କାଶ୍ମୀର ପର୍ଯ୍ୟନ୍ତ ବ୍ୟାପିଛି ।

## ଇରାନ ବିରୋଧରେ ଆସିଲେ ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀ

### ଆମେରିକା-ଇସ୍ରାଏଲକୁ କଲେ ସମର୍ଥନ

ନୂଆଦିଲ୍ଲୀ,୨ ।୩: ଇରାନ ବିରୋଧରେ ଲଢେଇ ପାଇଁ ଏବେ ଆମେରିକା ଏବଂ ଇସ୍ରାଏଲ ସହିତ ଯୋଗ ଦେଇଛି ୟୁରୋପୀୟ ଦେଶ। ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀ କହିଛନ୍ତି, ଆବଶ୍ୟକ ହେଲେ ସେମାନେ ଇରାନ ବିରୋରେ 'ପ୍ରତିରକ୍ଷା କାର୍ଯ୍ୟାନୁଷ୍ଠାନ' ନେବାକୁ ପ୍ରସ୍ତୁତ। ଯଦିଓ ବ୍ରିଟେନ ପୂର୍ବରୁ ଏହି ଯୁଦ୍ଧରେ ଆମେରିକାକୁ ସହାୟତା କରିବାକୁ ମନା କରିଦେଇଥିଲା, କିନ୍ତୁ ବର୍ତ୍ତମାନ ସମର୍ଥନ କରିବା ନେଇ ଘୋଷଣା କରିଛି। ଏହା ସାମିଲ ହୋଇଛି। ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀର ନେତାମାନେ ମିଳିତ ବିବୃତ୍ତି ଜାରି କରିଛନ୍ତି। ସେମାନେ କହିଛନ୍ତି ଯେ 'ଇରାନର ଏହି ଅଞ୍ଚଳର ଦେଶଗୁଡ଼ିକ ଉପରେ ଅବାଧ କ୍ଷେପଣାସ୍ତ୍ର ଆକ୍ରମଣରେ ସେମାନେ ସ୍ତବ୍ଧ, ଯେଉଁମାନେ ଆରମ୍ଭରକୁ ଆମେରିକା ଏବଂ ଇସ୍ରାଏଲୀ ସାମରିକ କାର୍ଯ୍ୟରେ ସାମିଲ ନାହାଁନ୍ତି, ତାଙ୍କୁ ମଧ୍ୟ ଟାର୍ଗେଟ କରାଯାଉଛି। ଇରାନର ବେପରୁଆ ଆକ୍ରମଣ ଆମର ନିକଟତମ ମିତ୍ର ଦେଶଙ୍କୁ ପ୍ରଭାବିତ କରିଛି। ଏହାଛଡା ଆମର ସାମରିକ କର୍ମଚାରୀ ଏବଂ ସାଧାରଣ ନାଗରିକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ପରେ ପୁରା ମିଡିଲ ଇଷ୍ଟ ଯୁଦ୍ଧ ପରିସ୍ଥିତି ଭୟାବହ ରୂପ ନେଇଛି। ସୋମବାର ଦୁଇ ପକ୍ଷ ପରସ୍ପରର ସ୍ଥିତିକୁ ଟାର୍ଗେଟ କରି ଯୁଦ୍ଧକୁ ଆହୁରି ତୀବ୍ର କରିବାର ଧମକ ଦେଇଛନ୍ତି। ଇସ୍ରାଏଲ-ଆମେରିକୀୟ ମିଳିତ ଆକ୍ରମଣରେ ନିଜର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ହତ୍ୟାର ପ୍ରତିଶୋଧ ନେବ ବୋଲି କହିଛି ଇରାନ।

## ଚର୍ଚ୍ଚାରେ ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ

# ତୃତୀୟ ବିଶ୍ୱଯୁଦ୍ଧ ନେଇ ଆଶଙ୍କା



ନୂଆଦିଲ୍ଲୀ,୨।୩: ଇସ୍ରାଏଲ ଓ ଆମେରିକା ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ସରକାରୀ ବାସଭବନକୁ ଟାର୍ଗେଟ କରି ଏକ ମିଳିତ ଗୁପ୍ତ ଅଭିଯାନ କରି ତାଙ୍କୁ ହତ୍ୟା କରିଛନ୍ତି । ଏହି ସମୟରେ, ପ୍ରସିଦ୍ଧ ବୁଲଗେରିଆନ୍ ଭବିଷ୍ୟବକ୍ତା ବାବା ଭେଙ୍ଗାଙ୍କ ଦ୍ୱାରା ୨୦୨୬ ବର୍ଷ ପାଇଁ କରାଯାଇଥିବା ଏକ ଭବିଷ୍ୟବାଣୀ ପୁଣିଥରେ ଚର୍ଚ୍ଚାକୁ ଆସିଛି। ସେ ଆକଳନ କରିଥିଲେ ଯେ, ୨୦୨୬ ମସିହାରେ ପୂର୍ବ ଅଞ୍ଚଳରେ ଏକ ବଡ଼ ଯୁଦ୍ଧ ହୋଇପାରେ, ଯାହା ଧୀରେ ଧୀରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ । ଇରାନ ଉପରେ ଆକ୍ରମଣ ପରେ ବାବା ଭେଙ୍ଗା ପୁଣି ଥରେ ଖବରକୁ ଆସିଛନ୍ତି। ସୋସିଆଲ ମିଡିଆରେ ଦାବି କରାଯାଉଛି ଯେ, ବର୍ତ୍ତମାନର ପରିସ୍ଥିତି ସମାନ ଭବିଷ୍ୟବାଣୀକୁ ଇଙ୍ଗିତ କରୁଛି। ବାବା ଭେଙ୍ଗା ମଧ୍ୟ ଭବିଷ୍ୟବାଣୀ କରିଥିଲେ, ଯୁଦ୍ଧରେ ପ୍ରମୁଖ ଶକ୍ତି ମୁହାଁମୁହିଁ ହୋଇପାରନ୍ତି। ଏଥିରେ ୟୁରୋପ ବହୁ କ୍ଷତି ସହିପାରେ । ବାବା ଭେଙ୍ଗା ଭବିଷ୍ୟବାଣୀ କରିଥିଲେ, ୨୦୨୬ ମାର୍ଚ୍ଚ-ଏପ୍ରିଲ ମାସରେ ଏକ ଭୟଙ୍କର ଯୁଦ୍ଧ ହୋଇପାରେ। ଏହି ଯୁଦ୍ଧ ପରେ, ବାବା ଭେଙ୍ଗାଙ୍କ ଆଉ ଏକ ଭବିଷ୍ୟବାଣୀକୁ ନେଇ ଦ୍ୱାରା ଲୋକେ ଭୟଭୀତ ହେବାରେ ଲାଗିଛନ୍ତି। ଯେଉଁଥିରେ ସେ କହିଥିଲେ, ରୁଷ ଏବଂ ଆମେରିକା ଭଳି ଶକ୍ତିଶାଳୀ ଦେଶ ଯୁଦ୍ଧରେ ପରସ୍ପରର ମୁହାଁମୁହିଁ ହୋଇପାରନ୍ତି । ବାବା ଭେଙ୍ଗା ଦାବି କରିଥିଲେ, ଯୁଦ୍ଧର ସବୁଠାରୁ ଅଧିକ ପ୍ରଭାବ ବିଶ୍ୱର ପଶ୍ଚିମ ଭାଗରେ ପଡ଼ିବ, ୟୁରୋପ ସବୁଠାରୁ ଅଧିକ କ୍ଷତି ସହିବ। ସେ ଦାବି କରିଥିଲେ, ଏହି ଧ୍ୱଂସ ୟୁରୋପର ଭୂମିକୁ ଧ୍ୱଂସ କରିଦେବ। ସେ ଏହା ମଧ୍ୟ ଭବିଷ୍ୟବାଣୀ କରିଥିଲେ ଯେ, ରୁଷ ଏକ ପ୍ରମୁଖ ବିଶ୍ୱ ଶକ୍ତି ଭାବରେ ଉଭା ହେବ ।

## ଡ୍ରୋନ୍ ମାଡରେ ଜଣେ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨/ ୩ : ଆମେରିକା-ଇରାନ୍ ଯୁଦ୍ଧରେ ଜଣେ ଭାରତୀୟଙ୍କ ମୃତ୍ୟୁ । ମଧ୍ୟପ୍ରାଚ୍ୟର ସାନି ଯୁଦ୍ଧରେ ଏହା ପ୍ରଥମ ଭାରତୀୟ ମୃତ୍ୟୁ ବୋଲି କୁହାଯାଇଛି । ଆମେରିକା ଏବଂ ଇସ୍ରାଏଲ୍‌ର ଇରାନ ଆକ୍ରମଣ ଏବଂ ଇରାନ୍‌ର ପ୍ରତିଆକ୍ରମଣ ଜନୀତ ଯୁଦ୍ଧରେ ଏହି ଭାରତୀୟ ମୃତ୍ୟୁର ଶିକାର ହୋଇଥିବା ଖବର ଆସିଛି । ମୃତକ ଜଣକ ଜଣେ ଜାହାଜ କର୍ମଚାରୀ । ତେବେ ଇରାନ୍ କିମ୍ବା ଇସ୍ରାଏଲ୍‌ର ନୁହେଁ, ଓମାନ ସଂଲଗ୍ନ ସମୁଦ୍ରରେ ତାଙ୍କର ମୃତ୍ୟୁ ହୋଇଛି । ଓମାନର ସରକାରୀ ଖବର ସରବରାହ ସଂସ୍ଥା ପକ୍ଷରୁ ଏହି ଖବର ଦିଆଯାଇଛି । ଡ୍ରୋନ୍ ଆକ୍ରମଣରେ ସେ ନିହତ ହୋଇଥିବା କୁହାଯାଇଛି ।ମସ୍କାଟ ଉପକୂଳରେ ଯାଉଥିବା ତୈଳ ଜାହାଜରେ ଡ୍ରୋନ ମାଡ ଫଳରେ ସଂପୃକ୍ତ ଭାରତୀୟ ଜାହାଜ କର୍ମଚାରୀ ନିହତ ହୋଇଛନ୍ତି । ତୈଳ ଜାହାଜ ଏମ୍‌କେଡି ଭାୟମ ଟି ମାର୍ସାଲ ଦ୍ୱୀପର ମାଲିକାନାରେ ଥିବା କିମ୍ବା ସେହି ଦ୍ୱୀପକୁ ଯାଉଥିବା ଜଣାଯାଇଛି । ଓମାନ ସରକାରୀ ଖବର ଅନୁଯାୟୀ ଆରବ ସାଗର ଏବଂ ପାରସ୍ୟ ଉପସାଗରକୁ ସଂଯୋଗ କରୁଥିବା ତଥା ହର୍ମୁଜ ପ୍ରଣାଳୀ ନିକଟ ଓମାନ ସାଗରରେ ଜାହାଜଟି ଥିବାବେଳେ ସେଥିରେ ଡ୍ରୋନ୍ ମାଡ ହୋଇଥିଲା ।

## ଭାରତ – କାନାଡା ମଧ୍ୟରେ ୟୁରାନିୟମ ଚୁକ୍ତି ସ୍ୱାକ୍ଷରିତ

# ୨୦୩୦ ସୁଦ୍ଧା ବାର୍ଷିକ ୫୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ



ନୂଆଦିଲ୍ଲୀ,୨।୩: ଭାରତ ଏବଂ କାନାଡା ସୋମବାର ୟୁରାନିୟମ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଯୋଗାଣ ଉପରେ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଶୀଘ୍ର ଏକ ବ୍ୟାପକ ଆର୍ଥିକ ସହଭାଗୀତା ଚୁକ୍ତିନାମା ସମାପ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି ଦୁଇ ଦେଶ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ କାନାଡା ପ୍ରତିପକ୍ଷ ମାର୍କ କାର୍ନି ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାର୍ଷିକ ବାଣିଜ୍ୟକୁ ୫୦ ବିଲିୟନ ଡଲାରକୁ ବଢ଼ାଇବା ସହିତ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏକ ନୂତନ ଢାଞ୍ଚାକୁ ଚୂଡ଼ାନ୍ତ କରିଥିବା ଜଣାପଡ଼ିଛି। ଦୁଇ ନେତାଙ୍କ ମଧ୍ୟରେ ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା, କ୍ଷୁଦ୍ର ଏବଂ ମଡ୍ୟୁଲାର୍ ପରମାଣୁ ରିଆକ୍ଟର, ଶିକ୍ଷା ଏବଂ ନବୀକରଣ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ମଧ୍ୟ ଆଲୋଚନା ହୋଇଛି। ମଧ୍ୟପ୍ରାଚ୍ୟ ଉତ୍ତେଜନା ଉପରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଭାରତ ଏବଂ କାନାଡା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏବେ 'ନୂତନ ଶକ୍ତି, ପାରସ୍ପରିକ ବିଶ୍ୱାସ ଏବଂ ସକାରାତ୍ମକତା'ରେ ପରିପୂର୍ଣ୍ଣ। କାନାଡା ୨.୬ ବିଲିୟନ ଡଲାରର ୟୁରାନିୟମ ଯୋଗାଣ ଚୁକ୍ତିନାମା ଅଧୀନରେ ଭାରତର ବେସାମରିକ ପରମାଣୁ ଶକ୍ତି କ୍ଷେତ୍ରକୁ ସମର୍ଥନ କରିବ। ମୋଦି କହିଛନ୍ତି, 'ବେସାମରିକ ପରମାଣୁ ଶକ୍ତି କ୍ଷେତ୍ରକୁ ଦୀର୍ଘକାଳୀନ ୟୁରାନିୟମ ଯୋଗାଣ ଉପରେ ଏକ ଐତିହାସିକ ଚୁକ୍ତି ହୋଇଛି। ଆମେ ଛୋଟ ମଡ୍ୟୁଲାର ଏବଂ ଉନ୍ନତ ରିଆକ୍ଟର ଉପରେ ମଧ୍ୟ ଏକାଠି କାମ କରିବୁ।'ମୋଦି କହିଛନ୍ତି, 'ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ଆମ ପାଇଁ ଗମ୍ଭୀର ଚିନ୍ତାର ବିଷୟ। ଭାରତ ସମସ୍ତ ବିବାଦର ସମାଧାନ ପାଇଁ ଆଲୋଚନା ଏବଂ କୂଟନୀତିକୁ ସମର୍ଥନ କରେ ଏବଂ ଏହି ଅଞ୍ଚଳରେ ଭାରତୀୟ ନାଗରିକଙ୍କ ସୁରକ୍ଷା ପାଇଁ ପ୍ରତିବଦ୍ଧ।'

## ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ ୨ ।୩: ଦିଲ୍ଲୀ ହାଇକୋର୍ଟ ସୋମବାର ନିମ୍ନ କୋର୍ଟଙ୍କ ସେହି ଆଦେଶ ଉପରେ ରୋକ ଲଗାଇ ଦେଇଛନ୍ତି ଯେଉଁଥିରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟରେ ବିରୋଧ ପ୍ରଦର୍ଶନ ଲାଗି ଭାରତୀୟ ଯୁବ କଂଗ୍ରେସ (ଆଇୱାଇସି) ସଭାପତି ଉଦୟଭାନୁ ଚିବଙ୍କ ମଞ୍ଜୁର ଜାମିନ ନିଲମ୍ବିତ କରାଯାଇଥିଲା। ହାଇକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ସୌରଭ ବାନାର୍ଜୀଙ୍କ ଅଧକ୍ଷତାରେ ଗଠିତ ପୀଠ ଏହି ଆଦେଶ ଉପରେ ରୋକ ଲଗାଇ ଦେଇଛନ୍ତି। ପୀଠ କହିଛନ୍ତି ଯେ ନ୍ୟାୟାଳୟଙ୍କ ୨୮ ଫେବୃଆରୀ ଆଦେଶ ତର୍କହୀନ ଥିଲା, ଏପରି ଲାଗୁଛି ଯେପରି ଏହାକୁ ଉଚିତ ବିଚାରବିମର୍ଷ ବିନା ଗୃହୀତ କରାଯାଇଛି। ପୀଠ ଦିଲ୍ଲୀ ପୋଲିସ ଓକିଲଙ୍କୁ ଦୌରାଜଜ କୋର୍ଟଙ୍କ ଆଦେଶରେ ତର୍କ କାହିଁ ବୋଲି ପ୍ରଶ୍ନ କରିଥିଲେ। କହିଥିଲେ ମୋର ସ୍ୱଳ୍ପ ଜ୍ଞାନ ଅନୁସାରେ ଏହି ଆଦେଶ ଉପରେ ରୋକ ଲଗାଯିବା ଉଚିତ। ଏଥିରେ ବିବେକ ଉପଯୋଗ କରାଯିବାର ଥିଲା, ଏହା ଏପରି କେଉଁ ବିରଳସ୍ଥିତି ଯେ ଏହା ଉପରେ ଅନ୍ତରୀଣ ରୋକ ଲଗାଯିବା ଜରୁରି ? ଏହି ଆଦେଶ ଉପରେ ରୋକ ଲଗାଇବାକୁ ପଡିବ, କାରଣ ଏଥିରେ ବିବେକର ପ୍ରୟୋଗ କରାଯାଇନି। ଆପାତତଃ ମୁଁ ଆଜିର ଏହି ଆଦେଶରେ ସନ୍ତୁଷ୍ଟ ନୁହେଁ ବୋଲି ପୀଠ କହିଛନ୍ତି। ଚିବ୍ ଦୌରା ଜଜ କୋର୍ଟଙ୍କ ୨୮ ଫେବୃଆରୀର ସେହି ଆଦେଶ ବିରୋଧରେ ଉଚ୍ଚନ୍ୟାୟାଳୟରେ ଅପିଲ କରିଥିଲେ ଯେଉଁଥିରେ ଡ୍ୟୁଟି ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦିଆଯାଇଥିବା ଜାମିନ ଉପରେ ରୋଗ ଲଗାଯାଇଥିଲା।

## ୨୦୨୫ରେ ଭାରତ ଛାଡ଼ିଲେ ୩,୫୦୦ ଧନକୁବେର

ନୂଆଦିଲ୍ଲୀ, ୨/୩: ଗତବର୍ଷ ହଜାର ହଜାର ସଂଖ୍ୟାରେ ଧନୀ ନିଜ ନିଜ ଦେଶ ଛାଡ଼ି ଦେଇଛନ୍ତି । ନ୍ୟୁ ୱାର୍ଲଡ ୱେଲ୍ଥର ଏକ ରିପୋର୍ଟ ମୁତାବକ, ଗତବର୍ଷ ଭାରତରୁ ୩,୫୦୦ ଧନକୁବେର ଅନ୍ୟ ଦେଶକୁ ପଳାଇଛନ୍ତି । ଅନୁମାନ ମୁତାବକ, ଗତବର୍ଷ ସମଗ୍ର ବିଶ୍ୱରେ ୧,୪୨,୦୦୦ ଧନୀ ନିଜ ଦେଶ ପରିତ୍ୟାଗ କରିଛନ୍ତି । ଧନୀଙ୍କ ଦେଶ ପରିତ୍ୟାଗରେ ଭାରତ ତୃତୀୟ ସ୍ଥାନରେ ରହିଛି । ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛି ବ୍ରିଟେନ । ଗତବର୍ଷ ବ୍ରିଟେନରେ ମୋଟ ୧୬,୫୦୦ ଧନୀ ଦେଶ ଛାଡ଼ି ଦେଇଛନ୍ତି । ଏହାପୂର୍ବରୁ ୨୦୨୪ରେ ବି ୧୦,୮୦୦ ଧନୀ ବ୍ରିଟେନରୁ ଅଲବିଦା କହିଥିଲେ । ବ୍ରିଟେନ ଅର୍ଥନୀତି ପାଖାପାଖି ଏକ ଦଶନ୍ଧିରୁ ଖରାପ ପ୍ରଦର୍ଶନ କରୁଛି। ଏ ଅବସରରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ସୁଧାର ପଦକ୍ଷେପ ଅନ୍ତର୍ଗତ ଧନୀମାନଙ୍କ ଉପରେ ଟିକସ ବୋଝ ବଢ଼ିଯାଇଛି । ଏହି କାରଣରୁ ୟୁଏଇ, ମୋନାକୋ ଏବଂ ମାଲ୍ଟା ଭଳି ଦେଶଗୁଡ଼ିକୁ ସ୍ଥାନାନ୍ତର ହେବାକୁ ପସନ୍ଦ କରୁଛନ୍ତି ଧନୀ। ନ୍ୟୁ ୱାର୍ଲଡ ୱେଲ୍ଥ ଅନୁସାରେ, ବ୍ରିଟେନ ପରେ ଚୀନକୁ ସବୁଠୁ ଅଧିକ ଧନୀ ଦେଶ ଛାଡ଼ିଛନ୍ତି । ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥବ୍ୟବସ୍ଥାରୁ ଗତବର୍ଷ ୭,୮୦୦ ଧନୀ ଅନ୍ୟ ଦେଶକୁ ଚାଲିଯାଇଛନ୍ତି । ଭାରତ ତାଲିକାରେ ତୃତୀୟ ସ୍ଥାନରେ ରହିଛି । ସେହିଭଳି ଦକ୍ଷିଣ କୋରିଆରୁ ୨୪୦୦, ରୁଷରୁ ୧୫୦୦, ବ୍ରାଜିଲରୁ ୧୨୦୦, ଫ୍ରାନ୍ସରୁ ୮୦୦, ସ୍ପେନରୁ ୫୦୦, ଜର୍ମାନୀରୁ ୪୦୦ ଏବଂ ଇସ୍ରାଏଲରୁ ୩୫୦ ଧନୀ ଅନ୍ୟ ଦେଶକୁ ସ୍ଥାନାନ୍ତର ହୋଇଛନ୍ତି । ଏହି ସମୟରେ ସବୁଠାରୁ ଫାଇଦାରେ ରହିଛି ୟୁଏଇ । ଏଠାରେ ରହିଛି 'ଶୂନ' ଟିକସ, ଯେଉଁଥିପାଇଁ ଏହାକୁ ନିଜର ନୂଆ ଠିକଣା ବନାଇଛନ୍ତି ଧନୀ । ଗତବର୍ଷ ସମଗ୍ର ବିଶ୍ୱରୁ ୯୮୦୦ ଧନୀ ୟୁଏଇରେ ଅବସ୍ଥାପିତ ହୋଇଛନ୍ତି । ଦ୍ୱିତୀୟ ସ୍ଥାନରେ ଅଛି ଆମେରିକା, ଯାହାକୁ ଠିକଣା କରିଛନ୍ତି ବିଶ୍ୱର ୭,୫୦୦ ଧନୀ । ଇଟାଲିରେ ୩୬୦୦, ସୁଇଜରଲାଣ୍ଡରେ ୩୦୦୦, ସାଉଦି ଆରବରେ ୨୪୦୦, ସିଙ୍ଗାପୁରରେ ୧୬୦୦, ପର୍ତ୍ତୁଗାଲରେ ୧୪୦୦, ଗ୍ରୀସରେ ୧୨୦୦, କାନାଡାରେ ୧୦୦୦ ଏବଂ ଅଷ୍ଟ୍ରେଲିଆକୁ ୧୦୦୦ ଧନୀ ବିଶ୍ୱର ବିଭିନ୍ନ କୋଣରୁ ଆସି ଅବସ୍ଥାପିତ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି।

## ମାଲିକଙ୍କ କାର୍ ଚୋରି କରି ଡ୍ରାଇଭର ବନ୍ଧାହେଲା

ଭୁବନେଶ୍ୱର(ନିପ୍ର): ମାଲିକଙ୍କ କାର ଚୋରି କରିବା ସହ ୧୯ ହଜାର ଟଙ୍କା ଖର୍ଚ୍ଚ କରି ଦେବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ସୋମବାର ଜଣେ ଡ୍ରାଇଭରଙ୍କୁ ଗିରଫ କରିଛି । ଗିରଫ ଡ୍ରାଇଭରଙ୍କ ନାମ ଅମୀୟ ପୁଷ୍ଟାଳକ ଓ ତାଙ୍କ ଘର ଡୁମୁଡୁମା ହାଉସିଂବୋର୍ଡ କଲୋନୀରେ ବୋଲି ଜଣାପଡ଼ିଛି । ଏନେଇ ରାଜୀବ କୁମାର ମଲ୍ଲିକ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ୟୁନିଟ-୩ ଅନ୍ତର୍ଗତ ପ୍ଲଟ ନମ୍ବର-୨୯୫ ରେ ରହୁଥିବା ବେଳେ, ଅଭିଯୁକ୍ତ ଜଣକ ତାଙ୍କ ଘରେ ଡ୍ରାଇଭର ଭାବେ ନିଯୁକ୍ତ ଥିଲେ । ଗତ ଶନିବାର ଅଭିଯୁକ୍ତ ଅମୀୟ ପୁଷ୍ଟାଳକ ଅତିଥିମାନଙ୍କୁ କୋଣାର୍କ ଓ ପୁରୀ ବୁଲାଇ ନେବା ପାଇଁ ଅଭିଯୋଗକାରୀଙ୍କ ମାରୁତି ସୁଜୁକି ଟୁର୍ସ ଗାଡ଼ି ନେଇ ଯାଇଥିଲେ । ସେ ପୁରୀର ବଲ୍ଲଭ ପାର୍କିଂ ନିକଟରେ ଅତିଥିମାନଙ୍କୁ ଛାଡି ଦେଇଥିଲେ । ତାପରେ ସେ ମାଲିକ ଓ ଅତିଥିମାନଙ୍କ ଫୋନ୍ କଲର ଉତ୍ତର ଦେବା ବନ୍ଦ କରିଦେଇଥିଲେ । ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିଲା ଏବଂ ତାଙ୍କ ମୋବାଇଲ୍ ଫୋନ୍ ବନ୍ଦ ଥିବା ଦେଖାଯାଇଥିଲା । ଏହାର ପରିଣାମ ସ୍ୱରୂପ, ଅତିଥିମାନେ ଅନ୍ୟ ଗାଡ଼ିରେ ଭୁବନେଶ୍ୱର ଫେରିବାକୁ ବାଧ୍ୟ ହୋଇଥିଲେ । ଉକ୍ତ ଗାଡିରେ ଅତିଥିଙ୍କର ଗୋଟିଏ ବ୍ୟାଗ ରହିଯାଇଥିଲା, ଯେଉଁଥିରେ ନଗଦ ୧୯ ହଜାର ଟଙ୍କା ସହିତ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷପତ୍ର ମଧ୍ୟ ଥିଲା । ଅଭିଯୁକ୍ତ ଡ୍ରାଇଭର ଜଣକ ତାଙ୍କର ଗାଡି ଚୋରି କରିଥିବା ସନ୍ଦେହ କରି ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ମାମଲାର ତଦନ୍ତ କାଳରେ ମିଳିଥିବା ଏକ ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ମାଷ୍ଟର କ୍ୟାଂଟିନ ସ୍ଥିତ କେଶରୀ ହୋଟେଲ ନିକଟରେ ଚଢଉ କରି ଅଭିଯୁକ୍ତଙ୍କୁ କାବୁ କରିବା ସହ ସଂପୃକ୍ତ କାରକୁ ମଧ୍ୟ ଜବତ କରିଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତଙ୍କର ଏହି ଘଟଣାରେ ସଂପୃକ୍ତି ଥିବା ସ୍ୱୀକାର କରିଥିବା ବେଳେ, ଚୋରୀ କରିଥିବା ୧୯ ହଜାର ଟଙ୍କାକୁ ସେ ସଂପୂର୍ଣ୍ଣ ଖର୍ଚ୍ଚ କରିଦେଇଥିବା ପ୍ରକାଶ କରିଥିଲେ । ଅଭିଯୁକ୍ତ ଜଣକ କ୍ୟାପିଟାଲ ଥାନାର ୨ ଟି ମାମଲାରେ ସଂପୃକ୍ତ ଥିବା କଥା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

## ମହିଳାକୁ ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇ ଯୁବକ ଗିରଫ

ଭୁବନେଶ୍ୱର(ନିପ୍ର): ଜଣେ ମହିଳାଙ୍କୁ ଆତ୍ମହତ୍ୟା ଲାଗି ପ୍ରର୍ବତ୍ତାଇବା ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ସୋମବାର ଜଣେ ପେସାଦାର ଅପରାଧୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ରଶ୍ମିରଞ୍ଜନ ସ୍ୱାଇଁ ଓ ତାଙ୍କ ଘର କେନ୍ଦ୍ରାପଡ଼ା ମାର୍ଶାଘାଇରେ ବୋଲି ଜଣାପଡ଼ିଛି । ଏନେଇ ଶୁଭାସିନୀ ପଟ୍ଟନାୟକ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ମୃତ ବନାନୀ ପଟ୍ଟନାୟକ ହେଉଛନ୍ତି ଅଭିଯୋଗକାରିଣୀଙ୍କ ଝିଅ ଏବଂ ଛାଡପତ୍ର ପରେ ସେ ଗତ ଏକ ବର୍ଷ ଧରି ନାରଗଦା, ପ୍ଲଟ୍ ନଂ-୧୫/୧୩, କେ-୬ଏ, କଳିଙ୍ଗ ବିହାର, ଆପୋଲୋ ଫାର୍ମାସି ସମ୍ମୁଖରେ ଥିବା ଏକ ଭଡା ଘରର ପ୍ରଥମ ମହଲାରେ ନିଜର ନାବାଳିକା ଝିଅ ଏବଂ ମାଙ୍କ ସହ ରହିଆସୁଥିଲେ । ସେହି ଘରର ତଳ ମହଲାରେ ଅଭିଯୁକ୍ତ ରଶ୍ମୀ ରଞ୍ଜନ ସ୍ୱାଇଁ ମଧ୍ୟ ରହୁଥିଲେ । ସେଠାରେ ରହିବା ମଧ୍ୟରେ ମୃତ ବନାନୀଙ୍କର, ଅଭିଯୁକ୍ତଙ୍କ ସହିତ ଉତ୍ତମ ବନ୍ଧୁତା ହୋଇଥିଲା । ଉଭୟ ନିୟମିତ ଭାବେ ଏକାଠି ବସି ମଦ୍ୟପାନ କରୁଥିଲେ । ବିଶେଷକରି ମଦ୍ୟପାନ ପରେ ସେମାନଙ୍କ ମଧ୍ୟରେ ପ୍ରାୟତଃ ଝଗଡା ହେଉଥିଲା । ସେହି ସମୟରେ ଅଭିଯୁକ୍ତ ଜଣକ ମୃତ ବନାନୀଙ୍କୁ ଅଶ୍ଳୀଳ ଓ ଅପମାନଜନକ ଭାଷାରେ ଗାଳି ଦେଇ ତାଙ୍କ ଚରିତ୍ର ସଂହାର କରିଥାନ୍ତି । ଗତ ଶନିବାର ସକାଳ ୧୧ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉଭୟ ମିଶି ତଳ ମହଲାରେ ମଦ୍ୟପାନ କରିଥିଲେ । ସନ୍ଧ୍ୟା ପ୍ରାୟ ୭ଟାରେ ସେମାନଙ୍କ ମଧ୍ୟରେ ଗମ୍ଭୀର ଭାବେ ଝଗଡ଼ା ହୋଇଥିଲା । ରାତି ପ୍ରାୟ ୯ଟା –୧୦ଟା ମଧ୍ୟରେ ବନାନୀ ଉପର ମହଲାରେ ଥିବା ତାଙ୍କ କୋଠରୀକୁ ଚାଲି ଯାଇଥିଲେ । କିଛି ସମୟ ପରେ ଅଭିଯୁକ୍ତ ମଧ୍ୟ ଉପରକୁ ଯାଇ ନାବାଳିକା ଝିଅକୁ କହିଥିଲେ ଯେ, ତାଙ୍କ ମାଆ ଆତ୍ମହତ୍ୟା କରିବା ଲାଗି ପ୍ରୟାସ କରିପାରନ୍ତି, ତେଣୁ ସେ ତାଙ୍କୁ ବୁଝାଇ ସେଥିରୁ ନିବୃତ କରିବା ଲାଗି କହିଥିଲେ । ତାପରେ ବନାନୀ ଗୋଟିଏ କଲମ, କାଗଜ ଓ କପି ନେଇ ଶୟନ କକ୍ଷରେ ପ୍ରବେଶ କରି ଭିତରୁ ଦ୍ୱାର ବନ୍ଦ କରିଦେଇଥିଲେ । ବାରମ୍ବାର ଡାକିଲେ ମଧ୍ୟ ଉତ୍ତର ନ ମିଳିବାରୁ ସନ୍ଦେହ ସୃଷ୍ଟି ହୋଇଥିଲା । ପରେ ଅଭିଯୁକ୍ତ ଓ ନିକଟରେ ଉପସ୍ଥିତ କିଛି ଶ୍ରମିକ ଦ୍ୱାର ଭାଙ୍ଗି ଭିତରକୁ ପ୍ରବେଶ କରି ବନାନୀଙ୍କୁ ଶାଢ଼ି ସାହାଯ୍ୟରେ ସିଲିଂ ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ । ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ, ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଅଭିଯୁକ୍ତଙ୍କର ପୂର୍ବ ଅପରାଧିକ ସଂପୃକ୍ତି ଯାଂଚ କରିବାରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ରଶ୍ମୀରଞ୍ଜନ ସ୍ୱାଇଁ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାମରେ ପୂର୍ବରୁ ମଧ୍ୟ ପାରାଦ୍ୱୀପ ଥାନା, ମାର୍ଶାଘାଇ ଥାନା ଏବଂ ବାଲିଅନ୍ତା ଥାନାରେ ଗୋଟିଏ ଲେଖାଏଁ ଭିନ୍ନ ଅପରାଧିକ ମାମଲା ରହିଛି ।

## ନାବାଳିକାଙ୍କୁ ଅପହରଣ ପରେ ଅସଦାଚରଣ !

ପିପିଲି(ନିପ୍ର): ପିପିଲି ଥାନା ଅଞ୍ଚଳର ଜଣେ +୨ ନାବାଳିକା ଛାତ୍ରୀକୁ ଜନୈକ ଯୁବକ ଅପହରଣ ପୂର୍ବକ ଅସଦାଚରଣ କରିଥିବା ନେଇ ନାବାଳିକାଙ୍କ ମାଆ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗ ପାଇ ମାମଲା ଆଗତ କରି ତଦନ୍ତ ଚଳାଇଛି । ଅପହରଣକାରୀ ଯୁବକ ଏପର୍ଯ୍ୟନ୍ତ ଧରାପଡିନଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି । ନାବାଳିକା ଜଣକ ଦୈନିକ ନିଜ ସାଇକେଲରେ କଲେଜକୁ ଯାଉଥିବା ବେଳେ ଥାନା ଅଞ୍ଚଳରେ ଜଣେ ଅସାମାଜିକ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ବିଭିନ୍ନ ଖାଦ୍ୟ ଦେଇଥାଏ । ତାହାରି ମଧ୍ୟରେ ନାବାଳିକା ଟିଉସନକୁ ଆସୁ ଥିବା ଦେଖି ଯୁବକ ଜଣକ ଆଗରୁ ଆସିବା କହି ନିଜ ମଟର ସାଇକେଲରେ ବସାଇ ଅପହରଣ କରି ନେଇଥିଲା. ଅପହରଣ ପରେ ଅସଦାଚରଣ କରିଥିଲା । ଯୁବକ ଜଣକ ଅଶ୍ଳୀଳ ମେସେଜ କରି ଧମକ ଦେବାରୁ ଏନେଇ ନାବାଳିକାଙ୍କ ମାଆ ପିପିଲି ଥାନାର ଦ୍ୱାରସ୍ଥ ହୋଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ।

### ପୋଲିସକୁ ମରଣାନ୍ତକ ଆକ୍ରମଣ

# ଜେଲ୍ ଗଲେ ମା ଓ ଦୁଇ ପୁଅ

ଭୁବନେଶ୍ୱର(ନିପ୍ର): ବେଆଇନ ଭାବେ ମଦ ବିକ୍ରି କରୁଥିଲେ । ଖବରପାଇ ପୋଲିସ ଦୋକାନ ଉପରେ ଚଢ଼ଉ କରିବାରୁ ସେମାନଙ୍କୁ ମରଣାନ୍ତକ ଭାବେ ଖଣ୍ଡାରେ ଆକ୍ରମଣ କରିବା ଏବଂ ଖରାପ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ମା' ସମେତ ଦୁଇ ପୁଅଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ଅପରାଧୀକ ମାମଲା ରହିଛି । ଗିରଫ ଅଭିଯୁକ୍ତମାନେ ହେଲେ କୁମାରୀ ବେହେରା (୫୫), ଶ୍ରୀଧର ବେହେରା (୪୦) ଓ ପ୍ରକାଶ ବେହେରା (୩୪) । ସୂଚନାଯୋଗ୍ୟ ଯେ, ଚନ୍ଦକା ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସଂପୃକ୍ତ ଥାନାର ଏକ ପେଟ୍ରୋଲିଙ୍ଗ ଟିମ୍ ନିଜ ଅଂଚଳରେ ସନ୍ଧ୍ୟାକାଳୀନ ପେଟ୍ରୋଲିଙ୍ଗ କରୁଥିବା ବେଳେ, ଥାନା ଅନ୍ତର୍ଗତ ବିଦେଶୀ ମଦ ଦୋକାନ ନିକଟରେ ଥିବା ପ୍ରକାଶ ଭେରାଇଟୀ ଷ୍ଟୋର ନାମକ ଏକ ଦୋକାନରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ନେଇ, ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ମିଳିଥିବା ଏହି ସୂଚନା ଆଧାରରେ ପାଟ୍ରୋଲିଙ୍ଗ ଟିମ ସଦଳବଳେ ଘଟଣାସ୍ଥଳରେ ଅତର୍କିତ ଚଢଉ କରିଥିଲେ । ଦୋକାନରେ ଉପସ୍ଥିତ ଥିବା ଅଭିଯୁକ୍ତ ଦୋକାନୀ ଶ୍ରୀଧର ବେହେରା ପୋଲିସ ଟିମ ଦେଖି ସେଠାରୁ ଖସି ପଳାଇବା ଲାଗି ଉଦ୍ୟମ କରୁଥିବା ବେଳେ, ପୋଲିସ ହାତରେ ଧରାପଡ଼ିଯାଇଥିଲେ । ପାଟ୍ରୋଲିଙ୍ଗ ଟିମ ଦୋକାନ ଭିତର ଯାଂଚ କରୁଥିବା ବେଳେ, ଅଭିଯୁକ୍ତ ପ୍ରକାଶ ଏବଂ ତାଙ୍କ ମା ଏକ ସ୍କୁଟି ନେଇ ସେଠାରେ ଆସି ପହଂଚିଥିଲେ ଏବଂ ଖଣ୍ଡା ସାହାଯ୍ୟରେ ପୋଲିସ ଟିମର ସମସ୍ତ ସଦସ୍ୟଙ୍କୁ ଜୀବନରୁ ମାରିବାର ଧମକ ଦେଇଥିଲେ । ଏହି ସମୟରେ ମହିଳା ଜଣକ ମଧ୍ୟ ଦୁଇ ପୁଅଙ୍କୁ ଆକ୍ରମଣ କରିବା ଲାଗି ପ୍ରୋତ୍ସାହିତ କରିବା ସହ ପୋଲିସଙ୍କୁ ନାନା ପ୍ରକାର ଧମକ ଚମକ ଦେଇଥିଲେ । ପରେ ପ୍ରକାଶ ଏବଂ ଶ୍ରୀଧର ହଠାତ ଦୁଇଟି ଖଣ୍ଡା ଆଣି ପୋଲିସ ଟିମ ଉପରେ ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲେ । କିନ୍ତୁ ଉକ୍ତ ଆକ୍ରମଣରୁ ନିଜକୁ କୌଶଳ କ୍ରମେ ବଂଚାଇ ନେବା ସହ ସଂପୃକ୍ତ ମହିଳାଙ୍କ ସମେତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ପୋଲିସ ଦୁଇ ଅଭିଯୁକ୍ତଙ୍କ ହେପାଜତରୁ ୨ ଟି ଲୁହା ଖଣ୍ଡା, ଦୋକାନ ଭିତରେ ମହଜୁଦ ଥିବା ୭୨ ବୋତଲ ବିଦେଶୀ ମଦ, ୫୦ ଲିଟର ଦେଶୀ ମଦ ଏବଂ ଏକ ସ୍କୁଟି ଜବତ କରିଥିଲେ । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଅଭିଯୁକ୍ତ ପ୍ରକାଶ ବେହେରା ଜଣେ ବୃତ୍ତିଗତ ଅପରାଧୀ ଏବଂ ତାଙ୍କ ନାମରେ ପୂର୍ବରୁ ମଧ୍ୟ ଚନ୍ଦକା ଥାନାରେ ୬ଟି ଅପରାଧିକ ମାମଲା ରହିଥିବା ବେଳେ, ଅଭିଯୁକ୍ତ ଶ୍ରୀଧର ବେହେରାଙ୍କ ନାମରେ ଗୋଟିଏ ମାମଲା ରହିଛି ।

### ଶ୍ରୀନିବାସ ହତ୍ୟା ମାମଲା

## ହାଇକୋର୍ଟରେ ବଳବତ୍ତର ରହିଲା ଆଜୀବନ କାରାଦଣ୍ଡାଦେଶ

କଟକ(ନିପ୍ର): ଦୀର୍ଘ ୩୩ ବର୍ଷ ତଳର ଏକ ହତ୍ୟା ମାମଲାର ଶୁଣାଣି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତଙ୍କ ଆଜୀବନ କାରାଦଣ୍ଡାଦେଶକୁ ବଳବତ୍ତର ରଖିଛନ୍ତି । ଝାରସୁଗୁଡ଼ାର ଶ୍ରୀନିବାସ ଯାଦବଙ୍କୁ ଗୁଳି କରି ହତ୍ୟା କରିବା ଅଭିଯୋଗରେ ନିମ୍ନ ଅଦାଲତ ଶୁଣାଇଥିବା ଦଣ୍ଡାଦେଶ ବିରୋଧରେ ହୋଇଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି । ଏହି ମାମଲାରେ ଅଭିଯୁକ୍ତ ରାମବାବୁ ସାହୁ ଏବଂ ଭୂଷଣ ସାହୁ (ମୃତ) ସମ୍ପୃକ୍ତ ଥିଲେ । ୧୯୯୨ ଅଗଷ୍ଟ ୬ ତାରିଖ ରାତି ପ୍ରାୟ ୯ଟା ସମୟରେ ଝାରସୁଗୁଡ଼ା ଷ୍ଟେସନ ସ୍କୋୟାର ନିକଟରେ ଏହି ଅଭାବନୀୟ କାଣ୍ଡ ଘଟିଥିଲା । ସୂଚନାଦାତା ସିଂହାସନ ଯାଦବ କ୍ଷୀର ଦେଇ ଫେରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଓ ଶ୍ରୀନିବାସଙ୍କୁ ଆକ୍ରମଣ କରିଥିଲେ । ଅଭିଯୁକ୍ତ ରାମବାବୁ ସାହୁଙ୍କ ନିର୍ଦ୍ଦେଶରେ ଭୂଷଣ ସାହୁ ଓ ଅନ୍ୟମାନେ ସିଂହାସନଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହ ଶ୍ରୀନିବାସଙ୍କୁ ଗୁଳି କରିଥିଲେ । ପରବର୍ତ୍ତୀ ସମୟରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରୀନିବାସଙ୍କ ମୃତ୍ୟୁ ଘଟିଥିଲା । ବିଚାରପତି ମାନସ ରଞ୍ଜନ ପାଠକ ଏବଂ ବିଚାରପତି ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିକୁ ଖଣ୍ଡନ କରି କୋର୍ଟ କହିଛନ୍ତି । ସାକ୍ଷୀମାନଙ୍କ ବୟାନରେ ସାମାନ୍ୟ ଅମେଳ ଥିଲେ ମଧ ତାହା ଘଟଣାର ୫ ବର୍ଷ ପରେ ରେକର୍ଡ ହୋଇଥିବାରୁ ଗ୍ରହଣୀୟ । ମୃତ ଶ୍ରୀନିବାସଙ୍କ ଦ୍ୱାରା ପ୍ରଦତ୍ତ ଦୁଇଟି ଯାକ ମୃତ୍ୟୁକାଳୀନ ଜମାନବନ୍ଦୀ ସଠିକ ଓ ଏଥିରେ ଅଭିଯୁକ୍ତଙ୍କ ନାମ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ବାଲିଷ୍ଟିକ ରିପୋର୍ଟ ସହ ପ୍ରାସଙ୍ଗିକତା ନଥିବା କଥାକୁ କୋର୍ଟ ତଦନ୍ତରେ ଏକ ତ୍ରୁଟି ବୋଲି ଦର୍ଶାଇଛନ୍ତି, କିନ୍ତୁ ଏହା ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରମାଣକୁ କାଟି ପାରିବ ନାହିଁ କୋର୍ଟ ଉଲ୍ଲେଖ କରିଛନ୍ତି । ନିମ୍ନ ଅଦାଲତଙ୍କ ରାୟକୁ କାଏମ ରଖି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଅଭିଯୁକ୍ତମାନେ ଜାମିନରେ ଥିଲେ ମଧ ସେମାନଙ୍କ ଜାମିନ ବଣ୍ଡ୍ ରଦ୍ଦ କରାଯାଇଛି ଓ ସେମାନଙ୍କୁ ତୁରନ୍ତ ଗିରଫ କରି ବାକି ଥିବା ସଜା କାଟିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଦୋଳଯାତ୍ରା ସମୟରେ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଦୋଳଯାତ୍ରା ସମୟରେ ଜାଣିଶୁଣି ଗଣ୍ଡଗୋଳ କରିବା ଏବଂ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ସୋମବାର ଜଣେ ପେସାଦାର ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ରଞ୍ଜନ ପାତ୍ର (୩୭) ଓ ତାଙ୍କ ଘର ରଘୁନାଥପୁର ଅଂଚଳରେ ବୋଲି ଜଣାପଡ଼ିଛି । ଏନେଇ ସୁରେନ୍ଦ୍ର ପ୍ରଧାନ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ରବିବାର ରାତିରେ, ରଘୁନାଥପୁର ଗ୍ରାମରେ ଦୋଳ ମେଳନ ଶୋଭାଯାତ୍ରା ଚାଲିଥିବା ସମୟରେ, ଜଣେ ଅଭିଯୁକ୍ତ ଟ୍ରଲି ଚାଳକ ରଞ୍ଜନ ପାତ୍ର ସେଠାରେ ଉପସ୍ଥିତ ଥିବା ଅନ୍ୟ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ । ସେହି ସମୟରେ ଅଭିଯୋଗକାରୀ ପରିସ୍ଥିତିକୁ ଶାନ୍ତ କରିବା ପାଇଁ ହସ୍ତକ୍ଷେପ କରିଥିବାରୁ, ଅଭିଯୁକ୍ତ ଆକ୍ରମଣାତ୍ମକ ହୋଇ ତାଙ୍କ ସାର୍ଟ କଲରକୁ ଧରି ତଳେ ପକାଇ ଦେଇଥିଲେ ଏବଂ ତାଙ୍କ ଛାତି ଓ ମୁଣ୍ଡରେ ମାଡ଼ ମାରିଥିଲେ । ଏହା ପରେ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ ଏବଂ ଆକ୍ରମଣ ସମୟରେ ତାଙ୍କ ଗଳାରେ ପିନ୍ଧିଥିବା ସୁନା ଚେନ୍ ଛିଣ୍ଡି ଯାଇଥିଲା । ଆକ୍ରମଣରେ ଆହତ ଅଭିଯୋଗକାରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଇସିଜି, ଏକ୍ସ-ରେ ଓ ମୁଣ୍ଡ ସ୍କାନିଂ ସମେତ ଡାକ୍ତରୀ ପରୀକ୍ଷା କରାଯାଇଥିଲା । ଅଭିଯୁକ୍ତଙ୍କୁ ଆୟତ କରି ଥାନାକୁ ଅଣାଯିବା ସମୟରେ ସେ ପୁଣି ଥରେ ଅଭିଯୋଗକାରୀଙ୍କୁ ଧମକ ଦେଇଥିଲେ । ତଦନ୍ତ ସମୟରେ, ଛିଣ୍ଡା ସୁନା ଚେନ୍ ଜବତ କରାଯାଇଥିଲା । ପଚରାଉଚରାରେ ଅଭିଯୁକ୍ତ ଅପରାଧରେ ନିଜ ସଂପୃକ୍ତି ସ୍ୱୀକାର କରିଥିଲେ । ପୂର୍ବ ଅପରାଧିକ ରେକର୍ଡ ଯାଂଚରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ପୂର୍ବରୁ ଚାରୋଟି ଅପରାଧିକ ମାମଲାରେ ଜଡିତ ଅଛନ୍ତି, ଯାହା ମଧ୍ୟରେ ଚାନ୍ଦା ଆଦାୟ, ଅସ୍ତ୍ରଶସ୍ତ୍ର ସହିତ ଡକାୟତି, ଆକ୍ରମଣ ଓ ଅପରାଧିକ ରହିଛି ।

## ୨୨ କେଜି ଗଞ୍ଜେଇ ସହ ୫ ଗିରଫ

ଭୁବନେଶ୍ୱର(ନିପ୍ର): ମୈତ୍ରୀ ବିହାର ଥାନା ପୋଲିସ ହାତିଆଶୁଣୀ ରାସ୍ତା ନିକଟରେ ଚଢ଼ଉ କରି ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିବା ୫ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି । ଗିରଫ ନିଶା ବେପାରୀମାନେ ହେଉଛନ୍ତି,ସୁରଜ ରେଡ୍ଡୀ (୨୮),ବିପ୍ଳବ ଚନ୍ଦ୍ର ପଣ୍ଡା (୩୮), ଇଶୋରନ ପରିଜା (୩୨),ରୀତା ଚୌହାନ (୩୪) ଓ ସତ୍ୟଦେବ ନାୟକ (୪୫) । ଗିରଫ ଅଭିଯୁକ୍ତଙ୍କ ଠାରୁ ପୋଲିସ ଏକ ଅଟୋ ସହ ୨୨ କେଜି ଗଞ୍ଜେଇକୁ ଜବତ କରିଛି । ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ, ମୈତ୍ରୀବିହାର ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସଂପୃକ୍ତ ଥାନାର ଏକ ସ୍ପେସାଲ ଟିମ୍ ସଦଳବଳେ ସାଲିଆ ସାହି-ହାତିଆଶୁଣି ରାସ୍ତାରେ ଅଚାନକ ଚଢ଼ଉ କରି ଜଣେ ମହିଳାଙ୍କ ସମେତ ଚାରିଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ ।

## ଦୁଇ କୋଟି ମୂଲ୍ୟର ଲୁଟ ସୁନା ଗହଣା ଜବତ



ଭଦ୍ରକ(ନିପ୍ର): ଭଦ୍ରକ ପୋଲିସକୁ ବଡ଼ ସଫଳତା ମିଳିଛି । ଭଦ୍ରକ ସହର ଓ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଘରେ କେହି ନ ଥିବାର ସୁଯୋଗ ନେଇ ଘରେ ପଶି ଲୁଟ ଓ ଚିନ୍ନତାଇ କରି ଲୁଟ କରିଥିବା ୪ ଜଣ ଦୁର୍ଦ୍ଧାନ୍ତ ଡକାୟତଙ୍କୁ ଗିରଫ କରିବାରେ ସଫଳ ହୋଇ ଥିବା ବେଳେ ଅନ୍ୟ ଦୁଇଜଣ ଫେରାର ଅଛନ୍ତି । ଏହି ଚାରି ଜଣ ଡକାୟତଙ୍କ ମଧ୍ୟରୁ ଦୈତାରୀ ଦାସ ନାମକ ଦୁର୍ଦ୍ଧାନ୍ତ ଲୁଟେରାଙ୍କ ନାମରେ ହତ୍ୟା, ଡକାୟତି ମାମଲା ରହିଛି । ତାଙ୍କ ସହ ଅନ୍ୟ ୩ ଜଣଙ୍କୁ ଗିରଫ କରିଛି ଭଦ୍ରକ ପୋଲିସ । ସମସ୍ତ ଲୁଟେରାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାରେ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଯାଜପୁର ଅଞ୍ଚଳରେ । ଅଭିଯୁକ୍ତମାନଙ୍କ ଘରେ ଖୋଳ ତାଡ଼ କରିବାରୁ ତାଙ୍କ ଘରୁ ଏହି ୧ କିଲୋ ସୁନା ଓ ୪ କିଲୋ ରୁପା ଅଳଙ୍କାର ସହ ୯ ଟି ମୋବାଇଲ ଫୋନ ଓ ବିଭିନ୍ନ ରାଜ୍ୟର ବ୍ୟବହୃତ ହେଉଥିବା ଗାଡିର ୧୫ଟି ଡୁବ୍ଲିକେଟ ପ୍ଲେଟ ନମ୍ବରକୁ ଜବତ କରିଛି ଭଦ୍ରକ ପୋଲିସ । ଜବତ ହୋଇଥିବା ସୁନା ଅଳଙ୍କାରର ଆନୁମାନିକ ମୂଲ୍ୟ ଦେଢ଼ କୋଟି ହୋଇଥିବା ବେଳେ, ରୁପା ଅଳଙ୍କାରର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବା ନେଇ ଭଦ୍ରକ ଏସପି କହିଛନ୍ତି । ଅଭିଯୁକ୍ତମାନେ ଭଦ୍ରକ ସମେତ, ଯାଜପୁର, କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୁଟ କରୁଥିଲେ । ତେବେ ଏହି ଅଭିଯୁକ୍ତମାନଙ୍କ ନାମରେ ଆଉ କେଉଁ କେଉଁ ଅଭିଯୋଗ ରହିଛି ସେ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଭଦ୍ରକ ଏସପି କହିଛନ୍ତି ।

## ବିମାନବନ୍ଦର ପରିସରରୁ ଚୋରି, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ବିମାନବନ୍ଦର ପରିସରରୁ ଅପଟିକାଲ ଫାଇବର ୱେୟାର ସବୁକୁ କାଟି ଚୋରି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ଚୋରକୁ ଗିରଫ କରିଛି । ଗିରଫ ଚୋରର ନାମ ବିଜୁ ନାୟକ ଓ ତାଙ୍କ ଘର ଝାଡେଶ୍ୱରୀ ମନ୍ଦିର ନିକଟରେ ବୋଲି ଜଣାପଡ଼ିଛି । ଏନେଇ ମଧୁସୂଦନ ସୋରେନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଟର୍ମିନାଲ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି । ରବିବାର ଅଭିଯୁକ୍ତ ଏବଂ ତାଙ୍କର ଜଣେ ସହଯୋଗୀ ମିଶି ଏୟାରପୋର୍ଟ ଭିତରେ ପ୍ରବେଶ କରିବା ସହ ଲେନ ନମ୍ବର-୫ ରେ ଥିବା କାର ପାର୍କିଂ ନିକଟରୁ ମାଟିତଳେ ବିଛା ଯାଇଥିବା ଅପଟିକାଲ ଫାଇବର ୱେୟାର ସବୁକୁ କାଟି ଚୋରି କରିବା ଲାଗି ଉଦ୍ୟମ କରୁଥିବା ବେଳେ, ଜଣେ ବ୍ୟକ୍ତିଗତ କାର ଚାଳକ ସେଠାକୁ ଯାଇ ଦୁଇ ଅଭିଯୁକ୍ତଙ୍କୁ ଉକ୍ତ କାର୍ଯ୍ୟରୁ ନିବୃତ୍ତ ରହିବା ଲାଗି ଚେତାବନୀ ଦେଇଥିଲେ । ଏହା ଦେଖି ଜଣେ ଅଭିଯୁକ୍ତ ଘଟଣା ସ୍ଥଳରୁ ଖସି ପଳାଇ ଯାଇଥିବା ବେଳେ, ଅଭିଯୁକ୍ତ ବିଜୁ ନାୟକ ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡ଼ିଯାଇଥିଲେ । ପରେ ସେମାନେ ଅଭିଯୁକ୍ତଙ୍କୁ ପୁଲିସ ଜିମା ଦେଇଥିଲେ । ପୋଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ବିଜୁ ନାୟକଙ୍କୁ ଗିରଫ କରିଥିବା ବେଳେ, ସେ ତାଙ୍କର ଦୋଷ ସ୍ୱୀକାର କରିଥିଲେ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ(ନିପ୍ର): ବଡମ୍ବା ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୧୫ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରେ ୯୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୮ଗୋଟି ସାମୂହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୫ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୯ ତାରିଖରେ କିଶନନଗର ତହସିଲ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ହୋଲିରେ କଟକ ଜଗିବେ ୨୦ପ୍ଲାଟୁନ ଫୋର୍ସ

### ନଦୀରେ ବୋଟ୍ ପାଟ୍ରୋଲିଂ ସହ ଘାଟରେ ମୁତୟନ ହେବେ ଅଗ୍ନିଶମ କର୍ମଚାରୀ

କଟକ(ନିପ୍ର): ରଙ୍ଗର ପର୍ବ ହୋଲି । ଆଉ ଦିନକ ପରେ ରଙ୍ଗୀନ ହେବ ସାରା ଓଡ଼ିଶା । ହୋଲି ରଙ୍ଗରେ ସମସ୍ତେ ହେବେ ମସଗୁଲ । ତେବେ ହୋଲିକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ କଟକରେ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ହୋଲିରେ ବିଶୃଙ୍ଖଳାକାରୀଙ୍କୁ ସାବାଡ କରିବ କମିଶନରେଟ୍ ପୋଲିସ । ହୋଲି ପାଇଁ କଟକ ସହରରେ ମୁତୟନ ହେବେ ୨୦ ପ୍ଲାଟୁନ ପୋଲିସ ଫୋର୍ସ ସହ ବରିଷ୍ଠ ଅଧିକାରୀ । ବିଭିନ୍ନ ସ୍ଥାନରେ ବ୍ଲକିଂ ସହ ନାକା ଲଗାଯିବ । ଏହାସହ ବିଭିନ୍ନ ଗଳିକନ୍ଦିରେ ବାଇକ୍ ପାଟ୍ରୋଲିଂ କରିବ ପୋଲିସ । ମଦ ପିଅ ହୋଲି ଖେଳିଲେ କି ଗାଡ଼ି ଚଳାଇଲେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ । ହୋଲି ଖେଳିବା ସମୟର କୌଣସି ଜନସାଧାରଣଙ୍କୁ ହଇରାଣ ନକରି ହୋଲି ଖେଳିବାକୁ ପରାମର୍ଶ ଦେଇଛନ୍ତି କଟକ ଡିସିପି ରିଷିକେଶ ଖିଲାରୀ । ସେପଟେ ହୋଲି ଖେଳ ପରେ ନଦୀରେ ଗାଧୋଇବା ସମୟରେ ବିଭିନ୍ନ ଦୁର୍ଘଟଣା ଘଟିଥାଏ । ଏହି ଦୁର୍ଘଟଣାକୁ ଏଡ଼ାଇବା ପାଇଁ କଟକ ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଛି । କଟକର ବିଭିନ୍ନ ନଦୀରେ ବୋଟ୍ ପାଟ୍ରୋଲିଂ ସହ ବିଭିନ୍ନ ଘାଟରେ ମୁତୟନ ହେବେ ୭୦ରୁ ଉର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ । ଏଥିସହ ଯେଉଁଠାରେ ଗଭୀର ପାଣି ଅଛି ବା ପହଁରା ଜାଣିନଥିବା ଲୋକମାନେ କିଭଳି ନଦୀ ଭିତରୁ ନଯିବ ସେ ନେଇ ସଚେତନ କରାଯିବ ବୋଲି କଟକ ଅଗ୍ନିଶମ ଅଧିକାରୀ କହିଛନ୍ତି । ସେପଟେ କମିଶନରେଟ୍ ପୋଲିସ ପକ୍ଷରୁ ବିଭିନ୍ନ ରଙ୍ଗ ଦୋକାନରେ ଯାଞ୍ଚ କରାଯାଇଛି । କଟକ କଲେଜ ଛକରେ ଥିବା ବିଭିନ୍ନ ରଙ୍ଗ ଦୋକାନରେ ଜୋନ୍ ୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ମାଲଗୋଦାମ ଥାନା ପୋଲିସ ଓ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥିଲା । କେମିକାଲଯୁକ୍ତ ରଙ୍ଗ ବିକ୍ରିକୁ ନେଇ କରାଯାଇଥିଲା ଯାଞ୍ଚ ତେବେ କିଛି ଦୋକାନରୁ କେମିକାଲ ଯୁକ୍ତ ରଙ୍ଗକୁ ପୋଲିସ ଜବତ କରିଥିବା ବେଳେ ଅନ୍ୟସବୁ ଦୋକାନରେ ହର୍ବାଲ ଓ ଅବିର ବିକ୍ରି ହେଉଥିବା ଯାଞ୍ଚ ବେଳେ ଜଣାପଡ଼ିଛି । ତେବେ ଜନ ସାଧାରଣ କେମିକାଲମୁକ୍ତ ହର୍ବାଲ ରଙ୍ଗ ଖେଳନ୍ତି ଯାହାଦ୍ୱାରା ନିଜର ଓ ପରିବେଶର ମଧ କ୍ଷତି ହେବ ନାହିଁ ବୋଲି ପୋଲିସ ପରାମର୍ଶ ଦେଇଛି ।

### ଅପରେସନ ସାଇବର କବଚ

# ୨୨୪୫୫ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୨୮୯ ଗିରଫ

କଟକ(ନିପ୍ର): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପି.ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏପର୍ଯ୍ୟନ୍ତ 'ଅପରେସନ୍ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୨୪,୫୫୫ଟି ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି । ଏହା ସହ ବେନାମୀ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୮୨୭ଟି ସାଇବର ମାମଲା, ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ ୩୨ଟି ନୂଆ ମାମଲା, ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ୨୭ଟି ମାମଲା ଏବଂ ନକଲି ସିମ୍ ଓ ପିଓଏସ ଭେରିଫିକେସନ୍ ସମ୍ପର୍କିତ ୧୮ଟି ମାମଲା ରୁଜୁ ହୋଇଛି । ଏହାସହ ସମୁଦାୟ ୨୮୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ, ନୂଆ ମାମଲା ଓ ୧୭୧ଟି ପୁରୁଣା ଏଫ୍.ଆଇ.ଆର ସହ ସଂପୃକ୍ତ ସନ୍ଦିଗ୍ଧ ସହଯୋଗୀ ଓ ଆକାଉଣ୍ଟଧାରୀଙ୍କ ମଧ୍ୟରୁ ସମୁଦାୟ ୫,୩୮୦ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି । ଏହି ବିଶେଷ ଅଭିଯାନରେ ରାଉରକେଲା ଜିଲ୍ଲା ପୋଲିସ ୨୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୦ଟି ମାମଲା ରୁଜୁ କରିଥିବା ବେଳେ ୯ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲା ପୋଲିସ ୨୧୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩ଟି ମାମଲା ରୁଜୁ କରିବା ସହ ୨ ଜଣଙ୍କୁ ନୋଟିସ୍ ଜାରି କରିଛି । ଭୁବନେଶ୍ୱର କମିଶନେରେଟ ପୋଲିସ ୩୦୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରିଛି ଏବଂ ୬ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି । ସେହିପରି ଦେବଗଡ଼ ଜିଲ୍ଲା ପୋଲିସ ୫୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିବା ସହ ୨ ଜଣଙ୍କୁ ନୋଟିସ୍ ଜାରି କରିଛି । ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୭୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରି ୨ ଜଣଙ୍କୁ ନୋଟିସ୍ ଜାରି କରିଛି । ସମ୍ବଲପୁର ଜିଲ୍ଲା ପୋଲିସ ୧୦୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସଂପୃକ୍ତ ୧୪ଟି ଏବଂ ନକଲି ସିମ୍ ସଂପୃକ୍ତ ୨ଟି ମାମଲା ରୁଜୁ କରିବା ସହ ୧୭ ଜଣଙ୍କୁ ନୋଟିସ୍ ଜାରି କରିଛି । ସେହିପରି ଅନୁଗୁଳ ଜିଲ୍ଲା ପୋଲିସ ୧୪୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସଂପୃକ୍ତ ୧ଟି ମାମଲା ରୁଜୁ କରିଛି ଏବଂ ୨୨ଟି ପୁରୁଣା ଏଫ୍.ଆଇ.ଆର ସଂପୃକ୍ତିରେ ୨୩ ଜଣଙ୍କୁ ନୋଟିସ୍ ଜାରି କରିଛି । ଭଦ୍ରକ ଜିଲ୍ଲା ପୋଲିସ ୮୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିଛି । ଝାରସୁଗୁଡ଼ା ଜିଲ୍ଲା ପୋଲିସ ବେନାମୀ ଆକାଉଣ୍ଟ ସଂପୃକ୍ତ ୧ଟି ମାମଲା ରୁଜୁ କରିଛି । ସେହିପରି କେନ୍ଦୁଝର ଜିଲ୍ଲା ପୋଲିସ ୨୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସଂପୃକ୍ତ ୨୮ଟି, ଏଟିଏମ୍ ଟଙ୍କା ଉଠାଣ ସଂପୃକ୍ତ ୧ଟି ଏବଂ ଚେକ୍ ଟଙ୍କା ଉଠାଣ ସଂପୃକ୍ତ ୧ଟି ମାମଲା ରୁଜୁ କରିଛି । ଏହି କ୍ରମରେ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨୦ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି । ଗଞ୍ଜାମ ଜିଲ୍ଲା ପୋଲିସ ୧୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୁରୀ ଜିଲ୍ଲା ପୋଲିସ ୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩ଟି ମାମଲା ରୁଜୁ କରିଛି ଏବଂ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେହିପରି କଟକ କମିଶନରେଟ ପୋଲିସ ୯୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୩ ଜଣଙ୍କୁ ନୋଟିସ୍ ଜାରି କରିଛି । କନ୍ଧମାଳ ଜିଲ୍ଲା ପୋଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୬ ଜଣଙ୍କୁ ନୋଟିସ୍ ଜାରି କରିଛି । ବ୍ରହ୍ମପୁର ଜିଲ୍ଲା ପୋଲିସ ୨୪୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ପୁରୁଣା ଏଫ୍.ଆଇ.ଆର ଆଧାରରେ ୨୬୫ ଜଣଙ୍କୁ ନୋଟିସ୍ ଜାରି କରିଛି । ସେହିପରି ବୌଦ୍ଧ ଜିଲ୍ଲା ପୋଲିସ ୫୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୫୬ ଜଣଙ୍କୁ ନୋଟିସ୍ ଜାରି କରିଛି । ମାଲକାନଗିରି ଜିଲ୍ଲା ପୋଲିସ ୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ପୁରୁଣା ଏଫ୍.ଆଇ.ଆର ମାମଲାରେ ୨ ଜଣଙ୍କୁ ଗିରଫ କରିବା ସହ ୬ ଜଣଙ୍କୁ ନୋଟିସ୍ ଜାରି କରିଛି । କଳାହାଣ୍ଡି ଜିଲ୍ଲା ପୋଲିସ ୧୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ୪ ଜଣଙ୍କୁ ନୋଟିସ୍ ଜାରି କରିଛି । ଏତଦ୍‌ବ୍ୟତୀତ କଟକ ଗ୍ରାମାଞ୍ଚଳ (୪ଟି), ଜଗତସିଂହପୁର (୩ଟି), ଯାଜପୁର (୧୭୭ଟି), କେନ୍ଦ୍ରାପଡ଼ା (୪ଟି), ନୂଆପଡ଼ା (୨ଟି), ବଲାଙ୍ଗିର (୧୨୯ଟି), ବାଲେଶ୍ୱର (୧୯୭ଟି) ଏବଂ ଢେଙ୍କାନାଳ (୪୨ଟି) ଜିଲ୍ଲା ପୋଲିସ ପକ୍ଷରୁ ବେନାମୀ ଆକାଉଣ୍ଟ ଗୁଡ଼ିକର ଯାଞ୍ଚ କରାଯାଇଛି । ସେହିପରି ନୟାଗଡ଼ ଜିଲ୍ଲା ପୋଲିସ ୩୬ଟି ଆକାଉଣ୍ଟ ଯାଞ୍ଚ କରି ୨୦ ଜଣଙ୍କୁ ଏବଂ ମୟୂରଭଞ୍ଜ ଜିଲ୍ଲା ପୋଲିସ ୩୧୯ଟି ଆକାଉଣ୍ଟ ଯାଞ୍ଚ କରି ୩୫ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି । ରାଜ୍ୟବାସୀଙ୍କ ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ । ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡ଼ାକଡ଼ି ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି ।



ଭୁବନେଶ୍ୱର: ମାଟ୍ରିକ ପରୀକ୍ଷା ସରିବା ପରେ ଛାତ୍ରୀଛାତ୍ରୀଙ୍କ ମନରେ ଉତ୍ସାହ (ଫଟୋ-ଦିନଲିପି)

## ପାଟଲିଙ୍ଗା ଗ୍ରାମରେ ଦୋଳଯାତ୍ରା ମେଳନ



ଆଠଗଡ଼, ୨/୩(ନିପ୍ର): ଆଠଗଡ଼ ବ୍ଲକ ଅନ୍ତର୍ଗତ କୁଲାଇଲୋ ପଞ୍ଚାୟତ ପାଟଲିଙ୍ଗା ଗ୍ରାମରେ ଫାଲଗୁନ ଶୁକ୍ଳ ତ୍ରୟୋଦଶୀ ଦିନ ଦୋଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମର ସମସ୍ତ ଘର ଆଗରେ ଗୋମୟରେ ଲିପାପୋଛା କରିବା ସହିତ ମୁରୁଜରେ ବିଭିନ୍ନ ରଙ୍ଗ ବେରଙ୍ଗର ଚିତ୍ର କରାଯାଇଛି। ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବିମାନରେ ଚିତ୍ତାକର୍ଷକ ସାଜସଜ୍ଜା କରି ଆଖ ପାଖରୁ ଗ୍ରାମରୁ ଆସିଥିବା ନଅ ଖଣ୍ଡ ବିମାନ ତଳଗଡ, ଗୋପିନାଥପୁର, ଯୋରନ୍ଦା, କନ୍ତୋଲ , ରାଜନଗର , ବେଣ୍ଟପଦା, ପର୍ଶୁରାମ ପୁର, ତରଡିଙ୍ଗ, ପାଟଲିଙ୍ଗା ଆଦି ସମସ୍ତ ବିମାନ ଆସି ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିବା ପରେ ଗାଁ ସମସ୍ତ ଘରକୁ ଘର ଯାଇ ଭୋଗଲାଗି ହୋଇଥାଏ।

## ଭାରତୀୟ ସେନା ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ପଞ୍ଜୀକରଣ

ବଲାଙ୍ଗିର, ୨/୩(ନିପ୍ର): ଭାରତୀୟ ସେନା ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ପଞ୍ଜୀକରଣ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ୧୩ ଫେବୃଆରୀ ୨୦୨୬ରୁ ୦୧ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ହେବ। ଭାରତୀୟ ସେନା ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ପାଇଁ ୨୦୨୬-୨୭ ନିଯୁକ୍ତି ବର୍ଷ ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ) ପାଇଁ ପଞ୍ଜୀକରଣ ୧୩ ଫେବୃଆରୀ ୨୦୨୬ ରୁ ୧ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ଆରମ୍ଭ ହୋଇଛି । ଯୋଗ୍ୟ ପ୍ରାର୍ଥୀମାନେ ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ । ପଞ୍ଜୀକରଣ ଏବଂ ଆବେଦନ ପ୍ରକ୍ରିୟା ବୁଝାଇବା ପାଇଁ ଭିଡିଓ ୱେବସାଇଟରେ ଉପଲବ୍ଧ ଅଛି । ଆଶାୟୀମାନେ ପ୍ରଥମେ ଏକ ଅନଲାଇନ୍ ସିଇଇ ପାଇଁ ଉପସ୍ଥିତ ହେବାକୁ ପଡିବ, ଯାହା ଏକ କମ୍ପ୍ୟୁଟର ଆଧାରିତ ପରୀକ୍ଷା ହେବ । ପ୍ରତ୍ୟେକ ଆଶାୟୀ ଅନଲାଇନ୍ ସିଇଇରେ ଉପସ୍ଥିତ ହେବା ପାଇଁ ୨୫୦/- ଟଙ୍କା ପରୀକ୍ଷା ଦେୟ ଦେବାକୁ ପଡିବ । ଅନଲାଇନ୍ ସିଇଇ ଜୁନ୍ ୨୦୨୬ ରେ ଅନୁଷ୍ଠିତ ହେବାର ସମ୍ଭାବନା ଅଛି । ଅନଲାଇନ୍ ସିଇଇ ପାଇଁ ସ୍ଥିର ତାରିଖ ପରେ ଘୋଷଣା କରାଯିବ । ସେଥିପାଇଁ ଯାଞ୍ଚ କରନ୍ତୁ । ଯଦି କୌଣସି ପ୍ରଶ୍ନ ଥାଏ, ତେବେ ଓଡିଶା ରାଜ୍ୟର ଅନୁଗୁଳ, ବରଗଡ଼, ବଲାଙ୍ଗୀର, ଦେଓଗଡ, ଢେଙ୍କାନାଳ, ଝାରସୁଗୁଡା, କେନ୍ଦୁଝର, ସୁବର୍ଣ୍ଣପୁର, ସମ୍ବଲପୁର ଏବଂ ସୁନ୍ଦରଗଡ ଜିଲ୍ଲାର ଆଶାୟୀମାନେ ଆର୍ମି ରିକ୍ରୁଟିଂ ଅଫିସ ସମ୍ବଲପୁର ସହିତ ଲ୍ୟାଣ୍ଡଲାଇନ ନମ୍ବର ୦୬୬୩-୨୫୨୦୮୪୫ ରେ ଯୋଗାଯୋଗ କରିପାରିବେ ।

## ଷ୍ଟଡି ଇନ୍ ଇଣ୍ଡିଆ ଏଡୁ-ଡିପ୍ଲୋମାଟିକ କନକ୍ଲେଭ ୨୦୨୬ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୦୨/୩(ନିପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀରେ ଆୟୋଜିତ 'ଷ୍ଟଡି ଇନ୍ ଇଣ୍ଡିଆ' ଏଡୁ-ଡିପ୍ଲୋମାଟିକ କନକ୍ଲେଭରେ ବିଶ୍ୱର ୫୦ରୁ ଅଧିକ ଦେଶର ରାଷ୍ଟ୍ରଦୂତ, ହାଇକମିଶନର ଏବଂ କୂଟନୀତିଜ୍ଞ ମାନଙ୍କୁ ସମ୍ବୋଧିତ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଆସିଥିବା ବୈପ୍ଳବିକ ପରିବର୍ତ୍ତନ ଏବଂ ଭାରତକୁ ଏକ ବିଶ୍ୱସ୍ତରୀୟ ଶିକ୍ଷା କେନ୍ଦ୍ର ଭାବେ ଗଢ଼ିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ନିଜର ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଅର୍ଥାତ୍ ୨୦୪୭ ସୁଦ୍ଧା ଏକ 'ବିକଶିତ ରାଷ୍ଟ୍ର' ହେବାର ଲକ୍ଷ୍ୟ ରଖିଛି। ଏହି ସଂକଳ୍ପକୁ ସାକାର କରିବା ପାଇଁ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ବିଶ୍ୱ ଅର୍ଥନୀତିର ବର୍ତ୍ତମାନର ଅସ୍ଥିରତା ମଧ୍ୟରେ ଭାରତ ଏକ 'ଉଜ୍ଜ୍ୱଳ କେନ୍ଦ୍ର' ଭାବେ ଉଭା ହୋଇଛି, ଯାହା ଶିକ୍ଷାଦାନ, ଗବେଷଣା ଏବଂ ନବସୃଜନ ପାଇଁ ସାରା ବିଶ୍ୱକୁ ଏକ ସୁରକ୍ଷିତ ଓ ପ୍ରଗତିଶୀଳ ସ୍ଥାନ ପ୍ରଦାନ କରୁଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଏହି ନୀତି ଶିକ୍ଷାକୁ କେବଳ ଡିଗ୍ରୀ ହାସଲ ମଧ୍ୟରେ ସୀମିତ ନ ରଖି ଏହାକୁ କର୍ମନିପୁଣ ଏବଂ ବହୁମୁଖୀ କରିଛି। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଗୁଣବତା, ନବସୃଜନ ଏବଂ ସୁଲଭତା ଉପରେ ଧ୍ୟାନ ଦେଉଛି, ଯାହା ବିଶ୍ୱର ଯେକୌଣସି ଶିକ୍ଷାର୍ଥୀ ପାଇଁ ଏକ ଆକର୍ଷଣୀୟ ବିକଳ୍ପ।

## ରାଜଧାନୀରେ ପୁଣି ୧୨ ସିମ୍ ବକ୍ସ ଜବତ, ୨ ଗିରଫ



ଭୁବନେଶ୍ୱର,୨ ।୩ : ପୁଣି ଥରେ ରାଜଧାନୀ ଭୁବନେଶ୍ୱରରେ କମିଶନରେଟ୍ ପୋଲିସ ଏକ ସିମ୍ ବକ୍ସ ରାକେଟର ପର୍ଦ୍ଦାଫାସ କରିଛି । ଚନ୍ଦ୍ରଶେଖର ଥାନା ଅଞ୍ଚଳରୁ ସିମ୍ ବକ୍ସ ଜବତ ହୋଇଛି । ମୋଟ ୧୨ଟି ସିମ୍ ବକ୍ସ ମିଳିଥିବା ଜଣାପଡ଼ିଛି । ଏହା ସହିତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଉଭୟ କେରଳ ରାଜ୍ୟର । ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ସିମ୍ ବକ୍ସ ଜବତ କରିଛି । ଏମାନେ ବାଂଲାଦେଶର ବକ୍ସ ଏବଂ ଆସାମରୁ ସିମ୍ କିଣି ଭୁବନେଶ୍ୱରରେ କାମ କରୁଥିଲେ । ଏମାନେ ମଧ୍ୟ ପ୍ରାଚ୍ୟ ଦେଶର କଲ୍‌କୁ ଲୋକାଲ୍ କଲ୍‌ରେ ପରିବର୍ତ୍ତନ କରି ଲୋକଙ୍କୁ ଲୁଟୁ ଥିଲେ । ସୂଚନାଯୋଗ୍ୟ ଯେ ୨୦୨୪ ମସିହାରେ ଲକ୍ଷ୍ମୀସାଗର ଅଞ୍ଚଳରୁ ସିମ୍ ବକ୍ସ ଜବତ କରାଯାଇଥିଲା । ସିମ୍ ବକ୍ସ ଜରିଆରେ ପାକିସ୍ତାନ, ଚୀନ ଓ ମଧ୍ୟପ୍ରାଚ୍ୟ ଦେଶରୁ କଲ୍ ଆସୁଥିଲା । ମାଷ୍ଟର ମାଇଣ୍ଡ ବାଂଲାଦେଶୀ ନାଗରିକ ଆଶାଦ୍ଦୁର ଜମାନ ଥିଲା । ସେହିପରି ପଶ୍ଚିମବଙ୍ଗର ରାଜୁ ମଣ୍ଡଳ ଏଜେଣ୍ଟ ଭାବେ କରୁଥିଲା । ମୋଟ ୫ଟି ସିମ୍ ବକ୍ସ ସହ ୨୫୫ ସିମ୍ ଆକ୍ଟିଭ ସିମ୍ ମିଳିଥିଲା। ପ୍ରାୟ ୧ ହଜାର ସିମ୍ ମିଳିଥିବାବେଳେ ସେଥିରୁ ୫୮ଟି ଅବ୍ୟବହୃତ ଥିଲା ।

## ପୂର୍ବତଟ ରେଳପଥର ଅଧିକାରୀଙ୍କ ସହ ସମୀକ୍ଷା ବୈଠକ



ଭୁବନେଶ୍ୱର, ୨/୩(ପିଆଇବି): ରେଳ ସୁରକ୍ଷା ବଳ (ଜଚର)ର ମହାନିର୍ଦ୍ଦେଶକ ସୁଶ୍ରୀ ସୋନାଲି ମିଶ୍ର, ଆଇପିଏସ, ଆଜି ଭୁବନେଶ୍ୱରର ରେଳ ସଦନରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ରେଳ ସୁରକ୍ଷାକୁ ସୁଦୃଢ଼ କରିବା, ଯାତ୍ରୀ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବା, ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ସମଗ୍ର ଜୋନରେ ସୁଗମ ଏବଂ ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଆନ୍ତଃବିଭାଗୀୟ ସମନ୍ୱୟକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଟ୍ରାକରେ ଯାତ୍ରୀଙ୍କ ସୁରକ୍ଷା, ଅନୁପ୍ରବେଶ ରୋକିବା ଏବଂ ରେଳ ଲାଇନ ପାର ହେବା ଭଳି ଅସୁରକ୍ଷିତ ଅଭ୍ୟାସକୁ ରୋକିବା ପାଇଁ ପଦକ୍ଷେପଗୁଡ଼ିକର ମଧ୍ୟ ବିସ୍ତୃତ ସମୀକ୍ଷା କରାଯାଇଥିଲା। ମହିଳା, ଶିଶୁ, ବରିଷ୍ଠ ନାଗରିକ ଏବଂ ଅନ୍ୟାନ୍ୟ ଦୁର୍ବଳ ଗୋଷ୍ଠୀଙ୍କ ସୁରକ୍ଷା ଏବଂ ମର୍ଯ୍ୟାଦା ପ୍ରତି ବିଶେଷ ଧ୍ୟାନ ଦେଇ ସୁରକ୍ଷା ପରିଚାଳନା ପାଇଁ ଏକ ସକ୍ରିୟ, ସମ୍ବେଦନଶୀଳ ଏବଂ ଯାତ୍ରୀ ଅନୁକୂଳ ଆଭିମୁଖ୍ୟ ଗ୍ରହଣ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ପାର୍ବଣ ଋତୁରେ ଭିଡ଼ ପରିଚାଳନା, ସମ୍ବେଦନଶୀଳ ସ୍ଥାନରେ ଆରପିଏଫ କର୍ମଚାରୀଙ୍କ ନିୟୋଜନ ଏବଂ ଷ୍ଟେସନ ପରିସର ଓ ପରିବହନ କ୍ଷେତ୍ରଗୁଡ଼ିକର ପ୍ରଭାବଶାଳୀ ତଦାରଖ ସମ୍ବନ୍ଧୀୟ ବ୍ୟବସ୍ଥା ଉପରେ ମହାନିର୍ଦ୍ଦେଶକ ସମୀକ୍ଷା କରିଥିଲେ।

## ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏସଓପି ଜାରି

ଭୁବନେଶ୍ୱର, ୨/୩(ନିପ୍ର): ରାଜ୍ୟରେ ଆଗାମୀ ଦିନର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କ ପାଇଁ ବିଭାଗ ପକ୍ଷରୁ ଏସଓପି ଜାରି କରାଯାଇଛି। ଏନେଇ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ତରଫରୁ ଚିଠି କରାଯାଇଛି। ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ଯଥା ସମ୍ଭବ ସକାଳ ସମୟରେ କ୍ଲାସ କରିବା ସହ ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଅପରାହ୍ନରେ ଛାତ୍ରଛାତ୍ରୀମାନେ ଖେଳକୁଦ ନ କରିବା ପାଇଁ କୁହାଯାଇଛି। ପ୍ରତ୍ୟେକ ଉଚ୍ଚଶିକ୍ଷାନୁଷ୍ଠାନ କ୍ୟାମ୍ପସ, କମନ ରୁମ୍, ହଷ୍ଟେଲ ଓ ପରୀକ୍ଷାକେନ୍ଦ୍ର ମାନଙ୍କରେ ପାନୀୟ ଜଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହ ଓଆରଏସ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କଲେଜ ଏବଂ ପରୀକ୍ଷା କେନ୍ଦ୍ରମାନଙ୍କରେ ଫାଷ୍ଟଏଡ଼ କିଟ୍ ରଖିବା ସହ ଆଶୁ ଚିକିତ୍ସା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ କୁହାଯାଇଛି।

## ସିଭିଲ କୋର୍ଟକୁ ପୁଣି ବୋମା ଧମକ

ସମ୍ବଲପୁର,୨ ।୩ : ସିଭିଲ କୋର୍ଟକୁ ବୋମା ଧମକ ମିଳିବା ପରେ ସମ୍ବଲପୁର ପୋଲିସ ସୁରକ୍ଷା ବ୍ୟବସ୍ଥା କଡାକଡି କରିଛି । ସୋମବାର ସକାଳୁ ସମ୍ବଲପୁର ଜିଲ୍ଲା ସିଭିଲ କୋର୍ଟ, ଏସଡିଜେଏମ୍ କୋର୍ଟ, ଏସ୍‌ପି ଅଫିସ, ପାର୍କିଂ ଅଞ୍ଚଳକୁ ସ୍ୱତନ୍ତ୍ର ପୋଲିସ ଟିମ ଦ୍ୱାରା ଯାଞ୍ଚ କରାଯାଇଛି । ପୂର୍ବରୁ ବି ଆସିଥିଲା ଧମକ । ବମ ସ୍କ୍ୱାଡ, ଡଗ ସ୍କ୍ୱାଡ ମେଟାଲ ଡିଟେକ୍ଟର ସାହାଯ୍ୟରେ ଯାଞ୍ଚ କରିଛନ୍ତି । କୋର୍ଟର ଉଭୟ ଗେଟ୍‌ରେ ପୋଲିସ ଯାଞ୍ଚ କରିଥିବା ବେଳେ କଚେରି ଛକରେ ପୋଲିସ ବ୍ୟାରିକେଡ ବ୍ୟବସ୍ଥା କରିବା ସହ କୋର୍ଟ ଅଞ୍ଚଳକୁ ଯାଉଥିବା ଲୋକଙ୍କୁ ପରିଚୟ ପତ୍ର ଯାଞ୍ଚ କରୁଛି ପୋଲିସ । ଏହି ଘଟଣା ନେଇ ଜଣେ ପଦାଧିକାରୀ କହିଛନ୍ତି, 'ଗତକାଲି ରାତିଠୁ ପୋଲିସ ସୁରକ୍ଷା ବଢାଇଛି । କିଏ ଓ କାହିଁକି ମେଲ କରିଛି ତାର ତଦନ୍ତ ଚାଲିଛି । ଗତ ରବିବାର ରାତିରେ ଧମକପୂର୍ଣ୍ଣ ମେଲ୍ କୋର୍ଟ ରେଜିଷ୍ଟରଙ୍କ ମେଲ୍ ଆସିଥିବାର ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ଗତ ଜାନୁଆରୀ ୮ରେ ସମ୍ବଲପୁର କୋର୍ଟକୁ ଧମକପୂର୍ଣ୍ଣ ମେଲ ଆସିଥିବା ବେଳେ ରବିବାର ରାତିରେ ମଧ ଏହିଭଳି ଏକ ମେଲ ଆସିଥିଲା ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସିଆଇଏସଏଫ ଡିଜି ପ୍ରବୀର ରଂଜନଙ୍କ ସୌଜନ୍ୟମୂଳକ ସାକ୍ଷାତ (ଫଟୋ- ଦିନଲିପି)

## ମାର୍ଚ୍ଚ ୫ରେ ପାଳନ ହେବ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

ଭୁବନେଶ୍ୱର, ୨/୩(ନିପ୍ର): ଏ ବର୍ଷ ମାର୍ଚ୍ଚ ୫ ତାରିଖରେ ରାଜ୍ୟବ୍ୟାପୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯିବ ବୋଲି ବିଜୁ ଜନତା ଦଳ ତରଫରୁ ସୂଚନା ପ୍ରଦାନ କରାଯାଇଛି। ସୋମବାର ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ବିଜୁ ଜୟନ୍ତୀ ଅବସରରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଦେବୀ ପ୍ରସାଦ ମିଶ୍ର କହିଲେ, ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ, ବିଜୁ ଜୟନ୍ତୀ ପାଇଁ ମାର୍ଚ୍ଚ ୫ ତାରିଖରେ ସ୍ଥିରୀକୃତ ହୋଇଥିବା କାର୍ଯ୍ୟକ୍ରମ ଗୁଡିକ ବିଷୟରେ ରାଜ୍ୟର ସମସ୍ତ ଜିଲ୍ଲା ସଭାପତି ଓ ସମସ୍ତ ନିର୍ବାଚନ ମଣ୍ଡଳୀର ନେତୃତ୍ୱଙ୍କୁ ଜଣାଇ ଦିଆଯାଇଛି।

## ମାର୍ଚ୍ଚ ୨୫ରେ ହେବ ରତ୍ନଭଣ୍ଡାର ଗଣତି ମଣତି

ପୁରୀ, ୨ ।୩(ନିପ୍ର) : ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ମାର୍ଚ୍ଚ ୨୫ରେ ହେବ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି । ଚୈତ୍ର ଶୁକ୍ଳ ସପ୍ତମୀ ତିଥିରେ ହେବ ଗଣତି ମଣତି । ଅପରାହ୍ନ ୧ଟା ୪୫ ମିନିଟରୁ ଆରମ୍ଭ ହେବ ଅଳଙ୍କାର ଗଣତି ମଣତି।



ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ସରକାରଙ୍କ ଏସଓପି ଅନୁଯାୟୀ ଗଣତି ମଣତି କରାଯିବ । ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଏସପି ଙ୍କ ସହିତ ପରିଚାଳନା କମିଟି ସଦସ୍ୟ ମାନେ ଯୋଗ ଦେଇଥିଲେ। ପୂର୍ବରୁ ରତ୍ନଭଣ୍ଡାର ରତ୍ନ ଅଳଙ୍କାରର ଗଣତି ମଣତି ପାଇଁ ଏସଓପି ପ୍ରସ୍ତୁତ ହୋଇଥିବାବେଳେ ତାରିଖ ଓ ଶୁଭ ବେଳା ସ୍ଥିର କରାଯାଇଛି।

## ରାଜ୍ୟସଭା: ବିଜେପି ଦେବ ୩ ପ୍ରାର୍ଥୀ

ଭୁବନେଶ୍ୱର,୨ ।୩: ରାଜ୍ୟସଭା ନିମନ୍ତେ ବିଜେପି ୩ ପ୍ରାର୍ଥୀ ଦେବ। ଏନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟସଭା ନିର୍ବାଚନ ପାଇଁ ଶାସକ ଭାରତୀୟ ଜନତା ପାର୍ଟି ୩ ଜଣଙ୍କୁ ପ୍ରାର୍ଥୀ କରିବ। ଆସନ୍ତା ୫ ତାରିଖରେ ଏହି ୩ ଜଣ ପ୍ରାର୍ଥୀ ନାମାଙ୍କନ ଭରିବେ ବୋଲି ସୂଚନା ଦିଆଯାଇଛି। ରାଜ୍ୟସଭା ପାଇଁ ୪ ଆସନ ଖାଲି ପଡୁଥିବା ବେଳେ ସଂଖ୍ୟା ଗରିଷ୍ଠତା ଦୃଷ୍ଟିରୁ ବିଜେପି ୨ ଆସନ ଓ ବିଜେଡ଼ି ଗୋଟିଏ ଆସନ ଜିତିବା ସୁନିଶ୍ଚିତ। ଚତୁର୍ଥ ଆସନ ପାଇଁ ବିଜେଡି କଂଗ୍ରେସ କମନ ପ୍ରାର୍ଥୀଙ୍କୁ ସମର୍ଥନ ଘୋଷଣା କରି ସାରିଥିବା ବେଳେ ବିଜେପି ଏହାକୁ କଡ଼ା ଟକ୍କର ଦେବା ଆରମ୍ଭ କରି ଦେଇଛି।

## ଇନ୍‌ଟାକ୍, ଭଦ୍ରକର ଐତିହ୍ୟ ପଦଯାତ୍ରା

ଭଦ୍ରକ, ୨/୩(ନିପ୍ର) : ଇନ୍‌ଟାକ ଭଦ୍ରକ ଶାଖାର ଐତିହ୍ୟ ପଦଯାତ୍ରା କନ୍‌ଭେନର ଦିଗମ୍ବର ମହାନ୍ତି ଓ ଅଜିତ୍ କୁମାର ଦାସଙ୍କ ନେତୃତ୍ୱରେ ଅଜିତ୍ କୁମାର ନାୟକ ଓ ମୁକ୍ତିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଐତିହ୍ୟ ସ୍ଥଳୀ ନୀଳଗିରିର ପ□ଲିଙ୍ଗେଶ୍ୱର, ଜଗନ୍ନାଥ ମନ୍ଦିର, ଭୂଧାର ଚଣ୍ଡି ମନ୍ଦିର, ନିତାଇଗୌର ଆଶ୍ରମ ଓ କୁମ୍ଭକ୍ଷେତ୍ର ଆଦି ବିଭିନ୍ନ ଐତିହ୍ୟ ପର୍ଯ୍ୟଟନସ୍ଥଳୀର ବିକାଶ ଓ ସୁରକ୍ଷା ସମ୍ପର୍କରେ ଅନୁଧ୍ୟାନ ସହ ସର୍ବେକ୍ଷଣ କରାଯାଇଥିଲା। ଏହି ପଦଯାତ୍ରାରେ ଶାଖାର ଆଜୀବନ ଓ ସାଧାରଣ ସଦସ୍ୟ ସଦସ୍ୟା ୩୧ ଜଣ ସାମିଲ ଥିଲେ।

## ଏମ୍‌ସିଏଲ୍‌ର ବାର୍ଷିକ ଖଣି ସୁରକ୍ଷା ପକ୍ଷ




ସମ୍ବଲପୁର, ୨/୩(ନିପ୍ର): ଖଣି ମହାନିର୍ଦ୍ଦେଶାଳୟର ତତ୍ତ୍ୱାବଧାନରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ରେ ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍‌ଏସ୍‌ଏଫ୍) ୨୦୨୫-୨୬ର ପୁରସ୍କାର ବିତରଣ ତଥା ସମାପନ ସମାରୋହକୁ ଏକ ଭବ୍ୟ ଅନ୍ତିମ ଦିବସ ଭାବରେ ଆୟୋଜନ କରାଯାଇଛି। ଯାହା 'ଏମ୍‌ସିଏଲ୍‌ରେ ସୁରକ୍ଷା ଏକ ଦାୟିତ୍ୱ ନୁହେଁ, ବରଂ ଏହା ଏକ ମୂଳ ଲକ୍ଷ ନୀତି ପ୍ରତି ଏହାର ଅତୁଟ ପ୍ରତିବଦ୍ଧତାକୁ ଦୋହରାଇ ଥିଲା। ଉଜ୍ଜ୍ୱଳ ତାହ, ମହାନିର୍ଦ୍ଦେଶକ ଏବଂ ସିଆଇଏମ, ଡିଜିଏମଏସ ଧନବାଦ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏହି ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ)ପିକେ ପଟେଲ, ସିଭିଓ; ଏକେ ବେହୁରା, ନିର୍ଦ୍ଦେଶକ (ଅର୍ଥ); ଏସକେ ଝା, ନିର୍ଦ୍ଦେଶକ (ବୈଷୟିକ-ଅପରେସନ୍/ପି ଆଣ୍ଡ ପି); ଏରିଆ ଜେନେରାଲ୍ ମ୍ୟାନେଜର ଭୁବନେଶ୍ୱରୀ ଅଞ୍ଚଳ-୧ ଏବଂ ୨ର ଡି.ଏମ୍.ଏସ୍. ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ୩୨ କୋଟିର ଅଦୃଶ୍ୟ ବିକାଶ ଓ ମରାମତି ନାମରେ କୋଟି କୋଟିର ହରିଲୁଟ !

ଧାମନଗର,୨/୩(ନିପ୍ର): ସରକାର ବଦଳୁଛି, ମନ୍ତ୍ରୀ ବଦଳୁଛନ୍ତି, କିନ୍ତୁ ବଦଳୁନି ଧାମନଗର-ଫଳପୁର ରାସ୍ତାର ଭାଗ୍ୟ। ଦୀର୍ଘ ୨୦ ବର୍ଷ ଧରି ପ୍ରତାରଣାର ଶିକାର ହେଉଛନ୍ତି ପାଖାପାଖି ୧୦ଟି ପଞ୍ଚାୟତର ଜନସାଧାରଣ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଏହି ରାସ୍ତାଟି ଏବେ କେବଳ ଗେଟି ଆଉଗାଡର ସମାହାର ପାଲଟିଛି। ଯେଉଁଠି ଦୈନିକ ଦୁର୍ଘଟଣା ଏବେ ଏକ ନିତିଦିନିଆ ଘଟଣା ହୋଇଛି।୨୦୦୪ ମସିହାରେ ତତ୍କାଳୀନ ମନ୍ତ୍ରୀ ମନ୍‌ମୋହନ ସାମଲଙ୍କ ବଳିଷ୍ଠ ଉଦ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ପାଇଁ ଅନୁଦାନ ଆସିଥିଲା। ଲୋକେ ଆଶା କରିଥିଲେ ଯେ ସେମାନଙ୍କ ଗମନାଗମନ ସହଜ ହେବ। ମାତ୍ର ବିଡ଼ମ୍ବନାର ବିଷୟ, ଦୁଇ ଦଶନ୍ଧି ବିତି ଯାଇଥିଲେ ମଧ୍ୟ ଏହି ରାସ୍ତା କାମ ଶେଷ ହେବା ପରିବର୍ତ୍ତେ ବର୍ଷକୁ ବର୍ଷ ଖରାପ ହେବାରେ ଲାଗିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାସନ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ମରାମତି ନାମରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କାର ଚଳୁ କରାଯାଉଛି, କିନ୍ତୁ ରାସ୍ତାର ଅବସ୍ଥା ଶୁଧୁରୁ ନାହିଁ। ଗତ ବର୍ଷେ ଧାମନଗର ବିଧାୟକ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଏହି ରାସ୍ତାର ସମ୍ପ୍ରସାରଣ ଓ ନବୀକରଣ ପାଇଁ ୩୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ଚର୍ଚ୍ଚା ଜୋର ଧରିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। କିନ୍ତୁ ବର୍ଷେ ବିତିଯାଇଥିଲେ ବି ଧାମନଗର-ଫଳପୁର ରାସ୍ତାରେ ବିକାଶର କୌଣସି ଚିହ୍ନବର୍ଣ୍ଣ ନାହିଁ। ତେବେ ପ୍ରଶ୍ନ ଉଠୁଛି, ଯଦି ଅର୍ଥ ମଞ୍ଜୁର ହୋଇଛି, ତେବେ କାମ ଆରମ୍ଭ ନହେବାର ରହସ୍ୟ କ'ଣ ? ରାସ୍ତା ମଝିରେ ମାସେ ହେଲା ସୃଷ୍ଟି ହୋଇଥିବା ବିଭିନ୍ନ ସ୍ଥାନରେ ଖାଲ ସହ ଗାତ ଗୁଡ଼ିକ ଏବେ ମୃତ୍ୟୁର ସଙ୍କେତ ଦେଉଛନ୍ତି। ଏହି ରାସ୍ତା ଉପରେ ଦଶଟି ପଞ୍ଚାୟତର ହଜାର ହଜାର ଚାଷୀ, ଛାତ୍ରଛାତ୍ରୀ ଏବଂ ରୋଗୀ ନିର୍ଭର କରନ୍ତି। ଏହି ପଥ ଦେଇ ପ୍ରତିଦିନ ଅନ୍ୟ ଜିଲ୍ଲାକୁ ଭାରୀ ଯାନ ଓ ଯାତ୍ରୀବାହୀ ବସ୍ ଚଳାଚଳ କରେ। ରାସ୍ତାର ଅବସ୍ଥା ଯୋଗୁଁ ବସ୍ ମାଲିକମାନେ ମଧ୍ୟ ଗାଡ଼ି ଚଳାଇବାକୁ ଭୟ କରୁଛନ୍ତି। ଗତ ଏକ ମାସ ମଧ୍ୟରେ ଏହି ରାସ୍ତାରେ ଅନେକ ଦୁର୍ଘଟଣା ଘଟି ସାରିଥିଲେ ମଧ୍ୟ ପ୍ରଶାସନ ଏବେ ବି କୁମ୍ଭକର୍ଣ୍ଣ ନିଦ୍ରାରେ।ରାସ୍ତା ପାଇଁ ମଞ୍ଜୁର ହୋଇଥିବା ୩୨ କୋଟି ଟଙ୍କାର କାର୍ଯ୍ୟାଦେଶ କେବେ କାର୍ଯ୍ୟକାରୀ ହେବ, ସେ ନେଇ ସ୍ପଷ୍ଟୀକରଣ ଦାବି କରିଛନ୍ତି ଅଞ୍ଚଳବାସୀ। ଯଦି ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜିଲ୍ଲା ଲୋକ ଅଭିଯୋଗ କୋଷରେ ୧୪୮ଟି ଅର୍ଜି ଗ୍ରହଣ

ଭଦ୍ରକ, ୨/୩(ନିପ୍ର): ଭଦ୍ରକ କଲେକ୍ଟରେଟ୍ ପ୍ରାଙ୍ଗଣରେ ସୋମବାର ଜିଲ୍ଲା ଲୋକ ଅଭିଯୋଗ କୋଷ (ଜୟଣ୍ଟ ଗ୍ରିଭାନ୍ସ ସେଲ୍) ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୁଣାଣିରେ ପୁଲିସ ଅଧୀକ୍ଷକ ମଧ୍ୟ ଉପସ୍ଥିତ ଥିଲେ।ଏହି ଅଭିଯୋଗ ଶୁଣାଣିରେ ମୋଟ ୧୪୮ଟି ଅର୍ଜି ଗ୍ରହଣ କରାଯାଇଥିଲା। ସେଥିରୁ ୧୦୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୨ଟି ଗ୍ରାମୀଣ ସମସ୍ୟା ସମ୍ପର୍କିତ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଅନ୍ତର୍ଗତ କୌଣସି ଅର୍ଜି ମିଳିନଥିଲା। ରେଡକ୍ରସ୍ ସହାୟତା ପାଇଁ ୧୮ଟି ଅର୍ଜି ଗ୍ରହଣ କରାଯାଇଥିଲା।୪୨ଟି ଅର୍ଜିର ସ୍ଥଳରେ ତତ୍‌କ୍ଷଣାତ ସମାଧାନ କରାଯାଇଥିଲା । ଜିଲ୍ଲା ରେଡ୍ କ୍ରସ୍ ଫଣ୍ଡ ମାଧ୍ୟମରେ ଆବଶ୍ୟକତାଭୋଗୀ ଲୋକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଲାଭାନ୍ୱିତଙ୍କ ପାଇଁ ୮୦,୦୦୦/- ଟଙ୍କା ଅନୁମୋଦନ କରାଯାଇଛି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ